R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୧୨
ତିଥି : ସପ୍ତମୀ
୨୫ ଜାନୁଆରୀ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ


# ସମୟ

ସମୟ SAMAYA


ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 112
25 January 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




## ଭାରତ ଉପରୁ ୨୫% ଶୁଳ୍କ କମାଇବ ଆମେରିକା



ୱାଶିଂଟନ୍, ୨୪ ।୧ : ରୁଷ ଠାରୁ ତେଲ କିଣୁଥିବା ଭାରତ ଉପରେ ଆମେରିକା ଲାଗୁ କରିଥିବା ୫୦% ଟାରିଫକୁ ଅଧା କରିବାର ସଙ୍କେତ ଦେଇଛି । ଆମେରିକାର ଟାରିଫ ଲାଗୁ ପରେ ଭାରତ ପକ୍ଷରୁ ରୁଷ ଠାରୁ ତେଲ ଆମଦାନୀ ଅପେକ୍ଷାକୃତ ହ୍ରାସ ପାଇଛି । ଏଥିପାଇଁ ଆମେରିକା ୨୫% ଟାରିଫ ହ୍ରାସ କରିପାରେ ବୋଲି ଦେଶର ଟ୍ରେଜେରୀ ସେକ୍ରେଟାରୀ ସ୍କଟ ବେସେଣ୍ଟ ସୂଚନା ଦେଇଛନ୍ତି । ଆମେରିକାର ଗୋଟିଏ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ବେସେଣ୍ଟ କହିଛନ୍ତି ଯେ ରୁଷ ଠାରୁ ଭାରତ ଆମଦାନୀ କରୁଥିବା ତେଲର ପରିମାଣକୁ ଯଥେଷ୍ଟ ହ୍ରାସ କରିଛି । ଏଥିଯୋଗୁ ଭାରତୀୟ ଦ୍ରବ୍ୟଗୁଡ଼ିକ ଉପରେ ୨୫% ଟାରିଫ ହ୍ରାସ କରିବାକୁ ଗୋଟିଏ ଉପଯୁକ୍ତ ପରିବେଶ ସୃଷ୍ଟି ହୋଇଛି ।

ଆମେରିକା ପକ୍ଷରୁ ୨ଟି ଆଧାରରେ ଭାରତୀୟ ଦ୍ରବ୍ୟ ଗୁଡ଼ିକ ଉପରେ (୯ ପୃଷ୍ଠାରେ)

## ବିବାହ ଉତ୍ସବରେ ଆତ୍ମଘାତୀ ବିସ୍ଫୋରଣ : ୭ ମୃତ

ଇସଲାମାବାଦ, ୨୪ ।୧ : ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଏକ ଭୟଙ୍କର ଆତଙ୍କବାଦୀ ଘଟଣା ଘଟିଛି । ଯାହା ସମଗ୍ର ଦେଶକୁ ଥରାଇ ଦେଇଛି । ଖାଇବର ପଖତୁନଖ୍ୱାରେ ଆତଙ୍କବାଦୀଙ୍କ ବଢୁଥିବା ଆକ୍ରମଣ ଘଟଣା ମଧ୍ୟରେ ଏକ ବିବାହ ଉତ୍ସବକୁ ଜଣେ ଆତ୍ମଘାତୀ ବିସ୍ଫୋରଣକାରୀ ଟାର୍ଗେଟ କରିଛନ୍ତି । ଏହି ଆକ୍ରମଣରେ ଏପର୍ଯ୍ୟନ୍ତ ୭ ଜଣଙ୍କ ଜୀବନ ଯାଇଛି । ପ୍ରାୟ ୨୫ ଜଣ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ସ୍ଥାନୀୟ ଅଧିକାରୀଙ୍କ ଅନୁଯାୟୀ, ଲୋକମାନେ ଉତ୍ସବ ପାଳନ କରୁଥିବା ବେଳେ ଏହି ଆକ୍ରମଣ ଘଟିଥିଲା । ଡେରା ଇସମାଇଲ ଖାନ ଜିଲ୍ଲାରେ ସରକାର ସମର୍ଥକ ସମ୍ପ୍ରଦାୟ ନେତା ନୁର ଆଲାମ ମେହସୁଦଙ୍କ ବାସଭବନରେ ଏକ ବିବାହ ସମୟରେ ଏହି ଆତ୍ମଘାତୀ ଆକ୍ରମଣ ଘଟିଥିଲା । ବିସ୍ଫୋରଣ ସମୟରେ, ଘର ଭିତରେ ଅତିଥିମାନଙ୍କର ଭିଡ଼ ଥିଲା । ସ୍ଥାନୀୟ ପୁଲିସ ମୁଖ୍ୟ ଆଦନାନ ଖାନ ନିଶ୍ଚିତ କରିଛନ୍ତି ଯେ, ଆକ୍ରମଣକାରୀ ଭିଡ଼ର ସୁଯୋଗ ନେଇ ବୋମା ବିସ୍ଫୋରଣ କରିଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁସାରେ, ବିବାହ ଉତ୍ସବରେ ଲୋକମାନେ ସଙ୍ଗୀତର ତାଳେତାଳେ ନାଚୁଥିଲେ ଓ ଖାଦ୍ୟର ମଜା ନେଉଥିଲେ । ହଠାତ୍ ଜୋରରେ ବିସ୍ଫୋରଣ ହୋଇଥିଲା । ଲୋକଙ୍କ ଚିତ୍କାର ସହିତ ସମଗ୍ର ଅଞ୍ଚଳ କଳା ଧୂଆଁ ବ୍ୟାପି ଯାଇଥିଲା । ଉତ୍ସବ ସ୍ଥଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଲୋକେ ସେମାନଙ୍କ ପ୍ରିୟଜନଙ୍କୁ ଖୋଜିବା ପାଇଁ ଦୌଡ଼ାଦୌଡ଼ି କରିବାକୁ ଲାଗିଥିଲେ ।

## ଟି-୨୦ ବିଶ୍ୱକପରୁ ବାଂଲାଦେଶ ଆଉଟ୍

### ସାମିଲ ହେଲା ସ୍କଟଲାଣ୍ଡ




ନୂଆଦିଲ୍ଲୀ,୨୪।୧: ଆଗାମୀ ଟି-୨୦ ବିଶ୍ୱକପରୁ ବିଧିବଦ୍ଧ ଭାବେ ବାଂଲାଦେଶକୁ ବାଦ ଦେଇଛି ଆଇସିସି । ବାଂଲାଦେଶ ବଦଳରେ ସ୍କଟଲାଣ୍ଡକୁ ବିଶ୍ୱକପରେ ସାମିଲ କରାଯାଇଛି । ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ ଆରମ୍ଭ ହେବାକୁଯାଉଛି । ସୁରକ୍ଷାର ଆଳ ଦେଖାଇ ବିସିବି ନିଜ ଦଳକୁ ଭାରତ ପଠାଇବ ନାହିଁ ଓ ଭାରତ ବଦଳରେ ଶ୍ରୀଲଙ୍କାରେ ମ୍ୟାଚ ଖେଳିବାକୁ ଅଡି ବସିଥିଲା ବିସିବି । ଆଇସିସି ବାରମ୍ବାର ଏହି ପ୍ରସଙ୍ଗରେ ବୁଝାଇବା ସହ ଭାରତରେ ସୁରକ୍ଷା ଗ୍ୟାରେଣ୍ଟକୁ ନିଶ୍ଚିତ କରିଥିଲା । ତଥାପି ବାଂଲାଦେଶ କ୍ରିକେଟ୍ ବୋର୍ଡ ନିଜ ସରକାର ଓ (୯ ପୃଷ୍ଠାରେ)

## ରାଜ୍ୟରେ ସଂସ୍କାର କାର୍ଯ୍ୟ ତ୍ୱରାନ୍ୱିତ

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନିତି ଆୟୋଗ ଉପାଧ୍ୟକ୍ଷ

### ଭୁବନେଶ୍ୱରକୁ ଏକ ବିକଶିତ ସହର କରିବାକୁ ପରାମର୍ଶ

### ନିତି ଆୟୋଗ ସହିତ ସହଭାଗୀତା ରଖିଛୁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୪।୧ (ସବ୍ୟୁ) : ଓଡ଼ିଶା ସରକାର ଏବଂ ନିତି ଆୟୋଗ ମଧ୍ୟରେ ଗଭୀର ସହଭାଗୀତାକୁ ଗୁରୁତ୍ୱାରୋପ କରାଯାଇଛି । ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ,ସଦସ୍ୟ ଡକଟର ଅରବିନ୍ଦ ବୀରମଣି ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଥିଲେ । ବୈଠକରେ ଓଡ଼ିଶାର ବିକାଶ ପ୍ରାଥମିକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜାରି ରାଜ୍ୟ ସରକାର ଏବଂ ନୀତି ଆୟୋଗ ମଧ୍ୟରେ ସଂସ୍କାର ଏବଂ ଭବିଷ୍ୟତ ସହଯୋଗ ଜାରି ରହିଛି ।

ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଭିତ୍ତିଭୂମି ଏବଂ ସଂଯୋଗୀକରଣ କ୍ଷେତ୍ରରେ ଓଡ଼ିଶା ଦ୍ୱାରା ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଉପରେନିତି ଆୟୋଗ ଆଲୋକପାତ କରିଥିଲେ । ବିଶେଷକରି ରାସ୍ତା, ଜଳସେଚନ, ବିଦ୍ୟୁତ୍ ଏବଂ ଲଜିଷ୍ଟିକ୍ସ, ଯାହା ଶିଳ୍ପ ପ୍ରସାର ଏବଂ ଗ୍ରାମୀଣ ଅଭିବୃଦ୍ଧି ଉଭୟକୁ ଚାଳିତ କରୁଛି । ସେ ଏମଏସଏମଇ ଗୁଡ଼ିକୁ ସୁଦୃଢ଼ କରିବା, ଉତ୍ପାଦନ କ୍ଲଷ୍ଟର ବିକାଶ କରିବା, ନିବେଶ ଆକର୍ଷିତ କରିବା ଏବଂ ସ୍ଥାନୀୟ ଆର୍ଥିକ ସମ୍ଭାବନା ସହିତ ସମନ୍ୱିତ ଦକ୍ଷତା ବିକାଶ ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରିବା ପ୍ରତି ରାଜ୍ୟର କେନ୍ଦ୍ରିତ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ରର ବିକାଶ ପାଇଁ ନୀତି ଆୟୋଗର ସମର୍ଥନ ଲୋଡ଼ିଥିଲେ, ଯାହାକୁ ରାଜ୍ୟ ପାଇଁ ଅଭିବୃଦ୍ଧି ଏବଂ ଦ୍ରୁତ ସହରୀକରଣର ଏକ ପ୍ରମୁଖ ଇଞ୍ଜିନ ଭାବରେ ପରିକଳ୍ପିତ କରାଯାଇଛି । ସେ ରେଖାଙ୍କିତ କରିଥିଲେ ଯେ ପ୍ରାୟ ୯୦ ଟି ପ୍ରାଥମିକତା ପ୍ରକଳ୍ପ ସହିତ ପ୍ରସ୍ତାବିତ ଅର୍ଥନୈତିକ କ୍ଷେତ୍ର (୯ ପୃଷ୍ଠାରେ)

## ମୋଦୀ ବାଣ୍ଟିଲେ ୬୧ ହଜାର ନିଯୁକ୍ତି ପତ୍ର



ନୂଆଦିଲ୍ଲୀ, ୨୪ ।୧ : ୬୧,୦୦୦ ଯୁବକ ଯୁବତୀଙ୍କୁ ବଡ଼ ଭେଟି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ୧୮ ତମ ନିଯୁକ୍ତି ମେଳାରେ ୬୧,୦୦୦ ଯୁବକ ଓ ଯୁବତୀଙ୍କୁ ସରକାରୀ ସେବା ପାଇଁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ନିଯୁକ୍ତି ପତ୍ରକୁ ନେସନ୍ ବିଲ୍ଡିଂ ବା ରାଷ୍ଟ୍ର ନିର୍ମାଣ ଭାବେ ବର୍ଣ୍ଣନା କରିଛନ୍ତି ମୋଦୀ । ଅର୍ଥାତ୍ ଏହି ନୂଯୁକ୍ତି ପତ୍ର ଦ୍ୱାରା କେବଳ ଯୁବକ ଯୁବତୀଙ୍କୁ ଚାକିରି ମିଳିବ ତା ନୁହେଁ, ଦେଶକୁ ଏକ ନୂଆ ଗତି ମିଳିବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି, ଆଜି ଏହି ଯୁବକମାନଙ୍କ ଜୀବନରେ ଏକ ନୂତନ ଆରମ୍ଭ ହେଲା । ଏହି ନିଯୁକ୍ତି ପତ୍ରଗୁଡ଼ିକୁ କେବଳ ଏକ ଦସ୍ତାବିଜ ନୁହେଁ, ବରଂ ଏହା ଏକ 'ରାଷ୍ଟ୍ର ନିର୍ମାଣ ପାଇଁ ନିମନ୍ତ୍ରଣ ପତ୍ର' ଏବଂ ଏକ 'ସଂକଳ୍ପ ପତ୍ର' । ଯାହା ଏକ ବିକଶିତ ଭାରତ ନିର୍ମାଣକୁ ତ୍ୱରାନ୍ୱିତ କରିବ । (୯ ପୃଷ୍ଠାରେ)

## ଅଭିନେତା କମଲ ଆର ଖାନ ଗିରଫ

ମୁମ୍ବାଇ, ୨୪ ।୧ : ମହାନଗରର ପଶ୍ଚିମ ଉପନଗରରେ ଏକ ଆବାସିକ କୋଠାରେ ଗୁଳିକାଣ୍ଡ ଘଟଣାରେ ଶନିବାର ଦିନ କେଆର୍କେ ଭାବେ ଜଣାଶୁଣା ଅଭିନେତା କମଲ ରସିଦ ଖାନଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କହିଛି । ଶୁକ୍ରବାର ବିଳମ୍ବିତ ରାତିରେ ଖାନଙ୍କୁ ପଚରାଉଚରା ପାଇଁ ଓଶିୱାରା ପୁଲିସ ଷ୍ଟେସନକୁ ଅଣାଯାଇଥିଲା । ଜେରା ସମୟରେ ସେ ତାଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକ ବ୍ୟବହାର କରି ଦୁଇ ରାଉଣ୍ଡ ଗୁଳି ଚଳାଇଥିବା ସ୍ୱୀକାର କରିଥିବା ଜଣେ ଅଧିକାରୀ କହିଛନ୍ତି । (୯ ପୃଷ୍ଠାରେ)

## ଆଗୁଆ ହୋଇପାରେ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର, ୨୪ ।୧ (ସବ୍ୟୁ) : ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଆଗୁଆ ହୋଇପାରେ । ଏହି ନିର୍ବାଚନ ୨ରୁ ୩ମାସ ପୂର୍ବରୁ ହୋଇପାରେ । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ଏକ ସୂଚନା ଦେଇଛନ୍ତି ।


ସେ କହିଛନ୍ତି ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ୍ଆଇଆର) ପ୍ରକ୍ରିୟା ଚାଲିଛି । ଆସନ୍ତା ଫେବ୍ରୁଆରି ମାସରେ ଏହା ଶେଷ ହେବ । ଏହାପରେ ତୃତୀୟ ପର୍ଯ୍ୟାୟରେ ଓଡ଼ିଶାରେ ଭୋଟର ତାଲିକାର ଏସ୍ଆଇଆର୍ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଏହାକୁ ଲକ୍ଷ୍ୟ ରଖି ରାଜ୍ୟରେ ପ୍ରି-ଏସ୍ଆଇଆର୍ କାର୍ଯ୍ୟ ଆରମ୍ଭ ହୋଇସାରିଛି । ଓଡ଼ିଶାର ଏସ୍ଆଇଆର୍ ପ୍ରସ୍ତୁତି ସମ୍ପର୍କରେ ସେ ସମୀକ୍ଷା କରିଛନ୍ତି । ଚଳିତ ବର୍ଷ ଶେଷ ସୁଦ୍ଧା ଓଡ଼ିଶାର ଏସ୍ଆଇଆର୍ ପ୍ରକାଶ ପାଇବ ଓ ଏହା ଅନୁଯାୟୀ ରାଜ୍ୟରେ ୨୦୨୭ ମସିହାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରିବାକୁ ପ୍ରସ୍ତୁତି ଚାଲିଛି ।

## ଆର୍‌ଡିଏକ୍ସ ସହ ୪ ଆତଙ୍କବାଦୀ ଗିରଫ

ଚଣ୍ଡିଗଡ଼, ୨୪ ।୧ : ଦେଶର ୭୭ତମ ଗଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ, ପଞ୍ଜାବରେ ଅଶାନ୍ତି ସୃଷ୍ଟି କରିବାର ଏକ ବଡ଼ ବିଦେଶୀ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍ ହୋଇଛି । ପଞ୍ଜାବ ପୁଲିସ ଏକ ବିପଜ୍ଜନକ ଆତଙ୍କବାଦୀ ମଡ୍ୟୁଲ ଠାବ କରିଛି । ହୋସିଆରପୁରରେ କରାଯାଇଥିବା ଏକ ଗୁପ୍ତ ମିଳିତ ଅଭିଯାନରେ, ପୁଲିସ ନିଷିଦ୍ଧ ସଂଗଠନ ବବର ଖାଲସା ଇଣ୍ଟରନ୍ୟାସନାଲ (ବିକେଆଇ)ର ଚାରି ଜଣ ସଦସ୍ୟଙ୍କୁ ବିପୁଳ ପରିମାଣରେ ଆର୍ଡିଏକ୍ସ ଓ ବେଆଇନ ଅସ୍ତ୍ରଶସ୍ତ୍ର ସହିତ ଗିରଫ କରିଛି । ଶନିବାର ବବର ଖାଲସା ଇଣ୍ଟରନ୍ୟାସନାଲ ସହିତ ଜଡ଼ିତ ଏକ ସକ୍ରିୟ ଆତଙ୍କବାଦୀ ମଡ୍ୟୁଲର ଯୋଜନାକୁ ପଣ୍ଡ କରି ପଞ୍ଜାବ ପୁଲିସ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । (୯ ପୃଷ୍ଠାରେ)

## ମଣିଷ-ଚିତା ଲଢ଼େଇ : ବାଘ ମୃତ, ଯୁବକ ଗୁରୁତର





ନରସିଂହପୁର, ୨୪ ।୧(ସବ୍ୟୁ): କଟକ ଜିଲା ନରସିଂହପୁରର ପଶ୍ଚିମ ବନାଞ୍ଚଳ ଅନନ୍ତପ୍ରସାଦ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଏକ କଲରା ପତୁରିଆ ବାଘ ଓ ମଣିଷ ଲଢେଇରେ ବାଘର ମୃତ ହୋଇଛି । ଏହି ଘଟଣା ଶୁକ୍ରବାର ବିଳମ୍ବିତ ରାତିରେ ଘଟିଛି । ମଣିଷ ଜୀବନ ବଞ୍ଚାଇବାକୁ ଯାଇ କଲରାପତରିଆ ବାଘ ସହ ମୁହାଁମୁହିଁ ହୋଇଥିଲେ । ବାଘଟିର ବୟସ ପ୍ରାୟ ପାଞ୍ଚବର୍ଷ ବୋଲି ଜଣାପଡିଛି ।

ବାଘ ଓ ମଣିଷ ଲଢେଇରେ ବାଘ ମୃତ୍ୟୁ ହୋଇଥିବା ବେଳେ ଆକ୍ରମଣରେ ଯୁବକ ଜଣକ ଗୁରୁତର ହୋଇଛନ୍ତି । ଗୁରୁତର ଆହତ ଯୁବକ ଜଣଙ୍କ ଜୟପୁର ଗ୍ରାମର ଶୁଭ୍ରାଂଶୁ ଭୋଳ (୨୬) । ସେ ତାଙ୍କର ଆନନ୍ତପ୍ରସାଦ ସ୍ଥିତ ଫାର୍ମରେ ରାତିରେ ରୁହନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ବାଘଟି ପ୍ରଥମେ ବାହାରେ ଥିବା ତାଙ୍କ କୁକୁରକୁ ଆକ୍ରମଣ କରିଥିଲା । ଏହାପରେ କୁକୁରଟି ଭୁକିଥିବାରୁ ଶୁଭ୍ରାଂଶୁ କବାଟ ଖୋଲି ବାହାରକୁ ଆସିଥିଲେ । ବାହାରକୁ ଆସିବା ମାତ୍ରେ ବାଘଟି ଶୁଭ୍ରାଂଶୁଙ୍କୁ ଝାମ୍ପି ଥିଲା । ସେହି ସମୟରେ ଶୁଭ୍ରାଂଶୁ ଘର ବଭିତରକୁ ପଶି ଯାଇଥିଲା । ତାର ପଛେ ପଛେ ବାଘଟି ଘର ଭିତରକୁ ପଶି ଯାଇଥିଲା । ଏହାପରେ ଶୁଭ୍ରାଂଶୁଙ୍କୁ ଆକ୍ରମଣ କରିଥିଲା । ସେହି ସମୟରେ ବାଘ ସହିତ ଶୁଭ୍ରଂଶୁ ଜୀବନ ବିକଳରେ ଲଢେଇ କରି ହାତରେ ପଡ଼ିଥିବା ଧରୁଆ ଛୁରୀରେ ବାଘର ଜୀବନ ନେବାକୁ ବାଧ ହୋଇଥିଲେ । ଏହି ଘଟଣା ସମ୍ପର୍କରେ ବନ କର୍ମଚାରୀ ଜାଣିବା ପରେ ତାଙ୍କର ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ । ପରେ ଘଟଣା ସ୍ଥଳରେ ବନବିଭାଗ ଅଧିକାରୀ ରେଞ୍ଜରର ପ୍ରଦୀପ କୁମାର ନାୟକ ପହଞ୍ଚି ମୃତ ବାଘକୁ ଘର ଭିତରୁ ଜବତ ସହ ତଦନ୍ତ ଆରମ୍ଭ କରିଥିଲେ । ଗୁରୁତର ଅବସ୍ଥାରେ ଶୁଭ୍ରଂଶୁଙ୍କୁ ପ୍ରଥମେ ନରସିଂହପୁର ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ରେଞ୍ଜର ଶ୍ରୀ ନାୟକ କହିଛନ୍ତି । ଶନିବାର ଘଟଣା ସ୍ଥଳରେ ଆର ସିସି ଏଫ ସଞ୍ଜୟ କୁମାର ସ୍ୱାଇଁ, ଏସିଏଫ ମନୋଜ କୁମାର ପତ୍ର ପହଞ୍ଚି ବାଘର ଶବକୁ ବ୍ୟବଚ୍ଛେଦ ପ୍ରାଣୀ ଚିକିତ୍ସକ ଦ୍ୱାରା କରାଯାଇ ପୋତି ଦିଆଯାଇଥିଲା । ଏହାପରେ ମରଣା ଅସ୍ତ୍ରଟିକୁ ବନବିଭାଗ ଜବତ (୯ ପୃଷ୍ଠାରେ)





## ଜନ୍ମ ଶତବାର୍ଷିକ

୧୯୨୬ ମସିହା ଜାନୁଆରୀ ୨୨ ତାରିଖରେ ବରପାଲି ମାଟିରେ ଭୂମିଷ୍ଠ ହୋଇଥିଲେ ନାଟ୍ୟକଳା, ସଙ୍ଗୀତକଳା ଓ ଚିତ୍ରକଳାରର ଧୂରନ୍ଧର ତଥା କବି ଗଙ୍ଗାଧର ମେହେରଙ୍କ ପୌତ୍ର ବିନୋଦ ଚନ୍ଦ୍ର ମେହେର । ସାହିତ୍ୟ ଜଗତର ଉଦିତ ଆଭା ଭାବେ ବିଦିତ ଏହି ମହାମନିଷୀଙ୍କ ଜୀବନର ଯବନିକା ପଡ଼ିଥିଲା ନଭେମ୍ବର ୨, ୨୦୦୭ରେ ।

# ଗ୍ୟାଷ୍ଟ୍ରିକ ପାଇଁ ଖାଦ୍ୟ ତାଲିକା



ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ଖାଦ୍ୟପେୟର ସଠିକ୍ ପରିଚାଳନା ଅତ୍ୟନ୍ତ ଜରୁରୀ । ଏହା କେବଳ ପେଟରେ ଜଳାପୋଡ଼ା କମାଏ ନାହିଁ, ବରଂ ହଜମ ପ୍ରକ୍ରିୟାକୁ ମଧ୍ୟ ସଜାଡ଼ିଥାଏ । ତେଣୁ ଏମାନଙ୍କୁ ସବୁବେଳେ ନିଜର ଖାଦ୍ୟ ଉପରେ ଧ୍ୟାନ ଦେବାକୁ ହୋଇଥାଏ । ଆସନ୍ତୁ ଜାଣିବା ସେହିଭଳି କିଛି ଖାଦ୍ୟ ସମ୍ପର୍କରେ ।

**ଖାଲି ପେଟରେ ପାଣି ପିଅନ୍ତୁ**

ସକାଳୁ ଉଠିବା ପରେ ପ୍ରଥମେ ୧ ରୁ ୨ ଗ୍ଲାସ ହାଲୁକା ଉଷୁମ ପାଣି ପିଅନ୍ତୁ । ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ସହ ପେଟର ଏସିଡିଟି ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ।

**ଜଳଖିଆକୁ ଧ୍ୟାନ ଦିଅନ୍ତୁ**

କିଛି ଲୋକ ଜଳଖିଆ ଖାଇ ନଥାନ୍ତି ତେବେ ଏହା ଖୁବ ଖରାପ ହୋଇଥାଏ । ଜଳଖିଆରେ ସାଧା ଓଟ୍ସ, ଉପମା, ଇଡଲି କିମ୍ବା ଚୂଡ଼ା ସନ୍ତୁଳା ଭଳି ହାଲୁକା ଖାଦ୍ୟ ନିଅନ୍ତୁ । ଅଧିକ ତେଲ ବା ମସଲାଯୁକ୍ତ ଖାଦ୍ୟ (ଯେପରିକି ବରା, ସିଙ୍ଗଡ଼ା) ସକାଳ ସମୟରେ ଖାଇଲେ ପେଟରେ ଗ୍ୟାସ୍ ହେବାର ସମ୍ଭାବନା ଅଧିକ ଥାଏ ।

**ମଧ୍ୟାହ୍ନ ଭୋଜନରେ ସାଦା ଖାଦ୍ୟ :**

ଦ୍ୱିପ୍ରହର ସମୟରେ ଅଳ୍ପ ଭାତ ସହିତ ସିଝା ପରିବା ପଡ଼ିଥିବା ଡାଲମା କିମ୍ବା ପରିବା ସନ୍ତୁଳା ଖାଇବା ଉଚିତ । ବାଇଗଣ କିମ୍ବା କଖାରୁ ଭଳି ପରିବା ଯଦି ଆପଣଙ୍କୁ ଅସୁବିଧା କରୁଛି, ତେବେ ତାହାକୁ ବଦଳରେ ଅମୃତଭଣ୍ଡା ବା ପୋଟଳ ଖାଆନ୍ତୁ ।

ଖାଦ୍ୟରେ ଦହି ସାମିଲ କରନ୍ତୁ: ଦହିରେ ପ୍ରୋବାୟୋଟିକ୍ସ (ଭଲ ବ୍ୟାକ୍ଟେରିଆ) ଥାଏ, ଯାହା ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ । ଦ୍ୱିପ୍ରହର ଖାଇବା ପରେ ଏକ ଗ୍ଲାସ ଘୋଳଦହି ପିଇବା ଦ୍ୱାରା ପେଟ ଥଣ୍ଡା ରହେ ଏବଂ ଗ୍ୟାଷ୍ଟ୍ରିକ୍ ଜଳାପୋଡ଼ାରୁ ମୁକ୍ତି ମିଳେ ।

ଅଳ୍ପ ଅଳ୍ପ କରି ବାରମ୍ବାର ଖାଆନ୍ତୁ: ଏକାଥରକେ ବହୁତ ଜୋରରେ ପେଟ ଭର୍ତ୍ତି କରି ଖାଆନ୍ତୁ ନାହିଁ । ବରଂ ଦିନସାରା ୩ ରୁ ୪ ଥର ଅଳ୍ପ ପରିମାଣର ଖାଦ୍ୟ ଖାଇଲେ ପେଟରେ ଏସିଡ୍ ଜମା ହୁଏନାହିଁ ଏବଂ ହଜମ ସହଜ ହୁଏ । ଏହାସହ ଅଧିକ ଲଙ୍କା ଗୁଣ୍ଡ, ଗରମ ମସଲା ଏବଂ ଛଣାଛଣି ଖାଦ୍ୟ ପେଟର ଭିତର ସ୍ତରକୁ ଉତ୍ତେଜିତ କରିଥାଏ । ଏହାଦ୍ୱାରା ଗ୍ୟାଷ୍ଟ୍ରିକ୍ ଅଲସର୍ ହେବାର ଭୟ ଥାଏ, ତେଣୁ ସାଧା ଖାଇବା ଖାଆନ୍ତୁ ।

ରାତି ଭୋଜନ ଶୀଘ୍ର କରନ୍ତୁ: ଶୋଇବାର ଅତିକମରେ ୨ ରୁ ୩ ଘଣ୍ଟା ପୂର୍ବରୁ ରାତି ଖାଦ୍ୟ ଖାଇ ନିଅନ୍ତୁ । ରାତିରେ ରୁଟି ଓ ସନ୍ତୁଳା ଭଳି ସହଜରେ ହଜମ ହେଉଥିବା ଖାଦ୍ୟ ଖାଇଲେ ଶୋଇବା ସମୟରେ ଗ୍ୟାସ୍ ସମସ୍ୟା ହୁଏନାହିଁ ।



## ସୋସିଆଲ କୋଟ୍ସ



ଦୋସ୍ତାନା ୨ର ସୁଟିଂ ୩୦ ରୁ ୩୫ ଦିନ ସରିଥିଲା । ସୁଟିଂ ସେଟ୍‌ରେ ସବୁ କିଛି ଠିକ୍ ଥିଲା । ହେଲେ ହଠାତ୍ ଏହାର ସୁଟିଂ ବନ୍ଦ ହୋଇ ଯାଇଥିଲା ।

**ଜାହ୍ନବୀ କପୁର, ଅଭିନେତ୍ରୀ**



ମୁଁ ଖୁବ ଭଲ ଓ୍ୱିକେଟ୍ କିପର ଥିଲି । ହେଲେ ଯେତେବେଳେ ଆହତ ହେଲି ସେତେବେଳେ କ୍ରିକେଟ ଛାଡିବାକୁ ପଡିଲା ।

**ଶାହରୁଖ ଖାନ, ଅଭିନେତା**



ଟୁଇଙ୍କିଲ୍ ମୋର ପୋଷାକକୁ ନେଇ ରିଭ୍ୟୁ କରନ୍ତି । ମୋର ଟ୍ରାକ ସୁଟ ଓ ଟି ସାର୍ଟ ପିନ୍ଧିବା ତାଙ୍କୁ ଭଲ ଲାଗି ନଥାଏ ।

**ଅକ୍ଷୟ କୁମାର, ଅଭିନେତା**

# ମତଦାତା ଦିବସ

ଜାତୀୟ ମତଦାତା ଦିବସ ପ୍ରତିବର୍ଷ ଜାନୁଆରୀ ୨୫ ତାରିଖରେ ସମଗ୍ର ଭାରତବର୍ଷରେ ପାଳିତ ହୁଏ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ନାଗରିକମାନଙ୍କୁ, ବିଶେଷକରି ଯୁବବର୍ଗଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିବା । ଏହି ଦିବସର ଇତିହାସ ୧୯୫୦ ମସିହା ଜାନୁଆରୀ ୨୫ ତାରିଖରେ ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରତିଷ୍ଠା ସହିତ ଜଡ଼ିତ, ଯାହାକୁ ସ୍ମରଣୀୟ କରିବା ପାଇଁ ୨୦୧୧ ମସିହାରୁ ଏହି ପାଳନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏହି ଦିବସର ବିଶେଷ ଗୁରୁତ୍ୱ ହେଉଛି ମତଦାନ ପ୍ରକ୍ରିୟା ମାଧ୍ୟମରେ ଗଣତନ୍ତ୍ରର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ସଚେତନ କରାଇବା । ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ ମତଦାତା ସଚେତନତା ଶୋଭାଯାତ୍ରା ଓ ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜନ କରାଯାଇ "ଭୋଟ୍ ଦେବା କେବଳ ଏକ ଅଧିକାର ନୁହେଁ ବରଂ ଏକ ପବିତ୍ର କର୍ତ୍ତବ୍ୟ" ବୋଲି ବାର୍ତ୍ତା ପ୍ରଦାନ କରାଯାଇଥାଏ ।



ସନ୍ନି ଦେଓଲଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ବର୍ଡର-୨' ଶୁକ୍ରବାର ଦିନ ସିନେମା ହଲ୍‌ରେ ମୁକ୍ତିଲାଭ କରିଛି, ଯେଉଁଥିରେ ବରୁଣ ଧଓ୍ୱନ, ଦିଲଜିତ୍ ଦୋସାଞ୍ଜ ଏବଂ ଆହାନ ସେଟ୍ଟୀଙ୍କ ଭଳି ଦକ୍ଷ କଳାକାରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ରଟି ଦେଶପ୍ରେମ, ଅଦମ୍ୟ ସାହସ ଏବଂ ଦମଦାର୍ ଆକ୍ସନର ଏକ ଅପୂର୍ବ ସମନ୍ୱୟ ଭାବେ ଉଭା ହୋଇଛି, ଯାହା ଦର୍ଶକଙ୍କ ହୃଦୟକୁ ଗଭୀର ଭାବେ ସ୍ପର୍ଶ କରିବାରେ ସଫଳ ହୋଇଛି । ଏହି କାରଣରୁ ସିନେମାଟିକୁ ସବୁଆଡୁ ବହୁତ ଭଲ ପ୍ରତିକ୍ରିୟା ବା ପଜିଟିଭ୍ ରିଭ୍ୟୁ ମିଳୁଥିବା ଦେଖିବାକୁ ମିଳୁଛି । ବକ୍ସ ଅଫିସରେ ମଧ୍ୟ ଏହି ଚଳଚ୍ଚିତ୍ରଟି ଏକ ଧମାକାଦାର ପ୍ରବେଶ କରିଛି । ସୂଚନା ଅନୁଯାୟୀ, ପ୍ରଥମ ଦିନରେ ହିଁ ଏହା ପ୍ରାୟ ୩୨.୧୦ କୋଟି ଟଙ୍କାର ନେଟ୍ କଲେକ୍ସନ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି । ଅନ୍ୟପଟେ, ବଲିଉଡର ଜଣାଶୁଣା ନିର୍ମାତା କରଣ ଜୋହର ଏହି ଚଳଚ୍ଚିତ୍ରଟି ଦେଖିବା ପରେ ଏହାର ଖୁବ୍ ପ୍ରଶଂସା କରିଛନ୍ତି । ସେ କେବଳ ଚଳଚ୍ଚିତ୍ରର ପ୍ରଶଂସା କରିନାହାନ୍ତି, ବରଂ ବରୁଣ ଧଓ୍ୱନଙ୍କ ଅଭିନୟକୁ ନେଇ ସମାଲୋଚନା କରୁଥିବା ବ୍ୟକ୍ତି ବା ଟ୍ରୋଲର୍ସମାନଙ୍କୁ ମଧ୍ୟ କଡ଼ା ଜବାବ ଦେଇଛନ୍ତି । ପ୍ରକୃତରେ ଶୁକ୍ରବାର ଦିନ 'ବର୍ଡର-୨' ଦେଖିବା ପରେ କରଣ ଜୋହର ଖୁବ୍ ପ୍ରଭାବିତ ହୋଇଥିଲେ । ସେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଚଳଚ୍ଚିତ୍ରର ଏକ ପୋଷ୍ଟର ସେୟାର କରିଛନ୍ତି, ଯେଉଁଥିରେ ସନ୍ନି ଦେଓଲ, ବରୁଣ ଧଓ୍ୱନ, ଅହାନ ସେଟ୍ଟୀ ଏବଂ ଦିଲଜିତ୍ ଦୋସାଞ୍ଜଙ୍କୁ ଦେଖିବାକୁ ମିଳୁଛି । ଏହି ପୋଷ୍ଟ ସହିତ କରଣ ସମଗ୍ର ଚଳଚ୍ଚିତ୍ର ଟିମ୍‌ର କଠିନ ପରିଶ୍ରମ ଓ ସଫଳତା ପାଇଁ ସେମାନଙ୍କୁ ପ୍ରଶଂସା କରିଛନ୍ତି ।

# ମିଳୁଛି ପ୍ରଶଂସା




# ଜାତୀୟ ପର୍ଯ୍ୟଟନ ଦିବସ

ପ୍ରତିବର୍ଷ ଜାନୁଆରୀ ୨୫ ତାରିଖରେ ସମଗ୍ର ଭାରତବର୍ଷରେ "ଜାତୀୟ ପର୍ଯ୍ୟଟନ ଦିବସ" ଅତ୍ୟନ୍ତ ଉତ୍ସାହର ସହ ପାଳନ କରାଯାଏ, ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଏହାର ସାମାଜିକ ତଥା ସାଂସ୍କୃତିକ ପ୍ରଭାବ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା । ଭାରତର ସମୃଦ୍ଧ ଐତିହ୍ୟ, ବିବିଧ ସଂସ୍କୃତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିବା ପାଇଁ ଭାରତ ସରକାର ଏହି ଦିବସର ଶୁଭାରମ୍ଭ କରିଥିଲେ । ଏହି ଦିବସର ଇତିହାସ ଦେଶର ପ୍ରାଚୀନ କଳା ଓ ସ୍ଥାପତ୍ୟକୁ ସୁରକ୍ଷା ଦେବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଉଦ୍ଦିଷ୍ଟ ଏକ ସ୍ୱତନ୍ତ୍ର ପ୍ରୟାସ ଅଟେ । ପର୍ଯ୍ୟଟନ କେବଳ ରାଜସ୍ୱ ବୃଦ୍ଧି କରେ ନାହିଁ, ବରଂ ଏହା ଲକ୍ଷ ଲକ୍ଷ ଲୋକଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେଇଥାଏ, ତେଣୁ ଏହି ଦିନରେ ଦେଶର ବିଭିନ୍ନ ଐତିହାସିକ ସ୍ଥଳୀଗୁଡ଼ିକରେ ବିଶେଷ ସଭା ଓ ସଚେତନତା ଶିବିର ଆୟୋଜନ କରାଯାଇଥାଏ ।



## ଇତିହାସ

୧୭୫୫ - ମସ୍କୋ ବିଶ୍ୱବିଦ୍ୟାଳୟର ସ୍ଥାପନା କରାଗଲା ।
୧୮୮୧ - ଆଲେକ୍‌ଜଣ୍ଡାର ଗ୍ରାହମ ବେଲ୍ ଓ ଥୋମାସ ଅଲବା ଏଡିସନ୍ ଓରିଏଣ୍ଟାଲ ଟେଲିଫୋନ୍ କମ୍ପାନୀ ନିର୍ମାଣ କଲେ ।
୧୯୩୦ - ପ୍ରସିଦ୍ଧ ଭାରତୀୟ ସାହିତ୍ୟିକ ରାଜେନ୍ଦ୍ର ଅବସ୍ଥିଙ୍କ ଜନ୍ମ ।
୧୯୭୧ - ହିମାଚଳ ପ୍ରଦେଶକୁ ପୂର୍ଣ୍ଣ ରାଜ୍ୟ ରୂପେ ଘୋଷଣା ।
୧୯୮୦ - ମଦର ଟେରେସାଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଗଲା ।
୧୯୮୩ - ଆଚାର୍ଯ୍ୟ ବିନୋଭା ଭାବେଙ୍କୁ ମୃତ୍ୟୁ ପଶ୍ଚାତ ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ପ୍ରଦାନ ।
୨୦୦୨ - ଅର୍ଜୁନ ସିଂ ଭାରତୀୟ ବାୟୁସେନାର ପ୍ରଥମ ଏୟାର ମାର୍ସାଲ ଭାବେ ଦାୟିତ୍ୱ ଗ୍ରହଣ ।

## ଡର ଚିହ୍ନୁଛି ଘୋଡା

ନିକଟରେ ମିଳିଥିବା ସୂଚନା ଅନୁସାରେ ଘୋଡା ମଣିଷଙ୍କ ଡର ଚିହ୍ନୁଛି । ଏହି ଜୀବ ଗୁଡିକ ମଣିଷଙ୍କ ଗନ୍ଧରୁ ସେମାନଙ୍କର ଡର ସମ୍ପର୍କରେ ଜାଣି ପାରିବେ । ଅର୍ଥାତ ଘୋଡାମାନଙ୍କର ବାସ୍ନା ସୁଙ୍ଘି ଭାବ ସମ୍ପର୍କରେ ଜାଣିବାର କ୍ଷମତା ରହିଛି । ଏହି ପରୀକ୍ଷଣ ପାଇଁ ଗବେଷକମାନେ କିଛି ମଣିଷଙ୍କୁ ଭୂତ ଫିଲ୍ମ ଦେଖାଇଥିଲେ । ଯାହାପରେ ଏହି ମଣିଷଙ୍କ ଶରୀରରୁ ଡର କାରଣରୁ ବାହାରିଥିବା ଝାଳକୁ ଘୋଡାଙ୍କ ଆଗରେ ରଖାଯାଇଥିଲା । ତେବେ ଏହି ଝାଳକୁ ଶୁଙ୍ଘିବାପରେ ଘୋଡାମାନେ ଚମକିବାକୁ ଲାଗିଥିଲେ ଏବଂ ସେମାନଙ୍କର ହୃଦୟ ଧଡଧଡ କରିବାରେ ଲାଗିଲା । ସେହିଭଳି ଯେତେବେଳେ ଘୋଡାଙ୍କୁ ଖୁସିଥିବା ଲୋକଙ୍କର ଝାଳ ଘୋଡାଙ୍କୁ ଶୁଙ୍ଘାଯାଇଥିଲା ସେତେବେଳେ ସେମାନେ ପୁରା ସାଧାରଣ ଘୋଡାଭଳି ବ୍ୟବହାର କରିଥିଲେ । ଏଥିରୁ ଜଣା ପଡିଛି କି ଗୋଟିଏ ପଶୁକୁ ଲାଳନ ପାଳନ କରିବାକୁ ହେଲେ ସେମାନଙ୍କର ମନର ଭାବକୁ ଜାଣିବାକୁ ହେବ ।

## ମାଘମାସ ଶୁକ୍ଳପକ୍ଷ ସପ୍ତମୀ
## ୨୫.୧.୨୬, ରବିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

ମେଷ _ କର୍ମକୁ ନେଇ ଚିନ୍ତିତ, ଶାରିରୀକ ସୁସ୍ଥ, ବ୍ୟବସାୟରେ ମାନ୍ଦାସ୍ଥିତ, ଆର୍ଥିକ ସମସ୍ୟା, ସମ୍ପର୍କ ହାନି, ଶତ୍ରୁ ସମସ୍ୟା, ସୁସମାଚାର ମିଳିବ, ଉଚ୍ଚ ବ୍ୟକ୍ତିଙ୍କ ସାନିଧ ଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ପିଙ୍କ, ସଂଖ୍ୟା _ ୫, ଆଧନା _ ମା ବୈଭବଲକ୍ଷ୍ମୀ ।

ବୃଷ _ ଧର୍ମକାର୍ଯ୍ୟେ ଆଗ୍ରହ, ଉଚ୍ଚ ଆଶାରେ ବିଳମ୍ବ, ଲୋକସମ୍ପର୍କ ବୃଦ୍ଧି, ଆର୍ଥିକ ଲାଭ, ମାନସିକ ଅବସାଦ, ଋଣ ପରିଷୋଧ, ଶତ୍ରୁ ରହିବେ, ବ୍ୟବସାୟରେ ସ୍ୱଳ୍ପ ଲାଭ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଧଳା, ସଂଖ୍ୟା _ ୩, ଆଧନା _ ପ୍ରଭୁ ହନୁମାନ ।

ମିଥୁନ _ ସମ୍ମାନ, ପ୍ରତିଷ୍ଠା, ଶାରିରୀକ ସୁସ୍ଥ, ଅର୍ଥକୁ ନେଇ ବିବାଦ, ଭୂସମ୍ପତ୍ତି ଲାଭ, ପାରିବାରିକ ଖୁସି, ଧାର୍ମିକ ଅନୁଷ୍ଠାନରୁ ଲାଭ, ଲୋକ ସମ୍ପର୍କରେ ଉନ୍ନତି, କାର୍ଯ୍ୟେକ୍ଷେତ୍ରେ ଅଳ୍ପ ସନ୍ତୋଷ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ପିଙ୍କ, ସଂଖ୍ୟା _ ୪, ଆଧନା _ ମା ବଗଳା ମୁଖୀ ।

କର୍କଟ _ ଶତ୍ରୁ ବୃଦ୍ଧି, ଗୃହେ ଶୁଭ ଆଲୋଚନା, ମକଦ୍ଦମା ଆଶଙ୍କା, ନୂତନ କାର୍ଯ୍ୟରେ ଲାଭ, ଧର୍ମାନୁଷ୍ଠାନ କରିବେ, ଋଣ ପରିଷୋଧ କରିବେ, ଦାମ୍ପତ୍ୟ ସୁଃଖ, ବ୍ୟବସାୟରେ ଉନ୍ନତି,ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ମାଟିଆ, ସଂଖ୍ୟା _ ୧୧, ଆରାଧନା _ ଭଗବାନ ବିଷ୍ଣୁ ।

ସିଂହ _ ସଫଳତା, ଉଚ୍ଚଆଶା ପୂର୍ଣ୍ଣ, ବନ୍ଧୁ ଦର୍ଶନ, ଅର୍ଥ ସମସ୍ୟା ସମାଧାନ, ପାରିବାରିକ ସହଯୋଗ, ବିବାଦ ମୁକ୍ତ, ଦୂରଯାତ୍ରା, ଲୋକସମ୍ପର୍କ ଉନ୍ନତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଧଳା, ସଂଖ୍ୟା _ ୯, ଆଧନା _ ମା ଭଗବତୀ ।

କନ୍ୟା _ ମାନସିକ ଅଶାନ୍ତି, କର୍ମକ୍ଷେତ୍ରେ ସମସ୍ୟା, ଅନୁଚିତ କାର୍ଯ୍ୟେ ଆସକ୍ତ, ମକଦ୍ଦମା ଭୟ, ଜମିଜମା ଗଣ୍ଡୋଗୋଳ, ଦାମ୍ପତ୍ୟ ଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିବାଦିତ ହେବେ, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ କଫି, ସଂଖ୍ୟା _ ୧, ଆଧନା _ ମା ଦକ୍ଷିଣକାଳୀ ।

ତୁଳା _ ପଦୋନ୍ନତି, ବିଭିନ୍ନ କାର୍ଯ୍ୟେ ସଫଳ, ଶତ୍ରୁ ପରାଜିତ, ବାଣିଜ୍ୟ ଲାଭ, ଅର୍ଥ ସମସ୍ୟା ସମାଧାନ, ଗୃହେଶାନ୍ତି, ପୁରାତନ ରୋଗରୁ ମୁକ୍ତି ସନ୍ତାନ ସ୍ନେହ,ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଗୋଲ୍ଡେନ, ସଂଖ୍ୟା _ ୮, ଆଧନା _ ମା ବସନ୍ତେଇ ।

ବିଛା _ କାର୍ଯ୍ୟସିଦ୍ଧି, ସମ୍ମାନ ଲାଭ, ସୁମିଷ୍ଟ ଭୋଜନ, କର୍ମକ୍ଷେତ୍ରେ ସମସ୍ୟା, କିଛି ଦ୍ରବ୍ୟ କ୍ରୟ, ବିବାଦ ସମାଧାନ, ସନ୍ତାନ ସୁଖ, ପାରିବାରିକ ସହଯୋଗ, ଉଚ୍ଚ ଆଶାରେ ସାମାନ୍ୟ ଲାଭ, ଶତ୍ରୁ ପରାଜିତ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ହଳଦୀ, ସଂଖ୍ୟା _ ୭, ଆରାଧନା _ ପ୍ରଭୁ ଜଗନ୍ନାଥ ।

ଧନୁ _ ଅପ୍ରୀତି, ଲୋକସମ୍ପର୍କ, ସାମାଜିକ କାର୍ଯ୍ୟେ ଖୁସି, ଯାନ୍ତ୍ରିକ ସମସ୍ୟା, ଜମିଜମା ଗଣ୍ଡୋଗୋଳ, ପଦବୀ ଲାଭ, ଶତ୍ରୁ ସମସ୍ୟା, ଅର୍ଥ ଲାଭ, ପାରିବାରିକ ଖୁସି, ନୂତନ ବାଣିଜ୍ୟ ଆରମ୍ଭ, ବିଦ୍ୟାରେ ସଫଳତା, ପୂର୍ବାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ପିଙ୍କ, ସଂଖ୍ୟା _ ୬, ଆରାଧନା _ ପିତା ମାତାଙ୍କ ସେବା ।

ମକର _ ମନସ୍ତାପ, କିଛି କାର୍ଯ୍ୟରେ ବାଧା, ମାଲିମକଦ୍ଦମାରେ ସମସ୍ୟା,ବ୍ୟବସାୟରେ ସ୍ୱଳ୍ପଲାଭ, ଅଯଥା ଖର୍ଚ୍ଚ, ଶ୍ରାବଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ନୀଳ, ସଂଖ୍ୟା _ ୧୧, ଆରାଧନା _ ଲୋକନାଥ ମହାପ୍ରଭୁ ।

କୁମ୍ଭ _ ଦ୍ରବ୍ୟ ପ୍ରାପ୍ତି, ନୂତନ ନିଯୁକ୍ତି, ଦୂରଯାତ୍ରାରେ ଖୁସି, ପିଲାଙ୍କ ସମସ୍ୟା ସମାଧାନ, ମାନ୍ୟଗନ୍ୟ ବ୍ୟକ୍ତିଙ୍କ ସହିତ ସାକ୍ଷାତ, ଲୋକସମ୍ପର୍କରେ ଉନ୍ନତି, କିଛି ଦ୍ରବ୍ୟ କ୍ରୟ କରିବେ, ଆର୍ଥିକ ଲାଭ, ଗଣ୍ଡଗୋଳ ସମାଧାନ, ନୂତନ ବନ୍ଧୁ,ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ କଳା, ସଂଖ୍ୟା _ ୬, ପ୍ରତିକାର _ ଗାଈକୁ ଖାଇବାକୁ ଦିଅନ୍ତୁ ।



ମୀନ _ ଖର୍ଚ୍ଚ ପ୍ରତି ଅନାଗ୍ରହ, ମାନସମ୍ମାନ ପ୍ରାପ୍ତି, ଶତ୍ରୁ ଲାଗିରହିବେ, ଶାରୀରିକ ସୁସ୍ଥତା, ବ୍ୟବସାୟରେ ଲାଭ, ଦେବ ଦର୍ଶନ, ପାରିବାରିକ ଅଶାନ୍ତି, ଜାନବାହନରେ ସତର୍କ, ଅନୁଚିତ କାର୍ଯ୍ୟପ୍ରତି ମୋହ, ବିଦ୍ୟାରେ ଉନ୍ନତି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ _ ଗୋଲାପି, ସଂଖ୍ୟା _ ୩, ଆରାଧନା _ ମା ବଗଳାମୁଖୀ ।

# ୟୁରୋକିଡ୍ସ ଆଇଆରସି ଭିଲେଜ୍, ନୟାପଲ୍ଲୀ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ



ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ଆଇଆରସି ଭିଲେଜ୍ ନୂଆପଲ୍ଲୀ ସ୍ଥିତ ୟୁରୋକିଡ୍ସ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ହୋଟେଲ ସ୍ୱସ୍ତି ଗ୍ରାଣ୍ଡ ଠାରେ ପାଳିତ ହୋଇଯାଇଛି । ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା, ପରେ ସ୍କୁଲର ନିର୍ଦ୍ଦେଶିକା ଶ୍ରୀମତୀ ରାଣୀ ଗୋଏଙ୍କା ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ତଥା ଦୈନିକ 'ସମୟ'ର ନିର୍ଦ୍ଦେଶିକା ଶ୍ରୀମତୀ ଅନିତା ମହାନ୍ତି ଏବଂ ଗରିମାମୟ ଅତିଥି ଦିଲୀପ କୁମାର ଗୋଏଙ୍କା ଉପସ୍ଥିତ ରହି ସ୍କୁଲର ସମଗ୍ର ଏବଂ ଅନୁଭୂତିମୂଳକ ଶିକ୍ଷା ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ ।

ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ମଧ୍ୟରେ ହ୍ୟୁରେକା ଲଞ୍ଚ ଓ ହ୍ୟୁରେକା ପାଠ୍ୟକ୍ରମର ପରିଚୟ ଥିଲା, ଯାହା ସ୍କୁଲର ନବୀନ ଶିକ୍ଷା ପଦ୍ଧତିକୁ ପ୍ରତିଫଳିତ କରେ । ଇଜେ, ପିଜି, ନୁର୍ ଓ ଇଏସ୍ ଶ୍ରେଣୀର ଛାତ୍ରଛାତ୍ରୀମାନେ ଉତ୍ସାହଭରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅଭିଭାବକ-ଶିଶୁ ଆନ୍ତର୍କ୍ରିୟା ଖେଳ ଏବଂ ଅଭିଭାବକମାନଙ୍କ ଦ୍ୱାରା ବିଶେଷ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମକୁ ଅଧିକ ସ୍ନିଗ୍ଧତା ଓ ଉତ୍ସାହ ଯୋଗାଇଥିଲା । ଏହି ଅବସରରେ ବିଦ୍ୟାଳୟର ଶିକ୍ଷକମାନଙ୍କୁ ସମ୍ମାନିତ କରାଯିବା ସହ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର' ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ଶେଷରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦର୍ଶ ନାରୀ ପ୍ରତିଭା ପୁଷ୍ପଲତା ଭୂୟାଁ ସମ୍ବର୍ଦ୍ଧିତ

କଟକ,(ସବ୍ୟୁ): ସାମାଜିକ ସଂଗଠନ ସ୍ୱାମିଜୀ ଯୁବକ ସଂଘର ୨୯ ତମ ପ୍ରତିଷ୍ଠା ଦିବସ ଓ ପିତୃ ମାତୃ ପୂଜନ ପର୍ବ ବରାଳ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପାଳନ ଅବସରରେ ଉଲ୍ଲେଖନୀୟ କୃତୀତ୍ୱ ନେଇ ଦିବଂଗତ ସମାଜସେବୀ ବିଜୟ ରାମ ଭୂୟାଁଙ୍କ ଧର୍ମପତ୍ନୀ ଆଦର୍ଶ ନାରୀ ପ୍ରତିଭା ପୁଷ୍ପଲତା ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ପୂଜ୍ୟପୂଜା ମହା ପର୍ବରେ ସଂଘର ପ୍ରତିଷ୍ଠାତା ତଥା ପୁଷ୍ପଲତା ଦେବୀଙ୍କ ସୁଯୋଗ୍ୟ ସନ୍ତାନ ଇଂ.ବିରଞ୍ଚି ନାରାୟଣ ଭୂୟାଁ,ପୁତ୍ର ସୂର୍ଯ୍ୟ ନାରାୟଣ ଭୂୟାଁ,ପୁତ୍ର ଆଦିତ୍ୟ ନାରାୟଣ ଭୂୟାଁ,ନାଟ୍ୟ ନିର୍ଦ୍ଦେଶକ ସମରେନ୍ଦ୍ର ମହାପାତ୍ର,ସମାଜସେବୀ ଅଜୟ ଭୂୟାଁ,ଅଭୟ ମହାପାତ୍ର,ସୁବାଷ ସାହୁ,ପ୍ରଫେସର ମନୋଜ ନାୟକ,ପ୍ରଦୀପ୍ତ ବିଶ୍ୱାଳ,ବୈଜ୍ଞାନିକ ଅନିଲ ପ୍ରଧାନ,ଆଶୁତୋଷ ଭୂୟାଁ,ଇଂ. ସୁରଜ୍ ବେହେରା,ଇଂ.ସେବକ ଶ୍ରୀକାନ୍ତ ଏବଂ ସଙ୍ଗର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଅନନ୍ୟା ସାରସ୍ୱତ ସାଧିକା ପୁଷ୍ପଲତା ଭୂୟାଁ ଜଣେ ମେଳାପି,ସ୍ନେହୀ,କର୍ମଠ, ଧର୍ମପ୍ରାଣା,ଉଦାରପ୍ରାଣା,ମିଷ୍ଟଭାଷୀ, ସୁଗୃହଣୀ,ଓଡିଆ ସଂସ୍କୃତି ପରମ୍ପରା ପ୍ରାଣା ତଥା ପ୍ରେରଣାଦାୟୀ ଉଦାହରଣୀୟ ମହିୟସୀ ମହିଳା ଭାବେ ସ୍ଥାନୀୟ ଅଂଚଳରେ ବେଶ୍ ପରିଚିତ ।



ଯୋରନ୍ଦା ମହିମା ଗାଦି ଉଭୟ ବକଳ ଓ କଉପନି ଧାରୀ ସମ୍ପ୍ରଦାୟର ପ୍ରମୁଖ ସନ୍ୟାସୀ ମାନେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ମାଘ ମେଳା ରେ ଯୋଗଦେବାପାଇଁ ନିମନ୍ତ୍ରଣ କରିଛନ୍ତି । ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ସମ୍ମତି ପ୍ରଦାନ କରିଛନ୍ତି । ଏହି ଅବସର ରେ ମହିମା ଗାଦିର ବିକାଶ କାର୍ଯ୍ୟ ବିଷୟ ରେ ମଧ୍ୟ ସନ୍ୟାସୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲେଚନା କରିଥିଲେ ।

## 'ସମ୍ବଲପୁର ପୁସ୍ତକ ମେଳା – ୨୦୨୬' କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

# ଭଲ ବହି ସାରା ଜୀବନକୁ ପ୍ରଭାବିତ କରେ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପୁସ୍ତକ ମେଳା ବିଚାର ଓ ଆଚାରର ଏକ ଉତ୍ସବ । ବହି ପଢ଼ିବା ଦ୍ୱାରା ଜ୍ଞାନର ଗଭୀରତା ବଢ଼େ ଏବଂ ଆଗକୁ ଯିବାର ପଥ ମିଳେ । ଆଜିକାଲିର ମୋବାଇଲ ଓ ୩୦ ସେକେଣ୍ଡର 'ରିଲ୍' ମସ୍ତିଷ୍କକୁ କିଛି ସମୟ ପାଇଁ ପ୍ରଭାବିତ କରିପାରେ, କିନ୍ତୁ ଗୋଟିଏ ଭଲ ବହି ସାରା ଜୀବନକୁ ପ୍ରଭାବିତ କରିଥାଏ । ଯିଏ ପଢ଼େ, ସେ କେବଳ ଟ୍ରେଣ୍ଡ ବନାଏ ନାହିଁ, ସେ ଇତିହାସ ବନାଏ । ଗାନ୍ଧିଜୀ ଯଦି ଗୀତା ପଢ଼ିନଥାନ୍ତେ, ତେବେ ଭାରତର ସ୍ୱାଧୀନତା ସଂଗ୍ରାମ ହୁଏତ ଭିନ୍ନ ରୂପ ନେଇଥାନ୍ତା । ପ୍ରତ୍ୟେକ ଥର ଗୋଟିଏ ବହି ଖୋଲିବା ଅର୍ଥ ଭାରତର ଭବିଷ୍ୟତ ଦୁଇ ପାଦ ଆଗକୁ ବଢ଼ିବା ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ।

ସଂସ୍କୃତି ଓ ସାହିତ୍ୟର ଅନନ୍ୟ ଭୂମି ତଥା ବୀର ଓ ସଂଗ୍ରାମୀଙ୍କ ପବିତ୍ର ମାଟି ସମ୍ବଲପୁର ଠାରେ ଆଜି '୨୬ତମ ସମ୍ବଲପୁର ପୁସ୍ତକ ମେଳା'କୁ ଉଦଘାଟନ କରିଛନ୍ତି ଶ୍ରୀ ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ଏହି ମେଳାକୁ ଏକ ପୁସ୍ତକ ସମାହାର ଅପେକ୍ଷା ଜାତିର ପୂର୍ବଜ ଓ ମହାପୁରୁଷଙ୍କ ସ୍ମୃତି ଚାରଣର ଏକ 'ବୌଦ୍ଧିକ ମହାକୁମ୍ଭ' ଭାବେ ଅଭିହିତ କରିଛନ୍ତି । ସେ କହିଛନ୍ତି ଯେ ଆଜିର ଏହି ପୁସ୍ତକ ମେଳାର ବିଶେଷତା ରହିଛି । ଆମେ ଯେତେବେଳେ ଆଦିକବି ସାରଳା ଦାସଙ୍କ ୬୦୦ ତମ ଜୟନ୍ତୀ, ସର୍ଦ୍ଦାର ପଟେଲଙ୍କ ୧୫୦ ତମ ଜୟନ୍ତୀ, ବନ୍ଦେ ମାତରମ୍ ଗୀତ ରଚନାର ୧୫୦ ବର୍ଷ, ମା' ରମାଦେବୀଙ୍କ ୧୨୫ ବର୍ଷ, ପାର୍ବତୀ ଗିରିଙ୍କ ୧୦୦ ବର୍ଷ, ବାଜି ରାଉତଙ୍କ ଶତବାର୍ଷିକୀ ଏବଂ ଆର.ଏସ.ଏସ.ର ଶତବାର୍ଷିକୀ ପାଳନ କରୁଛୁ ଓ ନେତାଜୀଙ୍କ ୧୩୦ ତମ ଜନ୍ମଦିନ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ ତମ ଜୟନ୍ତୀ ପାଳନ ହେଉଛି, ସେହି ସମୟରେ ଏହି ପୁସ୍ତକ ମେଳା ଆୟୋଜନ ହେବା ଏକ ଗୌରବର ବିଷୟ । କୁଦୋପାଲିର ଅଜଣା ନାୟକଙ୍କ ବଳିଦାନ ୧୮୫୭ ସିପାହୀ ବିଦ୍ରୋହର ଏକ ନୂତନ ପରିଚୟ ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।



ଶ୍ରୀ ପ୍ରଧାନ କହିଛନ୍ତି ମେଳାର ଉଦଘାଟନୀ ସନ୍ଧ୍ୟାରେ ସମ୍ବଲପୁରର ଐତିହ୍ୟ, ପରମ୍ପରା ଓ ଅସ୍ମିତା ସହ ଜଡ଼ିତ ବିଭିନ୍ନ ପୁସ୍ତକ ଉନ୍ମୋଚିତ ହୋଇଛି । ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ କାଳଜୟୀ କୃତି 'ଆନନ୍ଦ ମଠ'ର ଓଡ଼ିଆ ଅନୁବାଦ ଏବଂ ଶ୍ରୀ ଦୀପକ ପଣ୍ଡାଙ୍କ ଦ୍ୱାରା ସମ୍ବଲପୁରର ଅକୁହା ଇତିହାସକୁ ସଂକଳିତ କରୁଥିବା ପୁସ୍ତକକୁ ଉନ୍ମୋଚନ କରି ମନ୍ତ୍ରୀ ଆନନ୍ଦ ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ଏହି ପୁସ୍ତକଗୁଡ଼ିକ ଆମ ସଭ୍ୟତାର ଦର୍ପଣ ସଦୃଶ ଏବଂ ଏହା ସମ୍ବଲପୁରର ଗାରିମାକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ସହାୟକ ହେବ । ଏହାବ୍ୟତୀତ ମନ୍ତ୍ରୀ ସମ୍ବଲପୁରର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀମାନଙ୍କୁ ଏହି ପୁସ୍ତକମେଳା ପରିଦର୍ଶନ ସହ ନିଜକୁ ସମୃଦ୍ଧ କରିବାକୁ ଆହ୍ୱାନ ଦେଇଛନ୍ତି ।

ଆସନ୍ତା ୧ ଫେବୃଆରୀ ପର୍ଯ୍ୟନ୍ତ, ପ୍ରାୟ ୯ ଦିନ ଧରି ପିଏଚଡି ପଡ଼ିଆରେ ଏହି ପୁସ୍ତକ ମେଳା ଆୟୋଜନ ହେବ । ଆଜିର ଉଦଘାଟନୀ ଦିବସରେ ଶ୍ରୀ ପ୍ରଧାନ ଓ ଅନ୍ୟାନ୍ୟ ଅତିଥିଙ୍କ କରକମଳରେ ଶିଶିର ବେହେରାଙ୍କ ଦ୍ୱାରା ଅନୁଦିତ 'ଆନନ୍ଦ ମଠ'ର ଓଡ଼ିଆ ଭାଷାନ୍ତର ସହ ଦୀପକ ପଣ୍ଡାଙ୍କ ରଚିତ 'ଦ ଲ୍ୟାଣ୍ଡ ଅଫ୍ ଭାଲୋର: ହିଷ୍ଟ୍ରି ଅଫ୍ ସମ୍ବଲପୁର'ର ଇଂରାଜୀ ପୁସ୍ତକ, 'ବୀର ସୁରେନ୍ଦ୍ର ସାଏ', 'ମାଆ ସମଲେଶ୍ୱରୀ' ଏବଂ 'ସବ୍‌ମର୍ଜଡ୍ ଟେମ୍ପଲ୍ସ ଅଫ୍ ସମ୍ବଲପୁର' ଉନ୍ମୋଚନ ହୋଇଥିଲା । ଏଥିସହ ଗଣେଶରାମ ନାହାକଙ୍କ ସମ୍ପାଦିତ 'ସତ୍ୟ ନାରାୟଣ ବୋହିଦାର ଗ୍ରନ୍ଥାବଳି' ଏବଂ ନିରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ସମ୍ପାଦିତ 'ଘନଶ୍ୟାମ ରଥଙ୍କ ଗ୍ରନ୍ଥାବଳୀ' ଉନ୍ମୋଚିତ ହୋଇଛି ।

# ସମ୍ ହସ୍ପିଟାଲରେ 'ଜାତୀୟ ଆଇଭି ନର୍ସ ଦିବସ' ପାଳିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍‌ର ନର୍ସିଂ ବିଭାଗ ପକ୍ଷରୁ ହସ୍ପିଟାଲ ପରିସରରେ ଗୁରୁବାର 'ଜାତୀୟ ଆଇଭି ନର୍ସ ଦିବସ' ପାଳିତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଜାନୁଆରୀ ୨୫ ତାରିଖରେ 'ଜାତୀୟ ଆଇଭି ନର୍ସ ଦିବସ' ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଏକ ସପ୍ତାହ ବ୍ୟାପୀ ଏହି ସ୍ୱତନ୍ତ୍ର ଦିବସ ପାଳନ କରାଯାଉଥିବା ବେଳେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଇଭି ଚିକିତ୍ସା ପରିଚାଳନାରେ ନର୍ସମାନଙ୍କୁ ନିପୁଣ ଓ ଦକ୍ଷ କରାଇବା ସହିତ ସେମାନଙ୍କୁ ପ୍ରଶିକ୍ଷିତ କରାଇବା । ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ 'ଲେଟେଷ୍ଟ ଆଡଭାନସେସ୍ ଇନ୍ ବେଷ୍ଟ ପ୍ରାକ୍ଟିସେସ୍ ଆଣ୍ଡ ଇନୋଭେସନ୍'କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥି ସହିତ ଏକ ପୁସ୍ତିକା ମଧ୍ୟ ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ (ବ୍ଲଡ୍ ସେଫ୍ଟି) ଡାକ୍ତର ଦେବାଶିଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସମାନେ ହେଉଛନ୍ତି ହସ୍ପିଟାଲର ମେରୁଦଣ୍ଡ । ସେମାନଙ୍କର ନିଃସ୍ୱାର୍ଥପର ସେବା ମନୋବୃତ୍ତି, ଦକ୍ଷତା, ଦୟା ମନୋଭାବ ଅସହ୍ୟ ପୀଡିତ ଥିବା ଲୋକଟି ମୁଖରେ ହସ ଫୁଟାଇଥାଏ । ତେଣୁ ସେମାନେ ରୋଗୀଟିର ସେବା କରିବା ପୂର୍ବରୁ ପ୍ରଥମେ ନିଜେ ପ୍ରଶିକ୍ଷିତ ଓ ନିଜର ଦକ୍ଷତାକୁ ସୁଦୃଢ଼ କରିବା ଜରୁରୀ ବୋଲି ସେ ନର୍ସମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସିଂ ହେଉଛି ଏକମାତ୍ର ବୃତି ଯେଉଁଥିରେ ସମାଜକୁ ଶତ ପ୍ରତିଶତ ସେବା ପ୍ରଦାନ କରାଯାଇଥାଏ । ନର୍ସିଂ ଏକ ବ୍ରତ ଓ ଏଥିରେ ଅନୁପ୍ରାଣିତ ହୋଇ ନର୍ସିଂ ଭଳି ଏକ ମହାନ ବୃତିକୁ ଗ୍ରହଣ କରିଥିବା ସମସ୍ତ ନର୍ସ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ଗହଣା ଜବତ, ଲୁଟେରା ଗିରଫ

ଭୁବନେଶ୍ୱର, (ସବ୍ୟୁ): ପୋଲିସ ଜଣେ ଲୁଟେରାକୁ ଗିରଫ କରିବା ସହ ତା' ନିକଟରୁ ଲୁଟ ହୋଇଥିବା ଗହଣା ଜବତ ହୋଇଛି । ଶନିବାର ତାକୁ କୋର୍ଟ ଚାଲାଣ କରାଯାଇଥିବା ମୈତ୍ରୀବିହାର ଥାନା ପୋଲିସ କହିଛି ।

ଶୁକ୍ରବାର ସନ୍ଧ୍ୟା ସମୟରେ ଗିରଫ ଅଭିଯୁକ୍ତ ସାଲିଆସାହି ଅନ୍ତର୍ଗତ ତାରିଣୀନଗର ଅଞ୍ଚଳରେ ଅଭିଯୋଗକାରିଣୀଙ୍କ ନାବାଳିକା ଝିଅକୁ ଏକାକୀ ଦେଖି ଛୁରୀ ଦେଖାଇ ଭୟଭୀତ କରିବା ସହ ଜୋରଜବରଦସ୍ତ ତାଙ୍କ ବେକରୁ ସୁନା-ରୂପା ଅଳଙ୍କାର ଲୁଟି ନେଇଥିଲା । ଲୁଟ ଅଳଙ୍କାର ଗୁଡିକ ମଧ୍ୟରେ ଗୋଟିଏ ସୁନା ଚେନ୍, ହନୁମାନ ଲକେଟ୍ ଓ ଗୋଟିଏ ସୁନା ପ୍ୟାନ ଲକେଟ୍ ଓ ୬ ଟି ରୂପା ଡେଉଁରିଆ ବୋଲି ପୋଲିସ କହିଛି ।

ଅଭିଯୁକ୍ତ ଭଡା ଘର ବିଷୟରେ ପଚାରିବା ବାହାନାରେ ଅଭିଯୋଗକାରିଣୀଙ୍କ ଭାଣିଜୀଙ୍କ ନିକଟକୁ ଯାଇ ତାଙ୍କୁ କଥାବାର୍ତ୍ତାରେ ବ୍ୟସ୍ତ ରଖିଥିଲେ । ସୁଯୋଗ ନେଇ ଅନ୍ୟ କେହି ଉପସ୍ଥିତ ନଥିବା ସମୟରେ ଅଭିଯୁକ୍ତ ନାବାଳିକା ଶିଶୁକୁ ଛୁରୀ ଦେଖାଇ ତାଙ୍କ ବେକରେ ବନ୍ଧା ଥିବା ଗଳାସୂତା କାଟି ଲୁଟ କରି ଘଟଣା ସ୍ଥଳରୁ ପଳାଇଯାଇଥିଲା । ଶିଶୁର କାନ୍ଦ ଶୁଣି ପରିବାର ଲୋକେ ଘଟଣାସ୍ଥଳକୁ ଦୌଡି ଆସି ଦେଖିଥିଲେ ତାଙ୍କ ଗଳାରୁ ଅଳଙ୍କାର ଲୁଟ ହୋଇଯାଇଛି । ମୈତ୍ରୀବିହାର ଥାନାରେ ଏସମ୍ପର୍କରେ ସେ ଅଭିଯୋଗ କରିଥିଲେ ।

ଅଭିଯୋଗ ଅନୁଯାୟୀ ମୈତ୍ରୀବିହାର ଥାନା ପୋଲିସ ସାଲିଆସାହି ଅନ୍ତର୍ଗତ ମଇଳା ଟାଙ୍କି ଅଞ୍ଚଳରେ ସୁନା ଅଳଙ୍କାର ବିକ୍ରୟ କରିବାକୁ ଯାଇଥିବା ଅଭିଯୁକ୍ତକୁ ଗିରଫ କରିବାରେ ସମର୍ଥ ହେଲା । ତା ନିକଟରୁ ଲୁଟ ହୋଇଥିବା ସବୁ ଅଳଙ୍କାର ଜବତ ହୋଇଥିବା ପୋଲିସ କହିଛି । ଗିରଫ ଅଭିଯୁକ୍ତ ତପନ କୁମାର ସେଠୀ(୨୭) କୁ ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇଦିଆଯାଇଛି । ତପନ ନିଜ ଘର ଗଞ୍ଜାମ ଜିଲ୍ଲାରେ ହୋଇଥିବା ବେଳେ ସେ ଖଣ୍ଡଗିରି ଥାନା ଅନ୍ତର୍ଗତ ଫାୟାର ଷ୍ଟେସନ ଅଞ୍ଚଳରେ ରୁହେ ।

# ସାଇବର ସୁରକ୍ଷା ବୁଟକ୍ୟାମ୍ପ ଅନୁଷ୍ଠିତ

ଜଟଣୀ, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସ୍କିଲ୍ ଇଣ୍ଡିଆ' ମିଶନ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୂରଦର୍ଶୀ ଚିନ୍ତାଧାରାକୁ ପାଥେୟ କରି ଇଣ୍ଡିଆନ ଅଏଲ ଦ୍ୱାରା ପରିଚାଳିତ ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ (ଏସଡିଆଇ) ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି । ଆଇ-ଆସପାୟାର ମାଇଣ୍ଡ ଫାଉଣ୍ଡେସନ୍ ସହଯୋଗରେ ଏସଡିଆଇ ପରିସରରେ ଛଅ ମାସିଆ ଏକ ସମ୍ପୂର୍ଣ୍ଣ ଆବାସିକ 'ସାଇବର ସୁରକ୍ଷା ବୁଟକ୍ୟାମ୍ପ' ର ଚତୁର୍ଥ ବ୍ୟାଚ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ସାଇବର ସିକ୍ୟୁରିଟି, ଏଆଇ ଏବଂ ମେସିନ୍ ଲର୍ଣ୍ଣିଂ ଭଳି ଭବିଷ୍ୟତର କୌଶଳ କାର୍ଯ୍ୟକ୍ରମ ମାଧ୍ୟମରେ ଏସଡିଆଇ ଭୁବନେଶ୍ୱର ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ୧୦୦୦ ପିଲାଙ୍କ ସ୍ୱପ୍ନ ପୂରଣ କରିବାକୁ ଲକ୍ଷ୍ୟ ରଖିଛି । ଏହି ବୁଟକ୍ୟାମ୍ପରେ ଭାରତର ୧୬ଟି ରାଜ୍ୟର ୩୨ଟି ଅଂଶଗ୍ରହଣକାରୀ ଶିକ୍ଷା ସଂସ୍ଥାରୁ ୩୮ ଜଣ ଇଞ୍ଜିନିଅରିଂ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି, ଯେଉଁମାନଙ୍କୁ ଆଇ-ଆସପାୟାର ମାଇଣ୍ଡ ଫାଉଣ୍ଡେସନ୍ ଦ୍ୱାରା ବିଶ୍ୱସ୍ତରୀୟ କ୍ୟାରିଅର ପାଇଁ ପ୍ରସ୍ତୁତ କରିବ ଏସଡିଆଇ ।

# ଏସ୍‌ସିଏସ୍ କଲେଜ ସମ୍ମୁଖରେ ହତ୍ୟାକାଣ୍ଡ, ଅଭିଯୁକ୍ତ ଗିରଫ

ପୁରୀ, (ସବ୍ୟୁ) : ଶନିବାର ରାତିରେ ପୁରୀରେ ଅତି ବିଭତ୍ସ ହତ୍ୟାକାଣ୍ଡ ଘଟିଛି । ଟାଉନ ଥାନା ଅନ୍ତର୍ଗତ ଏସସିଏସ କଲେଜ ମୁଖ୍ୟ ଫାଟକ ସମ୍ମୁଖ ଏକ ପୁଷ୍ପ ଦୋକାନ ନିକଟରେ ଘଟିଛି ହତ୍ୟା ଘଟଣା । ମୃତ ବ୍ୟକ୍ତି ଜଣଙ୍କର ନାମ ହେଉଛି ଗୁନା । ସେ ବାଲେଶ୍ୱର ଜଳେଶ୍ୱର ଅଞ୍ଚଳର ବୋଲି ଜଣାପଡିଛି । ଖବର ପାଇ ଘଟଣା ସ୍ଥଳରେ ପୁରୀ ଏସପି ପ୍ରତୀକ ସିଂ ଓ ଟାଉନ ଥାନା ପୋଲିସ ପହଞ୍ଚି ଛାନ ବିନ ଆରମ୍ଭ କରି ଥିଲେ । ମୃତ ବ୍ୟକ୍ତିର ଛାତି, ପେଟ ଓ ଅନ୍ୟାନ୍ୟ ଜାଗାରେ ଗଭୀର କ୍ଷତ ରହିଥିବା ଦେଖାଯାଇଅଛି । କୌଣସି ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରା ଯାଇଛି । ତେବେ ହତ୍ୟାକାଣ୍ଡ କେଉଁ କାରଣ ଯୋଗୁଁ କଲା ତାହା ଜଣା ପଡ଼ିନଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି । କଲେଜ ଛକ ନିକଟରେ ଗାୟତ୍ରୀ ହୋଟେଲରେ ଗୁନା କାମ କରୁଥିଲେ । ଆଉ ସେହିଁ ହୋଟେଲରେ ଟୁକୁ ଓରଫ ଅଜିତ ମହାପାତ୍ର ବୋଲି ଆଉ ଜଣେ କର୍ମଚାରୀ କାମ କରୁ ଥିଲେ । ଉଭୟଙ୍କ ମଧ୍ୟରେ ଶତ୍ରୁତାକୁ ନେଇ ଟୁକୁ ଗୁନାକୁ ହତ୍ୟା କରିଥିବା ହୋଟେଲ ମାଲିକ କହିଛନ୍ତି । ହତ୍ୟା ଅଭିଯୋଗରେ ପୁଲିସ ହୋଟେଲର ଅନ୍ୟ ଜଣେ କର୍ମଚାରୀ ଟୁକୁ ଓରଫ ଅଜିତ ମହାପାତ୍ରକୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି । ଅଭିଯୁକ୍ତ ଜଣକ ନୀଳଗିରି ବାଲେଶ୍ୱର ଅଞ୍ଚଳର ବୋଲି ସ୍ପଷ୍ଟ କରିଛି ପୋଲିସ୍ । ତେବେ ହତ୍ୟାକାଣ୍ଡ କେଉଁ କାରଣ ଯୋଗୁଁ ଘଟିଛି ତାହା ଏଯାବତ୍ ସ୍ପଷ୍ଟ କରିନି ପୋଲିସ । ପୋଲିସ ତଦନ୍ତ ଜାରି ରଖିଛି ।



## ନିତି ଆୟୋଗର ଉପାଧ୍ୟକ୍ଷ ସୁମନ କୁମାର ବେରୀଙ୍କ ସହିତ ମୁଖ୍ୟ ଶାସନ ସଚିବଙ୍କ ବୈଠକ

# ବିଭିନ୍ନ କ୍ଷେତ୍ର ସହିତ ଓଡ଼ିଶାର ସାମଗ୍ରିକ ବିକାଶ ନେଇ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ): ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ କୁମାର ବେରୀ ଲୋକ ସେବା ଭବନରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ସଚିବଙ୍କ ସହ ଏକ ବୈଠକରେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏଥିରେ ନୀତି ଆୟୋଗର ସଦସ୍ୟ ଡଃ ଅରବିନ୍ଦ ଭିରମାନୀଙ୍କ ସମେତ ଅନ୍ୟ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ବୈଠକରେ ଓଡ଼ିଶାର ଆର୍ଥିକ ଓ ସାମଗ୍ରିକ ବିକାଶ, ଶିଳ୍ପ ଓ ନିବେଶ ପ୍ରୋତ୍ସାହନ, ଇଜ ଅଫ ଡୁଇଂ ବିଜିନେସ, ଭିତ୍ତିଭୂମି ଉନ୍ନତି, ଢାଞ୍ଚାଗତ ବିକାଶ, ଶକ୍ତି, ସହରାଞ୍ଚଳ ବିକାଶ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଶିକ୍ଷା, ଜନଜାତି କଲ୍ୟାଣ ତଥା ସାମାଜିକ କ୍ଷେତ୍ର ଆଦି ବିକାଶ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା ହୋଇଛି । ବିକଶିତ ଓଡ଼ିଶା ୨୦୩୬ ତଥା ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣ ଲକ୍ଷ୍ୟ ରଖି ଓଡ଼ିଶା ଭିଜନ କାର୍ଯ୍ୟକାରିତା ନେଇ ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ନୀତି ଆୟୋଗର ଉପାଧ୍ୟକ୍ଷ ଓଡ଼ିଶାର ବିକାଶ ଉଦ୍ୟମକୁ ପ୍ରଶଂସା କରିବା ସହ ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ରାଜ୍ୟକୁ ସମ୍ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ ।

# ଅଶୋକ ନଗର ଆମ ବସ ଭଙ୍ଗାରୁଜା, ୨ ଗିରଫ

## ପୁଣି ପାତ୍ରପଡା ଦୁର୍ଘଟଣା, ମହିଳା ଆହତ

ଭୁବନେଶ୍ୱର, (ସବ୍ୟୁ) : ଅଶୋକନଗର ଆମ ବସ ଭଙ୍ଗାରୁଜା ଘଟଣାରେ ପୋଲିସ ଦୁଇଜଣଙ୍କୁ ଗିରଫ କରିଛି । ପୁଣି ପାତ୍ରପଡାରେ ଆମ ବସ ସ୍କୁଟରକୁ ଧକ୍କା ଦେବାରୁ ଜଣେ ମହିଳା ଆହତ ହୋଇଛନ୍ତି । ଦୁଇଦିନରେ ଆମବସ ତିନୋଟି ଦୁର୍ଘଟଣା ଘଟାଇଥିବା କୁହାଯାଉଛି । ହେଲେ ଆମବସ ଡ୍ରାଇଭରଙ୍କ କହିବାନୁଯାୟୀ ବେପରୁଆ ଚାଳକମାନେ ଗାଡି ସାମ୍ନାକୁ ପଶିଆସିବାରୁ ଦୁର୍ଘଟଣା ଘଟୁଛି ।

ଅଶୋକନଗର ବସ ଭଙ୍ଗାରୁଜା ଘଟଣାରେ ଡ୍ରାଇଭର ଗୌରୀଶଙ୍କର ନାୟକ କ୍ୟାପିଟାଲ ଥାନାରେ ଏତଲା କରିଥିଲେ । ତାଙ୍କ ଏତଲା ଓ ଭଙ୍ଗାରୁଜା ଘଟଣାକୁ ନେଇ ଭୁବନେଶ୍ୱର ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଜଣାପଡିଥିଲା ଯେ ଅଶୋକନଗର ଠାରେ ବାଇକ ଆରୋହୀ ଭୁଲ ରାସ୍ତାରେ ଆସି ବସରେ ପିଟି ହୋଇଥିଲେ । ବସ ଡ୍ରାଇଭର ସତର୍କତା ସହ ବ୍ରେକ୍ କରିବା ଫଳରେ ତାଙ୍କର କିଛି କ୍ଷତି ହେଲାନାହିଁ । କେବଳ ତାଙ୍କର ବାଇକର ଆଗ ଚକା ଭାଙ୍ଗିଯାଇଛି । ଏହି ଘଟଣାରେ ଗିରଫ ହୋଇଥିବା ଦୁଇଜଣ ହେଲେ ଅଶୋକନଗର କାଳିବାଡି ବସ୍ତିର ପ୍ରଦୀପ କୁମାର ଦାସ (୫୮) ଓ ପି କ୍ରୀଷ୍ଣା ରେଡ୍ଡୀ (୨୦) । ଦୁଇଜଣଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତ ପଠାଇଦିଆଯାଇଛି ।

ପାତ୍ରପଡାଠାରେ ଘଟିଥିବା ଦୁର୍ଘଟଣାରେ ସ୍କୁଟର ଆରୋହୀଙ୍କ ଭୁଲ ଥିବା କୁହାଯାଉଛି । ସେ ଏକ ଲିଙ୍କ୍ ରାସ୍ତାରୁ ମୁଖ୍ୟ ରାସ୍ତାକୁ ପଶି ଆସିବାରୁ ତାଙ୍କୁ ଆମବସ ଧକ୍କା ଲାଗିଥିଲା । ସେ ମଧ୍ୟ ଆହତ ହୋଇଛନ୍ତି । ଦୁଇଦିନରେ ଭୁବନେଶ୍ୱରରେ ଦୁଇଟି ଓ ପୁରୀରେ ଗୋଟିଏ ଦୁର୍ଘଟଣା ଘଟିଛି । ପୁରୀ ଦୁର୍ଘଟଣାରେ ଅମବସର ଭୁଲ ଥିବାରୁ ଆହତ ବୟସ୍କା ମହିଳାଙ୍କୁ କ୍ରୁଟ ପକ୍ଷରୁ ୫୦ ହଜାର ଟଙ୍କା ଚିକିତ୍ସା ସହାୟତା ଦିଆଯାଇଛି । ଦୁଇଦିନରେ ତିନୋଟି ଦୁର୍ଘଟଣାକୁ ନେଇ ଆମ ବସ ସମ୍ପର୍କରେ ଚର୍ଚ୍ଚା ହେଉଥିବା ବେଳେ ଭୁବନେଶ୍ୱରର ଦୁଇଟି ଦୁର୍ଘଟଣାରେ ଆମବସର ସେପରି ଭୁଲ ନଥିବା କୁହାଯାଉଛି । ଭୁଲ ଯାହାର ହେଉନା କାହିଁକି ରାସ୍ତାରେ ଗାଡି ଚଳାଇବା ବେଳେ ସତର୍କତା ଅବଲମ୍ବନ କଲେ ଦୁର୍ଘଟଣା ହେବ ନାହିଁ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି ।






ଓଡ଼ିଶା ସାହିତ୍ୟଏକାଡେମୀ ପକ୍ଷରୁ ମେଘମହ୍ଲାରଙ୍କ ମିଳିତ ସହଯୋଗରେ ଏକଦିବସୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବ ପିତୁକୁଳି, ଖୋର୍ଦ୍ଧା ଠାରେ ଅନୁଷ୍ଠିତ ହୋଇଯାଇଛି ।

## କନ୍ଧ ଗଉଡ଼ ଜାତିକୁ ଅନୁସୂଚିତ ଜାତି ମାନ୍ୟତା ଦାବି

ଦଶପଲ୍ଲା (ସବ୍ୟୁ): କନ୍ଧ ଗଉଡ଼ ଜାତିକୁ ଅନୁସୂଚିତ ଜନଜାତିରେ ସାମିଲ କରିବା ପାଇଁ ମହିଳା ଜିବିକା ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି । ଏ ନେଇ ଗୁରୁବାର ଦିନ ସ୍ଥାନୀୟ ମହିଳା ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ମେଳିଆ ତୋଟାଠାରୁ ବାହାରି ସହର ପରିକ୍ରମା କରି ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା । ପରେ ଏକ ଦାବି ପତ୍ର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କନ୍ଧମାଳ ସାଂସଦ, ବିଧାୟକ, ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଙ୍କୁ ପ୍ରଦାନ କରାଯାଇଥିଲା ।

### ସମ୍ବଲପୁରରୁ ଓଡ଼ିଶାର ପ୍ରଥମ 'ବୋଇଂ ସୁକନ୍ୟା ଷ୍ଟେମ୍ ଲ୍ୟାବ୍'ର ଶୁଭାରମ୍ଭ

# କନ୍ୟାରତ୍ନଙ୍କ ଆକାଶ ଛୁଇଁବାର ସ୍ୱପ୍ନ ପୂରଣ କରିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁରର ଐତିହାସିକ ଚନ୍ଦ୍ରଶେଖର ବେହେରା(ସିଏସବି) ଜିଲ୍ଲା ସ୍କୁଲ ସମେତ ତିନୋଟି ସ୍ଥାନରେ ଉଦଘାଟିତ 'ବୋଇଂ ସୁକନ୍ୟା ଷ୍ଟେମ୍ ଲ୍ୟାବ୍' କେବଳ ଏକ ବିଜ୍ଞାନାଗାର ନୁହେଁ, ବରଂ ଏହା ଆମର କନ୍ୟାରତ୍ନମାନଙ୍କ ପାଇଁ ଆକାଶ ଛୁଇଁବାର ଏକ ଶକ୍ତିଶାଳୀ ମାଧ୍ୟମ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ 'ଜାତୀୟ ଶିଶୁ କନ୍ୟା ଦିବସ' ଅବସରରେ ସମ୍ବଲପୁରର ଐତିହାସିକ ସି.ଏସ. ବି ଜିଲ୍ଲା ସ୍କୁଲର ବାର୍ଷିକୋତ୍ସବ 'ଜ୍ୟୋତିର୍ଗମୟ'ରେ ଯୋଗଦେବା ସହ ଏହି ଠାରୁ ଆଭାସୀ ମାଧ୍ୟମରେ 'ବୋଇଂ ସୁକନ୍ୟା ପ୍ରୋଗ୍ରାମ ଷ୍ଟେମ୍ ଲ୍ୟାବ୍'ର ଉଦଘାଟନ କରିଥିଲେ । ସମ୍ବଲପୁରର ସିଏସବି ଜିଲ୍ଲା ହାଇସ୍କୁଲ, ଗୌରଚନ୍ଦ୍ର ହାଇସ୍କୁଲ, ରେଢ଼ାଖୋଲ ଏବଂ ସରକାରୀ ହାଇସ୍କୁଲ କୁଚିଣ୍ଡାରେ ଏହି ଲ୍ୟାବର ଉଦଘାଟନ କରି ଶ୍ରୀ ପ୍ରଧାନ ଖୁସି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ 'ଜାତୀୟ ଶିଶୁ କନ୍ୟା ଦିବସ' ଅବସରରେ ଓଡ଼ିଶାର ପ୍ରଥମ 'ବୋଇଂ ଷ୍ଟେମ ଲ୍ୟାବ୍' ସମ୍ବଲପୁରରୁ ଆରମ୍ଭ ହୋଇଛି । ଏହି ଲ୍ୟାବରେ ବିଜ୍ଞାନ ସହ ଏରୋସ୍ପେସ୍ ସମ୍ବନ୍ଧୀୟ ଶିକ୍ଷା ଏବଂ ପାଇଲଟ୍ ହେବା ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ଉଦ୍ୟମ ଆମର ଛାତ୍ରଛାତ୍ରୀ, ବିଶେଷ କରି ଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ଓ ନବସୃଜନର ନୂତନ ଜ୍ୟୋତି ପ୍ରଜ୍ୱଳିତ କରିବ ।



ମନ୍ତ୍ରୀ କହିଛନ୍ତି ଯେ, ଆଗାମୀ ୧୦ ବର୍ଷ ମଧ୍ୟରେ ଭାରତରେ ବିମାନ ସଂଖ୍ୟା ୧୫ ହଜାରକୁ ବୃଦ୍ଧି ପାଇବ। ଏଥିପାଇଁ ବହୁ ସଂଖ୍ୟାରେ ପାଇଲଟ୍, ଇଞ୍ଜିନିୟର ଓ ଡିଜାଇନର୍ ଆବଶ୍ୟକ । ଏହି ଷ୍ଟେମ୍ ଲ୍ୟାବଗୁଡ଼ିକ ଆଗାମୀ ଦିନରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଆମର ଛାତ୍ରଛାତ୍ରୀଙ୍କୁ, ବିଶେଷ କରି ଛାତ୍ରୀମାନଙ୍କୁ ଏକବିଂଶ ଶତାବ୍ଦୀର ଏହି ଆହ୍ୱାନ ପାଇଁ ପ୍ରସ୍ତୁତ କରିବ । ଏହା ସେମାନଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ଏକ ବଳିଷ୍ଠ ମାଧ୍ୟମ ସାଜିବ । ଶ୍ରୀ ପ୍ରଧାନ ମିଶାଇଲ ମ୍ୟାନ ଭାରତରତ୍ନ ଏପିଜେ ଅବଦୁଲ କଲାମଙ୍କ ସଫଳତାର ଉଦାହରଣ ଦେବା ସହ ପିଲାମାନଙ୍କ ମଧ୍ୟରେ ମୌଳିକ ସ୍ୱଷ୍ଟତା ଓ 'କ୍ରିଟିକାଲ ଥିଙ୍କିଂ' ବୃଦ୍ଧି କରିବା ପାଇଁ ବିଜ୍ଞାନ ସମେତ ଅନ୍ୟାନ୍ୟ ବିଷୟକୁ ମାତୃଭାଷାରେ ପଢ଼ାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ ହୋଇଥିବା ବେଳେ ଶିକ୍ଷାବର୍ଷ ୨୦୨୬-୨୭ ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ । ଏହା 'ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା' (ଓଏସସିଏଫ) ଉପରେ ଆଧାରିତ ହେବ । ରାଜ୍ୟର ୧ ଲକ୍ଷ ୬୭ ହଜାର ଶିକ୍ଷକଙ୍କୁ ନୂତନ ପାଠ୍ୟକ୍ରମରେ ଦକ୍ଷ କରିବା ପାଇଁ ଏନସିଇଆରଟି ଏବଂ ଆଇଆଇଟି ମାଡ୍ରାସ ସହାୟତାରେ ଏଆଇ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବା ଆରମ୍ଭ ହୋଇଛି । ସେହିପରି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ । ଏହାବ୍ୟତୀତ ଓଡ଼ିଶାର ପିଲାମାନଙ୍କ ସ୍ୱାସ୍ଥ୍ୟଗତ ଯତ୍ନ ନେବାକୁ ସେ ଆହ୍ୱାନ କରିଥିଲେ । ସ୍କୁଲର ମୁଖପତ୍ର 'ବୈଜୟନ୍ତୀ' ମଧ୍ୟ ଶ୍ରୀ ପ୍ରଧାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା ।

# ରୋଟାରୀ ରୟାଲ୍ ଓ ଉତ୍କଳ ଲକ୍ଷ୍ମୀ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ

ଭୁବନେଶ୍ୱର, (ସବ୍ୟୁ): ରୋଟାରୀ ରୟାଲ୍ ଓ ଉତ୍କଳ ଲକ୍ଷ୍ମୀ ଇଂଜିନିୟରିଂ ର ମିଳିତ ଆନୁକୂଲ୍ୟରେ ଆଇ ଆର୍ ସି ଭିଲେଜ୍ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରୋଟାରୀ ଜିଲ୍ଲା ୩୨୬୨ର ପରବର୍ତ୍ତୀ ପ୍ରାନ୍ତପାଳ ଅନିଲ୍ କୁମାର ସାମଲ୍ ଉଦ୍ଘାଟନ କରିଥିଲେ। ଭୁବନେଶ୍ୱର ମହାନଗର ନିଗମର ବ୍ଲଡ଼ ବ୍ୟାଙ୍କ ସହାୟତାରେ ସମୁଦାୟ ଚାଳିଶି ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି




ଅବସରରେ ରୋଟାରୀ ରୟାଲ୍ ସଭାପତି ଅର୍ଜୁନ କୁମାର ସାହୁ କହିଥିଲେ କି, ନିକଟରେ କ୍ଲବ୍ ପକ୍ଷରୁ ଆଠମଲ୍ଲିକ ଠାରେ ଏକ ମେଗା ହେଲ୍ଥ କ୍ୟାମ୍ପ ଆୟୋଜନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଉତ୍କଳ ଲକ୍ଷ୍ମୀ ଇଂଜିନିୟରିଂ ର ସତ୍ୱାଧିକାରୀ ଶ୍ରୀନିବାସ ସାହୁ ଏହି ଶିବିର ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଏଥିରେ ରୟାଲ୍ କ୍ଲବ୍ ର ପ୍ରାକ୍ତନ ସଭାପତି ବିଭୂତି ଭୂଷଣ କର, ସମରେନ୍ଦ୍ର ପରିଜା, ଅଜୟ ପଟ୍ଟନାୟକ, ପ୍ରସନ୍ନ ଲେଙ୍କା, ପ୍ରଦୀପ ଦାସ, ତୁଷାର ମହାନ୍ତି, ଦେବ ପାତ୍ର ଓ ସରିତା ସାହୁ ପ୍ରମୁଖ ଆୟୋଜନରେ ଅଂଶଗ୍ରହଣ କରିଥିଲେ।

# ଅର୍ବାନ ବ୍ୟାଙ୍କ ପୂର୍ବତନ ସଭାପତି ଚଣ୍ଡୀ ପ୍ରସାଦ ସିଂହଙ୍କ ପତ୍ନୀ ବିୟୋଗ

ପୁରୀ, (ସବ୍ୟୁ): ପୁରୀ ଅର୍ବାନ ବ୍ୟାଙ୍କର ପୂର୍ବତନ ସଭାପତି ତଥା ଆଇନଜୀବି ଓ ରାଜ ନେତା ଚଣ୍ଡୀ ପ୍ରସାଦ ସିଂହଙ୍କ ଧର୍ମ ପତ୍ନୀ ଗାୟତ୍ରୀ ଦେବୀଙ୍କର ଶନିବାର ଦିନ ମୃତ୍ୟୁ ଘଟିଛି। ତାଙ୍କର ମୃତ୍ୟୁ ରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ହିନ୍ଦୁ ଧର୍ମ ଅନୁସାରେ ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କ ଶେଷ କୃତ୍ୟ ସଂପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ଲଲାଟେନ୍ଦୁ ପ୍ରସାଦ ସିଂହ ତାଙ୍କୁ ମୁଖାଗ୍ନି ଦେଇ ଥିଲେ। ମୃତ ବେଳକୁ ତାଙ୍କୁ ୬୦ ବର୍ଷ ବୟସ ହୋଇ ଥିଲା। ସେ କିଛି ଦିନ ହେବ ଭୁବନେଶ୍ୱର ମଣିପାଲ୍ ହସ୍ପିଟାଲରେ ଚିକିତ୍ସାଧିନ ଥିଲେ।



ସେ ଜଣେ ସରଳ, ନିଷ୍କପଟ ଅମାୟିକ ଓ ଧର୍ମ ପରାୟଣ ମହିଳା ଥିଲେ। ତାଙ୍କ ଦେହାନ୍ତ ଖବର ପାଇ ପୁରୀ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ପୌର ପରିଷଦ ଅଧକ୍ଷ ସୁରେନ୍ଦ୍ର ନାଥ ଦାସଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଆସି ହାଡଗୋଡ଼ିଆ ସାହି ବାସଭବନରେ ମର ଶରୀରର ଶେଷ ଦର୍ଶନ କରିଥିଲେ। ଶେଷ କୃତ୍ୟ ସଂପନ୍ନ ବେଳେ ପରିବାର ସମସ୍ତ ସଦସ୍ୟଙ୍କ ମଧ୍ୟରେ ମଙ୍ଗଳ ପ୍ରସାଦ ସିଂହ, ରମେଶ ପ୍ରସାଦ ସିଂହ, ପୁତ୍ର ନାରାୟଣ ପ୍ରସାଦ ସିଂହ, ଅନନ୍ତ ପ୍ରସାଦ ସିଂହ, କନ୍ୟା ପଦ୍ମାଳୟା ଦେବୀ, ଜୋଇଁ ପ୍ରମୋଦ କୁମାର ନାୟକଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ପାନୀୟ ଜଳ ପାଇଁ ନାହିଁ ରାସ୍ତା ଗ୍ରାମବାସୀଙ୍କ ରାଜପଥ ଅବରୋଧ

ଦଶପଲ୍ଲା, (ସବ୍ୟୁ): ପମ୍ପ ହାଉସ କୁ ନାହିଁ ରାସ୍ତା । ମିଳୁନି ପାନୀୟ ଜଳ । ବାରମ୍ବାର ତିନୋଟି ଗ୍ରାମର ଗ୍ରାମବାସୀମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣକରିଥିଲେ ମଧ୍ୟ ମିଳୁନି ସୁଫଳ । ଏଭଳି ଦୁର୍ଦଶା ଭୋଗୁଛନ୍ତି ଦଶପଲ୍ଲା ବ୍ଲକ ଟାକେରା ପଞ୍ଚାୟତ ର ଗୋପାଳପୁର, ଟାକେରା, ଓ ରଥୀପୁର ଗ୍ରାମର ଗ୍ରାମବାସୀ । ଗ୍ରାମବାସୀଙ୍କ କହିବାନୁଯାୟୀ ଗୋପାଳପୁର ଠାରେ ସରକାର ଙ୍କ ଦାରା କରାଯାଇଛି ବୋରିଂ ପମ୍ପ ହାଉସ । ଏହି ପମ୍ପ ହାଉସ ରୁ ରଥୀପୁର, ଗୋପାଳପୁର ଏବଂ ଟାକେରା ଗ୍ରାମର ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥାଏ । ଦୀର୍ଘ ୨୦ ବର୍ଷ ଧରି ଗ୍ରାମବାସୀ ମାନେ ଏଠାରୁ ପାଣି ବ୍ୟବହାର କରୁଥିବା ବେଳେ ଖୋର୍ଧା- ବଲାଙ୍ଗୀର ରେଳପଥ କାର୍ଯ୍ୟ ଚାଲୁଥିବାରୁ ଏହି ପାଣିପମ୍ପ ହାଉସ କୁ ଯିବା ପାଇଁ ରାସ୍ତା ନାହିଁ । ଯାହାଫଳରେ ପାନୀୟଜଳରୁ ବଂଚିତ ହେଉଛନ୍ତି । ପୂର୍ବରୁ ଗ୍ରାମବାସୀ ଙ୍କ ଦାରା ସ୍ଥାନୀୟ ତହସିଲଦାର ଓ ରେଳ ଧାରଣା ନିର୍ମାଣ ରେ ଥିବା ଠିକାସଂସ୍ଥା କୁ ଲିଖିତ ଭାବେ ଉପରୋକ୍ତ ଗ୍ରାମବାସୀ ଜଣାଇଥିଲେ ମଧ୍ୟ ସେଥିରେ କୌଣସି ସୁଫଳ ମିଳିଲା ନାହିଁ । ଏହାକୁ ନେଇ ଉପରୋକ୍ତ ଗ୍ରାମର ଗ୍ରାମବାସୀ ମାନେ ଟାକେରା ଠାରେ ଜାତୀୟ ରାଜପଥ ଉପରେ ବାଲଟି ଗରା ଧରି ଆନ୍ଦୋଳନ ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଗାଡି ମଟର ଅଟକି ରହିଥିଲା । ପରେ ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଗ୍ରାମବାସୀ ମାନେ ରାସ୍ତା ଅବରୋଧରୁ ନିବୃତ୍ତ ରହିଥିଲେ ।

# ମାଲାବାର ଗୋଲ୍ଡର ଭୁବନେଶ୍ୱର ଷ୍ଟୋରରେ କଳା ପ୍ରଦର୍ଶନୀ

ଭୁବନେଶ୍ୱର (ସବ୍ୟୁ): ଦେଶର ସର୍ବବୃହତ ସୁନା ଏବଂ ହୀରା ଖୁଚୁରା ଶୃଙ୍ଖଳା ମଧ୍ୟରୁ ଅନ୍ୟତମ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ସହିଦ ନଗର ଶୋରୁମ୍, ଭୁବନେଶ୍ୱରରେ ୨୪ ଜାନୁଆରୀରୁ ୧ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ "କଳା ପ୍ରଦର୍ଶନୀ ଶୋ' ଆରମ୍ଭ ହୋଇଛି । ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ପାରମ୍ପରିକ ଏବଂ ସମସାମୟିକ ଡିଜାଇନର ଏକ ବିସ୍ତୃତ ପରିସର ସହିତ ହସ୍ତଶିଳ୍ପ ଅଳଙ୍କାରର କଳାତ୍ମକ ସୂକ୍ଷ୍ମତା ପ୍ରଦର୍ଶନ କରିବ । କଳା ପ୍ରଦର୍ଶନୀ ଅଲିଉଡ୍ ଅଭିନେତ୍ରୀ ମିସ୍ ପୁନମ୍ ମିଶ୍ର ଏବଂମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଭୁବନେଶ୍ୱରର ସମସ୍ତ ପରିଚାଳନା ଟିମ୍‌ର ଉପସ୍ଥିତିରେ ଆରମ୍ଭ କରାଯାଇଥିଲା । ଆର୍ଟିଷ୍ଟ୍ରି ପ୍ରଦର୍ଶନୀରେ ପ୍ରଦର୍ଶିତ ପ୍ରତ୍ୟେକ ଅଳଙ୍କାର ଅନନ୍ୟ ଏବଂ ଭାରତୀୟ ଡିଜାଇନର କଳା ଏବଂ ଦକ୍ଷ ହସ୍ତଶିଳ୍ପର ପ୍ରମାଣ । ଏହି ସଂଗ୍ରହରେ ଅତ୍ୟନ୍ତ ନିଖୁଣତା ସହିତ ପ୍ରସ୍ତୁତ ଡିଜାଇନ୍ ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡର ସ୍ୱତନ୍ତ୍ର ବ୍ରାଣ୍ଡର ବିଭିନ୍ନ ପ୍ରକାରର ଖଣ୍ଡ ରହିଛି, ଯେପରିକି ମାଇନ୍ ଡାଇମଣ୍ଡ ଅଳଙ୍କାର, ଏରା ଅନକଟ୍ ହୀରା,



ପ୍ରିସିଆ ମଣିପଥର ଅଳଙ୍କାର, ଏଥନିକ୍ସ ହସ୍ତଶିଳ୍ପ ଅଳଙ୍କାର, ଭିରାଜ ରୟାଲ୍ ପୋଲକି ଅଳଙ୍କାର ଇତ୍ୟାଦି । ଏହି ଅଭିଯାନରେ ଗ୍ରାହକମାନେ ସୁନା ଏବଂ ଷ୍ଟଡେଡ୍ ଜିନିଷଗୁଡ଼ିକର ନିର୍ମାଣ ଚାର୍ଜରେ ୩୦% ପର୍ଯ୍ୟନ୍ତ ରିହାତି ଏବଂ ଡାଇମଣ୍ଡ ମୂଲ୍ୟରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ । ଏହି ଅବସରରେ ମାଲାବାର ଗ୍ରୁପ୍ ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, ଆମେ ଭୁବନେଶ୍ୱର ଶୋ'ରୁମରେ ଆର୍ଟିଷ୍ଟ୍ରି ଶୋ' ଆରମ୍ଭ କରି ଆନନ୍ଦିତ ଏବଂ ଆମର ଅଳଙ୍କାର କାରିଗରିର ଉତ୍କର୍ଷତାକୁ ପାଳନ କରୁଥିବା ଉତ୍କୃଷ୍ଟ ଡିଜାଇନ୍ ପ୍ରଚଳନ କରି ଖୁସି । ସହରର ଅଳଙ୍କାର କ୍ରେତାମାନେ ସର୍ବୋଚ୍ଚ ଗୁଣବତ୍ତା, ପବିତ୍ରତା ଏବଂ ଉଚିତ ମୂଲ୍ୟର ନିଶ୍ଚିତତା ସହିତ ଆମର ଉତ୍ପାଦଗୁଡ଼ିକୁ ଉପଭୋଗ କରିପାରିବେ ।

# ରତ୍ନାକର ମାଣିଆଙ୍କର ୧୦୨ତମ ଜୟନ୍ତୀ

ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ସମାଜସେବୀ, ସମାଜ ସଂସ୍କାରକ, ସାମାଜିକ ନ୍ୟାୟ ଆନ୍ଦୋଳନର ଅନ୍ୟତମ ପ୍ରମୁଖ ପ୍ରବକ୍ତା ରତ୍ନାକର ମାଣିଆଙ୍କ ୧୦୨ତମ ଜୟନ୍ତୀ ରତ୍ନାକର ମାଣିଆ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରେଡ୍‌କ୍ରେସ୍ ଭବନ ସଭାକକ୍ଷରେ ଶନିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସମାଜର ଅବହେଳିତ ଜନଗଣଙ୍କ ଦୁଃଖ ମୋଚନ ପାଇଁ ଅବିରତ ସଂଗ୍ରାମକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ରତ୍ନାକର ମାଣିଆ ଜଣେ ଅନନ୍ୟ ବ୍ୟକ୍ତିତ୍ୱ। ଉଚ୍ଚ ପ୍ରଶାସନିକ ପଦବୀରେ ଥାଇ ମଧ୍ୟ ସାଧାରଣ ଲୋକଙ୍କୁ ସେମାନଙ୍କ ହକ୍ ଦେବା ପାଇଁ ସେ ଆପ୍ରାଣ ଚେଷ୍ଟା କରି ଆସୁଥିଲେ। ସମାଜରୁ କୁସଂସ୍କାର, ଅନ୍ଧବିଶ୍ୱାସ ଦୁରିକରଣ ପାଇଁ ସେ ଉଦ୍ୟମ ଜାରି ରଖିଥିଲେ । ଜଣେ ସଚ୍ଚୋଟ, ନିର୍ଭିକ ବ୍ୟକ୍ତି ଥିଲେ ବୋଲି ତାଙ୍କର ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ମତବ୍ୟକ୍ତ କରିଛନ୍ତି ଅତିଥିଗଣ। ଫାଉଣ୍ଡେସନର ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କର ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଅର୍ଥନୀତି ବିଶାରଦ ପ୍ରଫେସର କୁମରବର ଦାସ ମୁଖ୍ୟ ଅତିଥି, ପୂର୍ବତନ ବିଧାୟିକା ସୁନନ୍ଦା ଦାସ, ସମ୍ମାନିତ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଦୁର୍ଯ୍ୟୋଧନ ଜାଠୁଆ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶୁଶ୍ରୀ ଶ୍ରିୟା ଦାସଙ୍କୁ ଚଳିତ ବର୍ଷର ରତ୍ନାକର ମାଣିଆ ବିଦ୍ୟାର୍ଥୀ ପୁରସ୍କାର ଓ ସଂକର୍ଷଣ ବେହେରା, ଗୌରହରି ବାରିକ ଓ ନୃସିଂହ ନାରାୟଣ ଦାସଙ୍କୁ ରତ୍ନାକର ମାଣିଆ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଫାଉଣ୍ଡେସନର ଉପସଭାପତି କ୍ଷେତ୍ରମୋହନ ଦାସ ସ୍ୱାଗତ ଭାଷଣ ଦେଇଥିଲେ ଓ ସଂପାଦକ କର୍ପୋରେଟର ରାଜ କିଶୋର ଦାସ ଧନ୍ୟବାଦ ଦେଇଥିଲେ।

# ସ୍କର୍ପିଓ ଗାଡ଼ିରେ ଛେଳିମେଣ୍ଢା ଚୋରି

ଗୋପ, (ସବ୍ୟୁ): ଗୋପ ଥାନା ଅଞ୍ଚଳରୁ କ୍ରମାଗତ ଭାବରେ ଛେଳି ମେଣ୍ଢା ଚୋରି ହେବା ଅଭିଯୋଗ ହେଉଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ପୋଲିସ କେବଳ ମୋକଦ୍ଦମା ରୁଜୁ କରି ବସୁଥିବା ବେଳେ ପୋଲିସ ପକ୍ଷରୁ ରାତ୍ରି ପେଟ୍ରୋଲିଙ୍ଗ ଦାବି କରା ଯାଇଛି । ପ୍ରକାଶ ଯେ ସପ୍ତାହ ମଧ୍ୟରେ ଗୋପ ଥାନା ଅଞ୍ଚଳରେ କୁସୁପୁର, ଶୋଳପୁର, ସୁବର୍ଣ୍ଣପୁର ଅଞ୍ଚଳ ରୁ ଛେଳି ମେଣ୍ଢା ଚୋରି ହେଉଥିବା ଭଳି ଅଭିଯୋଗ ହେଉଥିବା ବେଳେ ଗୁରୁବାର ବିଳମ୍ବିତ ରାତ୍ରରେ ଗୋପ ବଜାର ନିକଟସ୍ଥ ଶେକ କଲିମ ଙ୍କ ଘରୁ ୨୪ ଗୋଟି ଛେଳି ଓ ମେ,,ଚୋରି ହୋଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି । ଗୁରୁବାର ରାତିରେ ଶେକ କଲିମ ଙ୍କ ପରିବାର ଶୋଇଥିବା ବେଳେ ବିଳମ୍ବିତ ରାତ୍ରରେ ଏକ ସ୍କର୍ପିଓ ଗାଡ଼ି ଆସିଥିଲା । ଗାଡ଼ିରେ ୩/୪ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବାହାରି ଛେଳି ମେଣ୍ଢା ଏହି ଗାଡ଼ିରେ ନେଇ ଚମ୍ପଟ ମାରିଥିଲେ । ଭୋର୍ ରୁ ଛେଳି ମେଣ୍ଢା ଚୋରି ହେବା ଜାଣିବା ପରେ ଶେକ କଲିମ ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା ।

### ସଡ଼କ ସୁରକ୍ଷା ନେଇ ମଣିପାଲ୍ ହସ୍ପିଟାଲ୍‌ର ସଚେତନତା ସଭା

# ଦୁର୍ଘଟଣା ହ୍ରାସ ପାଇଁ ଏକାଠି ହେଲେ ଡାକ୍ତର, ପ୍ରଶାସନିକ ଅଧିକାରୀ ଓ ମିଡିଆ

ଭୁବନେଶ୍ୱର, (ସବ୍ୟୁ): ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ 'ସଡ଼କ ସୁରକ୍ଷା ସଚେତନତା ମାସ' ଅବସରରେ ଜାନୁଆରୀ ୨୩, ୨୦୨୬ ତାରିଖରେ ଭୁବନେଶ୍ୱର ପ୍ରେସ୍ କ୍ଲବ୍‌ରେ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ଡାକ୍ତର, ପ୍ରଶାସନିକ ଅଧିକାରୀ, ଆପାତକାଳୀନ ସେବାକର୍ମୀ ଏବଂ ମିଡିଆ ପ୍ରତିନିଧିମାନେ ଯୋଗଦେଇ ଓଡ଼ିଶାରେ ବଢ଼ୁଥିବା ସଡ଼କ ଦୁର୍ଘଟଣା ସମସ୍ୟା ଉପରେ ବିସ୍ତୃତଭାବେ ଆଲୋଚନା କରିଥିଲେ। ସରକାରୀ ନିୟମ, ଟ୍ରମା ଚିକିତ୍ସା ସୁବିଧା ଉନ୍ନତ ହେଲେ ମଧ୍ୟ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା କମୁନାହିଁ। ପରିବହନ ବିଭାଗ ତଥ୍ୟ ଅନୁଯାୟୀ, ଗତ ୫ ବର୍ଷରେ ଓଡ଼ିଶାରେ ୫୬,୮୩୧ଟି ସଡ଼କ ଦୁର୍ଘଟଣାରେ ୨୭,୧୬୭ ଜଣଙ୍କ ମୃତ୍ୟୁ ଏବଂ ୫୦,୦୪୧ ଜଣ ଆହତ ହୋଇଛନ୍ତି। ରାଜ୍ୟର ଦୁର୍ଘଟଣା ଗୁରୁତ୍ୱ ହାର ୪୯.୬ ପ୍ରତିଶତ ରହିଛି, ଯାହା ଜାତୀୟ ହାର ଠାରୁ ୩୭ ପ୍ରତିଶତଠାରୁ ଅଧିକ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିବହନ କମିଶନର ଅମିତାଭ ଠାକୁର, ଅଗ୍ନିଶମ ଓ ଆପାତକାଳୀନ ସେବାର ମହାନିରୀକ୍ଷକ ଡକ୍ଟର ଉମାଶଙ୍କର ଦାଶ, ଓଡ଼ିଶା ମହିଳା ମିଡିଆର ଅଧକ୍ଷ ଉପସ୍ଥିତ ଶ୍ରୀମତୀ କସ୍ତୁରୀ ରାୟ, ମଣିପାଲ୍ ହସ୍ପିଟାଲ୍‌ର କ୍ଲଷ୍ଟର ନିର୍ଦ୍ଦେଶକ ଡାକ୍ତର ଶକ୍ତିମୟ ମହାପାତ୍ର ଙ୍କ ସମେତ ଅନେକ ସାମ୍ବାଦିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ଏହି ଏହି ଅବସରରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକା ସ୍ୱର୍ଗତା ଶୀଲା ପଟ୍ଟନାୟକଙ୍କ ସ୍ମୃତିରେ ଗୋଟିଏ ମିନିଟ୍ ନୀରବତା ପାଳନ କରାଯାଇଥିଲା। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ସ୍ନାୟୁ ଶଲ୍ୟ ଚିକିତ୍ସକ ତଥା ନ୍ୟୁରୋ ସର୍ଜରୀ ବିଭାଗର ନିର୍ଦ୍ଦେଶକ ଡାକ୍ତର ଅମିତ୍ ଜୟସୱାଲ୍ କହିଥିଲେ ଯେ, ସଡ଼କ ଦୁର୍ଘଟଣାରେ ମୁଣ୍ଡ ଓ ମେରୁଦଣ୍ଡ ଆଘାତ ମୃତ୍ୟୁ ଓ ସ୍ଥାୟୀ ଅକ୍ଷମତାର ପ୍ରମୁଖ କାରଣ। ସେ ହେଲମେଟ୍ ବ୍ୟବହାର ଏବଂ ସମୟରେ ସଠିକ୍ ଚିକିତ୍ସା ମିଳିଲେ ଜୀବନ ରକ୍ଷା ସମ୍ଭବ ବୋଲି କହିଥିଲେ।

ସେହିଭଳି ମଣିପାଲ ହସ୍ପିଟାଲ ଭୁବନେଶ୍ୱର ସ୍ନାୟୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଦ୍ୟୁତ ରଞ୍ଜନ ଭୂୟାଁ କହିଥିଲେ ଯେ, ଦୁର୍ଘଟଣା ପରେ ତୁରନ୍ତ ସ୍ନାୟୁ ପରୀକ୍ଷା ଅତ୍ୟନ୍ତ ଜରୁରୀ, ଯାହା ଭବିଷ୍ୟତରେ ଗୁରୁତର ସମସ୍ୟାକୁ ରୋକିପାରିବ। ମଣିପାଲ ହସ୍ପିଟାଲର ଆପାତକାଳୀନ ଚିକିତ୍ସା ବିଭାଗ ମୁଖ୍ୟ ଡାକ୍ତର ଅଭିଷେକ ଚାଟର୍ଜୀ, 'ଗୋଲ୍‌ଡେନ୍ ଆୱର'ର ଗୁରୁତ୍ୱ ଉପରେ ଜୋର ଦେଇ କହିଥିଲେ ଯେ, ଘଟଣାସ୍ଥଳରେ ତୁରନ୍ତ ସହାୟତା, ଆମ୍ବୁଲାନ୍ସ ସେବା ଏବଂ ପ୍ରାଥମିକ ଚିକିତ୍ସା ଜ୍ଞାନ ଅନେକ ଆହାତ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇପାରିବ। ଓଡ଼ିଶା ମହିଳା ମିଡିଆ ର ଅଧ୍ୟକ୍ଷ ଶ୍ରୀମତୀ କସ୍ତୁରୀ ରାୟ କହିଥିଲେ ଯେ, ସମାଜରେ ସଠିକ୍ ସଚେତନତା ସୃଷ୍ଟି ପାଇଁ ମିଡିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟ ଅତିଥି ଶ୍ରୀ ଅମିତାଭ ଠାକୁର, "ସଡ଼କ ସୁରକ୍ଷା ମାସ ପରିବହନ ନିୟମ, କଡ଼ା ନିୟନ୍ତ୍ରଣ ଏବଂ ନୀତି ସହ ସିଧାସଳଖ ଭାବେ ଜଡ଼ିତ। ନିୟମ ପାଳନ, ଉତ୍ତମ ସଡ଼କ ବ୍ୟବସ୍ଥା ଏବଂ ସାଧାରଣ ଲୋକଙ୍କ ସହଭାଗୀତା ଦ୍ୱାରା ଦୁର୍ଘଟଣା କମିପାରିବ ବୋଲି କହିଥିଲେ।




# କଂଗ୍ରେସ ଓ ବିଜେଡି ଛାଡି ବିଜେପିରେ ଯୋଗଦେଲେ ୭ ସମିତି ସଭ୍ୟ, ୨ ସରପଞ୍ଚ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। କଂଗ୍ରେସ ସବୁବେଳେ ଆଦିବାସୀ, ଦଳିତ ଓ ପଛୁଆବର୍ଗ ବିରୋଧୀ। ସ୍ୱାଧୀନତାର ୭୮ ବର୍ଷେ ପରେ ବି ରାୟଗଡ଼ା ଜିଲ୍ଲା ବିକାଶ ଧାରାରେ ସାମିଲ ହୋଇପାରି ନ ଥିଲା। ଏଭଳି ଅବହେଳିତ ଜିଲ୍ଲାର ବିକାଶ ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ବିଜେପିର ଅନ୍ୟ ନାମ ହେଉଛି ବିକାଶ। ଏଥିଯୋଗୁ ଲୋକେ ଅନ୍ୟ ରାଜନୈତିକ ଦଳ ପରତ୍ୟାଗ କରି ବିଜେପି ମୁହାଁ ହେବାରେ ଲାଗିଛନ୍ତି। ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ରାୟଗଡ଼ା ଜିଲ୍ଲା ବିଷମ କଟକ ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ ଓ ବିଜେଡି ସମର୍ଥିତ ସରପଂଚ ଏବଂ ସମିତି ସଭ୍ୟ ନିଜ ଦଳ ଛାଡ଼ି ବିଜେପିରେ ଯୋଗଦେଇଛନ୍ତି। ଆଜିର ମିଶ୍ରଣ ଦ୍ୱାରା ରାୟଗଡ଼ା ଜିଲ୍ଲାରେ ଦଳର ସଂଗଠନ ଆହୁରି ଶକ୍ତିଶାଳୀ ହୋଇପାରିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ, ଖଣିଖାଦାନରେ ଭରପୂର ରାୟଗଡ଼ା ଜିଲ୍ଲାରେ ଅନେକ ସମ୍ଭାବନା ରହିଛି। ଏଠାରେ ଶିଳ୍ପଠାରୁ ଆରମ୍ଭ କରି ପର୍ଯ୍ୟଟନ ପର୍ଯ୍ୟନ୍ତ ବିକାଶମୂଳକ କାର୍ଯ୍ୟ ତ୍ୱରାନିତ ହେବ। ପଂଚାୟତରୁ ସହର ପର୍ଯ୍ୟନ୍ତ ବିକାଶ କରି ରାୟଗଡ଼ା ଚିତ୍ର ବଦଳାଇବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆମ ସମସ୍ତଙ୍କୁ ଏକତ୍ରିତ ହୋଇ ବିକାଶ କାର୍ଯ୍ୟକୁ ଆଗକୁ ନେବା ପଡ଼ିବ। ଏହାଦ୍ୱାରା କେବଳ ରାୟଗଡ଼ା ନୁହେଁ, ସମଗ୍ର ଓଡ଼ିଶା ବିକଶିତ ହୋଇପାରିବ। ମିଶ୍ରଣ ପର୍ବରେ ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଛନ୍ତି ଯେ, ଆଜି ଏକ ସୁଖଦ ଦିନ। ରାୟଗଡ଼ା ଜିଲ୍ଲାର ବିକାଶ ପାଇଁ ସେଠାକାର ବହୁ ସମିତିସଭ୍ୟ ଓ ସରପଂଚ ସେମାନଙ୍କ ଦଳ ଛାଡ଼ି ଆଜି ବିଜେପିରେ ସାମିଲ ହୋଇଛନ୍ତି। ରାୟଗଡ଼ା ଜିଲ୍ଲାର ବିକାଶ ପାଇଁ ଏବେ ସେମାନେ ବିଜେପିରେ ଯୋଗଦେଇଛନ୍ତି। ଆଜି ଏହି ମିଶ୍ରଣ ଦ୍ୱାରା ରାୟଗଡ଼ା ଜିଲ୍ଲା ସମେତ ଦକ୍ଷିଣ ଓଡ଼ିଶାରେ ଦଳର ସଂଗଠନ ସୁଦୃଢ଼ ହୋଇଛି। ଏହି ଅବସରରେ ରାୟଗଡ଼ା ଜିଲ୍ଲା ବିଷମ କଟକର କଂଗ୍ରେସ କନକୁବାଡି ଗ୍ରାମ ପଂଚାୟତ ସମିତିସଭ୍ୟ ଅକ୍ଷୟ କୁମାର ହିକାକା, ଦଳିଆକୁଜି ସମିତିସଭ୍ୟ କରୁଣାକର ସୁନା, ସାହାଡ଼ା ସମିତିସଭ୍ୟ ଜୟନ୍ତୀ କଲକା, ସରପଂଚ ଚନ୍ଦ୍ର କୁମ୍ଭୁରୁକାଙ୍କ ସମେତ ବିଜେଡିର ହାଟମୁନିଗୁଡ଼ା ସମିତିସଭ୍ୟ ଦୁର୍ଯ୍ୟୋଧନ ପିଡିକାକ, ସରପଂଚ ନାରାୟଣ ହୁଇକା, ଡୁମୁରିନେଲି ସମିତିସଭ୍ୟ ବୋଇଡା ଉର୍ଲାକା, ହଜାରିଡଙ୍ଗା ସମିତିସଭ୍ୟ ସୁକାନ୍ତ ବେନିଆ, କୁର୍ଲି ସମିତିସଭ୍ୟ ଟେଲାଡି ହୁଇକା ପ୍ରମୁଖ ନିଜ ନିଜ ଦଳ ଛାଡ଼ି ବିଜେପିରେ ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ଶ୍ରୀ ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ସରୋଜ କର, କୋଷାଧକ୍ଷ ଅଜୟ କୁମାର ଅଗ୍ରୱାଲ, ପୂର୍ବତନ କୋଷାଧକ୍ଷ ବିନୋଦ ଦାଶ, ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ରାୟଗଡ଼ା ଜିଲ୍ଲା ସଭାପତି ଶ୍ରୀ ଗୋପି ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



## କିଡନୀ ଚିକିତ୍ସାରେ ସର୍ବସ୍ୱାନ୍ତ ଧିରେନ

### ସାହାଯ୍ୟ ପାଇଁ ଆକୁଳ ନିବେଦନ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ୍ ଅନ୍ତର୍ଗତ ଡୁମୁରଡିହା ପଞ୍ଚାୟତର ହଳଦିଆ ଗ୍ରାମର ଧିରେନ କୁମାର ନାଥ କିଡନୀ ରୋଗରେ ପୀଡିତ ହୋଇ ଗତ ଅଗଷ୍ଟ ମାସ ପାଖରୁ କିମସ୍ ହସ୍ପିଟାଲ୍ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି । ୨ଟି ଯାକ କିଡନୀ ନଷ୍ଟ ହୋଇଯିବା ପରେ ଡାକ୍ତର କିଡନୀ ପ୍ରତ୍ୟାରୋପଣ ପାଇଁ ପରାମର୍ଶ ଦେଇଛନ୍ତି । ଆୟୁଷ୍ମାନ କାର୍ଡର ସମସ୍ତ ୫ଲକ୍ଷ ଟଙ୍କା ଖର୍ଚ୍ଚ ସରିବା ପରେ ନିଜର ସଞ୍ଚିତ ସମସ୍ତ ଅର୍ଥ ଖର୍ଚ୍ଚ କରିସାରି ସର୍ବସ୍ୱାନ୍ତ ହୋଇପଡିଛନ୍ତି ଧିରେନ । ବର୍ତ୍ତମାନ ଟ୍ରାନସପ୍ଲାଣ୍ଟର ବ୍ୟୟବହୁଳ ଖର୍ଚ୍ଚ ତୁଲାଇବା ନିମନ୍ତେ ସେ ଅକ୍ଷମ। ପରିବାରର ଏକ ମାତ୍ର ସାହାଭରସା ଧିରେନଙ୍କ ୨ଟି ଝିଅ, ୭ବର୍ଷର ଗୋଟେ ପୁଅ ଅଛନ୍ତି ଓ ତାଙ୍କ ପତ୍ନୀ ଚନ୍ଦ୍ରମଣୀ ଗୋଟିଏ କିଡ଼ନୀ ଦେବାର ସମସ୍ତ ପ୍ରସ୍ତୁତି ହୋଇସାରିଥିବା ବେଳେ ଟ୍ରାନସପ୍ଲାଣ୍ଟ ପାଇଁ ଅର୍ଥ ସାଜିଛି ବାଧକ ଓ ଅନ୍ୟ କୋଣସି ଉପାୟ ନ ପାଇ ସେ ଓ ତାଙ୍କ ସ୍ତ୍ରୀ ଜନସାଧାରଣଙ୍କ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି । ଖବର ପାଇ ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ ଓ ଅରବିନ୍ଦ ମୁଖି ତାଙ୍କ ସହ ଯୋଗାଯୋଗ କରି ନିଜ ସକ୍ଷମ ଅନୁସାରେ ସାହାଯ୍ୟର ହାତ ବଢ଼ାଇଛନ୍ତି ।ସମସ୍ତେ କିଛି କିଛି ଦାନ କରିଲେ ଏହି ପରିବାରଟି ମହା ବିପତ୍ତିରୁ ଉଦ୍ଧାର ପାଇଯାଆନ୍ତା ବୋଲି ଧୀରେନ୍ କୁମାର ନାଥ ଓ ସମାଜସେବୀମାନେ ନିବେଦନ କରିଛନ୍ତି ।

## ମୟୂରଭଞ୍ଜ ପୁସ୍ତକମେଳା ଉଦ୍‌ଘାଟିତ



ବାରିପଦା,(ସବ୍ୟୁ): ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକମେଳା ଆଜି ସନ୍ଧ୍ୟାରେ ଉଦ୍ଘାଟିତ ହୋଇଯାଇଛି। ଉଦଘାଟନୀ ପର୍ବରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ପୁସ୍ତକମେଳା ଦ୍ୱାରା ଜ୍ଞାନପିପାସୀ ମଣିଷର ଚିନ୍ତା ଚେତନା ସମୃଦ୍ଧ ହୋଇଥାଏ ବୋଲି ମତ ରଖିଥିଲେ। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ପୁସ୍ତକମେଳା କେବଳ ଏକ ପୁସ୍ତକମେଳା ନୁହଁ ଏକ ଜ୍ଞାନ ଯଜ୍ଞ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ଅତିଥିଗଣ ଫିତାକାଟି ମେଳାକୁ ଉଦଘାଟନ କଲାପରେ ମେଳାର ବିଭିନ୍ନ ଷ୍ଟଲ ପରିଭ୍ରମଣ କରିଥିଲେ। ଅଧ୍ୟାପକ ସମରେନ୍ଦ୍ର ବଶା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କଲା ପରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମେଳା କମିଟିର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂପାଦକ ଇଂ ମନୋଜ ଦଳବେହେରା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସଦସ୍ୟ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡଃ ଶଶିଧର ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ଏପ୍ରିଲରେ ୭ ଦିନ ଧରି ପାଳିତ ହେବ ବଳାଙ୍ଗୀ ମହୋତ୍ସବ

ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢା ରାଉଳ ମଠ ନିକଟ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୂରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୂରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ବର୍ଷ ୨୪ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୬ ମହା ବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲମାସରେ ୭ଦିନ ଧରି ପାଳିତ ହେବ । ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ପାଇଁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରୀକ୍ରମା କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ । ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ମେଗା ଅଡିସନ କାର୍ଯ୍ୟକ୍ରମ ଏପ୍ରିଲ ୫ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଏହି ଅବସରରେ ଶନିବାର ଦିନ ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର ସଭାପତି ତଥା ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିକଶିତ ବାରିପଦା ତଥା ବିକଶିତ ମୟୂରଭଞ୍ଜ ଗଠନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିବା ସହିତ ଅବଲୁପ୍ତ ପ୍ରାୟ କଳା ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ବଳାଙ୍ଗୀ ମହୋତ୍ସବର ଭୂମିକା ଅତୁଳନୀୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ଚେୟାରପର୍ସନ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମେଳା କମିଟିର ଅଧ୍ୟକ୍ଷ ଆଇନଜୀବୀ ଅରବିନ୍ଦ ଦାସ, ଉପଦେଷ୍ଟା ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ବର୍ଷୀୟାନ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲ, ପଣ୍ଡିତ ଭାଗବତ ପଣ୍ଡା କମଳେନ୍ଦୁ ଲାଲ ମହାନ୍ତ, ନରେନ୍ଦ୍ର ମୋହନ ସେନାପତି, ପ୍ରଭାତି ମହାନ୍ତି, ସଂଯୁକ୍ତା ବସା, ପ୍ରଫେସର ସୁନୀଲ କୁମାର ଜେନା, ସମାଜସେବୀ ଅମର କୁମାର ସେଠୀ ପ୍ରମୁଖ ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାବେରୀ ମିଶ୍ର, ରାକେଶ ସିଂ, ଇଂ ଶିରୀଶ ହେମ୍ବ୍ରମ, ମୂର୍ଚ୍ଛନା ଦାସ ପଟ୍ଟନାୟକ, ନିରୋଜ କୁମାର ପୋଥାଳ, ଗୋପାଳ ଚନ୍ଦ୍ର ସାଓ, ଲଲାଟେନ୍ଦୁ ବେହେରା ପ୍ରମୁଖ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗଦେଇ ଆଲୋଚନା ରେ ଭାଗ ନେଇଥିଲେ । କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଡଃ ଶଶୀଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ବଳାଙ୍ଗୀ ସେନାର ଅଧ୍ୟକ୍ଷ୍ୟ କୁମାରେସ ନାୟକ ଆଗାମୀ କାର୍ଯ୍ୟପନ୍ଥା ବାବଦରେ ଆଲୋଚନା କରିଥିବା ବେଳେ ସଦସ୍ୟ ସନତ ବାରିକ, ଚନ୍ଦ୍ର ପ୍ରକାଶ ଦିଓ୍ୱେଦି, ଦିଲ୍ଲୀପ କୁମାର ପାତ୍ର, ମିଥୁନ ବାରିକ, ରଞ୍ଜିତ ପଲେଇ, କୁନୁ ସିଂ, ଦେବାଶିଷ ଜିତ ଓ ଇନ୍ଦୁମତି ମହାନ୍ତି ପ୍ରମୁଖ ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ ।



## ରାଧାକୃଷ୍ଣ ପାଠାଗାରରେ ମହାପୁରୁଷମାନଙ୍କ ଜୟନ୍ତୀ ପାଳିତ

ଭଞ୍ଜନଗର ,(ସବ୍ୟୁ):ରାଧାକୃଷ୍ଣ ପାଠାଗାର ବାଉଁଶଲୁଣ୍ଡିରେ ମହାପୁରୁଶ ସମ୍ରାଟ ଉପପେନ୍ଦ୍ରଭଞ୍ଜ, ନେତାଜୀ ସୁବଷ ଚନ୍ଦ ବୋଷ ଓ ବୀର ସୁରୋନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆଲୋଚନା ସଭା ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି ।। ମୁଖ୍ୟ ଅତିଥି ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ବୈଦ୍ୟନାଥ ପ୍ରଧାନ ଉପେନ୍ଦ୍ର ଭଞ୍ଜଙ୍କ ଶବ୍ଦ ସଂଯୋଜନା ଓ ସାଂଗୀତିକ ମୂଲ୍ୟବୋଧ ଯୋଗୁଁ ତାଙ୍କର ରଚନା ସର୍ବଦା ଜନ ଆଦୃତ ହୋଇ ରହିଛି ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ସମ୍ମାନୀୟ ଅତିଥି ସାମ୍ବାଦିକ ଦିଲୀପ କୁମାର ପଗଡ, ମୁଖ୍ୟବକ୍ତା ନିରଞ୍ଜନ ପ୍ରଧାନ, ସଂପାଦକ ଭଞ୍ଜ କିଶୋର ପ୍ରଧାନ ଓ ଛାତ୍ର ବାଦଲ ପ୍ରଧାନ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଥିବା ବିଭିନ୍ନ ରାଗ ,ରସ, ପଦ ଲାଳିତ୍ୟ, ସାମାଜିକ ମୂଲ୍ୟବୋଧ ଓ କାବ୍ୟଶୈଳୀ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ୨ୟ ଅଧିବେଶନରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଅବସରରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ସାମ୍ରାଜ୍ୟବାଦ ବିରୋଧୀ ସଂଗ୍ରାମ ଓ ଆଜିର ପରିସ୍ଥିତି ପ୍ରସଙ୍ଗ ଭିତ୍ତିକ ଆଲୋଚନା ସଭା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଂଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ରେ ପଠନରତ ବାଉଁଶଲୁଣ୍ଡିର ଛାତ୍ର ବାଦଲ ପ୍ରଧାନ ଯୁକ୍ତଦୁଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାରୁ ଅତିଥିମାନଙ୍କ ଦାରା ପାଠାଗାର ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟତ୍ରୀ ସଂଗୀତା ପଣ୍ଡାଙ୍କ ହିନ୍ଦୀ ଅନୁବାଦିତ ଝରଣା, ଅନୋଖା ରିସ୍ତା ଓ ସ୍ୱରଚିତ କବିତା ପୁସ୍ତକ କହିବା କାହାକୁ ଶୁଣିବ କିଏ ?ଅତିଥି ମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା । ମୁଖ୍ୟ ଅତିଥି ବରିଷ୍ଠ ଆଇନଜୀବୀ ତଥା ଭଞ୍ଜନଗର ଓକିଲ ସଂଘର ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର ,ସମ୍ମାନିତ ଅତିଥି ଉମାବଲ୍ଲଭ ପାଟ୍ଟଯୋଶୀ ରଥଶର୍ମା, ଅଧ୍ୟାପକ ଇଂରାଜୀ ବିଭାଗ ଓ ମୁଖ୍ୟବକ୍ତା କେନ୍ଦୁପଦର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଡ଼. ସନ୍ତୋଷ କୁମାର ଆପଟ ଯୋଗଦେଇ ମହାପୁରଷମାନଙ୍କ ଜୀବନୀ ଉପରେ ବକତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ଆଇନଜୀବୀ ଅଭିମନ୍ୟୁ ଗୌଡ଼ , ସାମ୍ବାଦିକ ଦିଲୀପ ପଗଡ , ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଚରଣ ପ୍ରଧାନ , ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ ।ଉକ୍ତକାର୍ଯ୍ୟ କ୍ରମରେ ଯୁବକଂଗ୍ରେସ ନେତା ସୁକାନ୍ତ ଦିଗାଲ , ହୃଦାନନ୍ଦ ସାହୁ , ତାରେଣୀ ନାଇକ , କୃଷ୍ଣ ନାଇକ , ଛାତ୍ର ଉତ୍ତମ ପ୍ରଧାନ, ଆମ୍ବେଦକରବାଦୀ ସୁଧୀର ନାଇକ , ଶୁକ୍ରୁ ଶବର, ଦାସ ଗମାଙ୍ଗ, ଶିକ୍ଷୟତ୍ରୀ ରିତା କୁମାରୀ ଭୂୟାଁ, ସଂଗୀତା ପଣ୍ଡା , ଶିକ୍ଷକ ପଞ୍ଚାନନ ସାହୁ, ଆଇନଜୀବୀ ରଂଜିତ କୁମାର ତ୍ରିପାଠୀ, ମୀନକେତନ ପ୍ରଧାନ , ପ୍ରମୋଦ ତାରିଣୀ,ରବୀନ୍ଦ୍ର ତାରିଣୀ ସମେତ ବହୁ ମହିଳା ଯୋଗଦାନ କରିଥିଲେ । ସମ୍ପାଦକ ଭଞ୍ଜ କିଶୋର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାଟି ଉଠାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣ

### ବଡ଼ ଭାଇ ମୃତ ଓ ସାନ ଭାଇ ଗୁରୁତର

ଗୋପ, (ସବ୍ୟୁ):ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ପୋଇତରା ଗାଁରେ ଚୋରା ମାଟି ଉଠାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟି ବଡ଼ ଭାଇ ମୃତ୍ୟୁ ବରଣ କରିଥିବା ବେଳେ ସାନ ଭାଇ ଗୁରୁତର ହୋଇଛି। ଶୁକ୍ରବାର ରାତି ୯ଟା ସମୟରେ ପୋଇରା ଗାଁରେ ଏଭଳି ଲୋମ ହର୍ଷଣ କାରୀ ଘଟଣା ଘଟିଛି।ପୋଇତ ଗାଁର ରମଣୀ ରଞ୍ଜନ ପଟ୍ଟନାୟକ ଗାଁ ମନ୍ଦିର ପାଖରେ ଠିଆ ହୋଇ ଥିବା ବେଳେ ସେହି ଗ୍ରାମର ବାପ ପୁଅ ପ୍ରସନ୍ନ ପ୍ରଧାନ ଓ ପୁଅ ସୂର୍ଯ୍ୟ ପ୍ରଧାନ ରମଣୀ ରଞ୍ଜନ ପଟ୍ଟନାୟକଙ୍କୁ ଏକ ବ୍ୟାଟରେ ଅତର୍କିତ ଆକ୍ରମଣ କରିଥିଲେ। ପାଟି ଶୁଣି ରମଣୀ ରଞ୍ଜନଙ୍କ ସାନ ଭାଇ ରମାରମାଣ ପଟ୍ଟନାୟକ ଘଟଣା ସ୍ଥଳରେ ପହଞ୍ଚି ମୁମୂର୍ଷୁ ଅବସ୍ଥାରେ ତଳେ ପଡିଥିବା ବଡ଼ଭାଇଙ୍କୁ ଉଦ୍ଧାର କରି ଉଠାଉ ଥିବା ବେଳେ ମଧ୍ୟ ଆକ୍ରମଣ କାରୀମାନେ ପୁନର୍ବାର ଆକ୍ରମଣ କରିଥିଲେ ସାନ ଭାଇ ମଧ୍ୟ ଗୁରୁତର ଆହତ ହୋଇଥିଲେ।ସ୍ଥାନୀୟ ଯୁବକମାନେ ଦୁଇ ଆହତଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ସ୍ୱାସ୍ଥ୍ୟଅବସ୍ଥା ଗୁରୁତର ହେବାରୁ ଡାକ୍ତର ଉଭୟ ଆହତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନତାରିତ କରିଥିଲେ।ପରେ ସେଠାରୁ ଏମ୍ସ ହସପିଟାଲ ଯାଇଥିଲେ ମଧ୍ୟ ସେଠାରେ ବଡ଼ ଭାଇ ରମଣୀ ରଞ୍ଜନଙ୍କର ଶନିବାର ସକାଳେ ମୃତ୍ୟୁ ଘଟିଛି। ତେବେ ଅଭିଯୋଗ ପାଇ ଗୋପ ପୋଲିସ ପ୍ରସନ୍ନ ପ୍ରଧାନଙ୍କ ନାବାଳକ ପୁଅ ଶିବ ପ୍ରଧାନକୁ ଗିରଫ କରିଥିବା ବେଳେ ଅଭିଯୁକ୍ତ ବାପ ପୁଅ ଫେରାର ଥିବା ଗୋପ ଥାନା ଆଇଆଇସି ପ୍ରଶାନ୍ତ ପଡ଼ିଆରୀ କହିଛନ୍ତି।ସୂଚନା ଥାଉକି ଗୋପ ତହସିଲ ଅଞ୍ଚଳରେ ଦୈନକ ଦିନ ଖୋଲମ ଖୁଲା ଚୋରା ମାଟି ଦିନ ଦ୍ୱିପ୍ରହରରେ ଚାଲୁଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ବଡବିଲ ବ୍ୟାଙ୍କ ସଶସ୍ତ୍ର ଡକାୟତି ଘଟଣା

### ୨ ଗିରଫ ,୨୮୮ ଗ୍ରାମ ସୁନା ଜବତ

କେନ୍ଦୁଝର/ଯୋଡ଼ା ,(ଜିପ୍ର/ସବ୍ୟୁ): ଗତ ୧୯ ତାରିଖ ଦିନ ଓଡିଶାର କେଉଁଝର ଜିଲ୍ଲାର ବଡବିଲ ସ୍ଥିତ ବ୍ୟାଙ୍କ ଅଫ ମହାରାଷ୍ଟ୍ରରେ ଅଜଣା ଅପରାଧୀମାନଙ୍କ ଦ୍ୱାରା ଘଟିଥିବା ସଶସ୍ତ୍ର ଡକାୟତି ମାମଲାରେ ପୁଲିସକୁ ବଡ ସଫଳତା ମିଳିଛି। ଏହି ଘଟଣାରେ ଜଡିତ ଦୁଇ ମୁଖ୍ୟ ଡକାୟତଙ୍କୁ ଓଡିଶା ପୋଲିସ ଓ ଧାନବାଦ ପୋଲିସର ମିଳିତ ଚଢ଼ାଉରେ ଝାରଖଣ୍ଡର ଧନବାଦରୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଲୁଟ ହୋଇଥିବା ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଶନିବାର ଧନବାଦ ସିଟି ଏସପି ଋତ୍ୱିକ ଶ୍ରୀବାସ୍ତବ ଓ କେଉଁଝରର ଏଏସପି ପ୍ରତ୍ୟୁଷ ମହାପାତ୍ର ସଂଯୁକ୍ତ ଭାବେ ସୂଚନା ଦେଇ କହିଥିଲେ ଯେ, ବଡବିଲ ଥାନାରେ ମାମଲା ରୁଜୁ କରାଯାଇ ଓଡିଶା ପୋଲିସ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ କାଳରେ ଘଟଣାର ସୂତ୍ର ଧନବାଦ ସହ ଜଡିତ ଥିବା ଜଣାପଡ଼ିବା ପରେ କେଉଁଝରର ଅତିରିକ୍ତ ପୋଲିସ ଅଧୀକ୍ଷକ ପ୍ରତ୍ୟୁଷ ମହାପାତ୍ର ନିଜ ଦଳ ସହ ଧନବାଦକୁ ପହଞ୍ଚିଥିଲେ। ପରେ ଓଡିଶା ପୋଲିସ ଓ ଧନବାଦ ପୋଲିସର ସଂଯୁକ୍ତ ଟିମ ଦ୍ୱାରା ଧନବାଦର ନିରସା ଓ ସିନ୍ଦ୍ରି ଅଞ୍ଚଳରେ ଛାପାମାରି କରାଯାଇ ୨୮୮ ଗ୍ରାମ ସୁନା, ଘଟଣାରେ ବ୍ୟବହୃତ ୨ଟି ସ୍କର୍ପିଓ ଗାଡ଼ି ଏବଂ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ଏହି ଘଟଣାରେ ଧନବାଦର ଚାସନାଳା ନିବାସୀ ରାଜ କୁମାର ସିଂହ (୨୭) ଏବଂ ନିରସା ନିବାସୀ କୁଣାଳ ରାଜ ବର୍ମା (୩୩)ଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ଏହି ଡକାୟତି ଘଟଣାରେ ୬ କିଲୋଗ୍ରାମ ସୁନା ଓ ୫ କୋଟି ନଗଦ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା ।



## ଅଖିଳ ଭାରତୀୟ ଦୁଃଖୀ ସମାଜର ମେଗା ରକ୍ତଦାନ ଶିବିର

ବାରିପଦା, (ସବ୍ୟୁ): ବିଶିଷ୍ଟ ଧର୍ମଗୁରୁ ହୁଜୁର ଛୋଟ ସରକାରଙ୍କ ଜନ୍ମଦିନ ଅବସରରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅଖିଳ ଭାରତୀୟ ଦୁଃଖୀ ସମାଜ ପକ୍ଷରୁ ସୁନଗଡ଼ିଆ ସ୍ଥିତ ସେହେନାଇ ମଣ୍ଡପରେ ଶନିବାର ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରକୁ ଉଦ୍ଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ।ରକ୍ତଦାନ ଶିବିରରେ ଅନେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରେଡକ୍ରସ ଆଜୀବନ ସଦସ୍ୟ ଅମର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅନେକ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ବିଶିଷ୍ଟ ଧର୍ମଗୁରୁ ଛୋଟ ସରକାରଙ୍କ ଜନ୍ମଦିନରେ ଏହିପରି ନିଆରା ପ୍ରୟାସ ପାଇଁ ଆୟୋଜକ ମାନଙ୍କ ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ। ଏମଡି କଲିମ ଆଶରଫ, ଅନମ ଅଲ୍ଲୀ ଖାନ, ସେକ ସଲାଉଦ୍ଦିନ, ସେକ ଅଲ୍ଲିମ, ସେକ ଜମାଲୁଦ୍ଦିନ, ଏମଡି ଇରସାଦ, ତାରିକ ଖାନ କାଦିର, ସେକ ଫୟାଜୁଦ୍ଦିନ ଏହମଦ, ଏମଡି ଓ୍ୱାଜିର ଏବଂ ସେକ ଆୟୁବ ପ୍ରମୁଖ ଉକ୍ତ ଶିବିରକୁ ପରିଚାଳନା କରିଥିଲେ।

## ଢେଙ୍କାନାଳ ମହୋତ୍ସବ ଉଦ୍‌ଯାପିତ

### ନାରୀ ସଶକ୍ତିକରଣ କ୍ଷେତ୍ରରେ ଢେଙ୍କାନାଳର ଗୌରବ ରହିଛି : ମନ୍ତ୍ରୀ



ଢେଙ୍କାନାଳ,୨୪।୧ : ଢେଙ୍କାନାଳ ସହର ନିକଟସ୍ଥ ମହିଷାପାଟଠାରେ ଚାଲିଥିବା ୧୮ ତମ ଢେଙ୍କାନାଳ ମହୋତ୍ସବ ଶନିବାର ଉଦଯାପିତ ହୋଇଛି। ଉଦ୍‌ଯାପନୀ ସଂନ୍ଧ୍ୟାରେ ମୁଖ୍ୟଅତିଥିଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅଥିଭାବେ ଯୋଗଦେଇଥିଲେ ।ସେ କହିଥିଲେ, ଏ ମହୋତ୍ସବ ଏକତ୍ୱ, ସଦଭାବନା ବଢାଇବ । ଜିଲ୍ଲାର ପ୍ରକୃତିକ ପରିବେଶ ଓ ଐତିହ୍ୟ ଜିଲ୍ଲାର ପର୍ଯ୍ୟଟନକୁ ସମୃଦ୍ଧ କରେ । କପିଳାସ ପିଠର ଉନ୍ନତି ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ମହିମା ଗାଦିର ବିକାଶ କାମ ଆରମ୍ଭ ହୋଇଛି । ସ୍ୱାଧୀନତା ଆନ୍ଦୋଳନରେ ଏ ମାଟି ବଳିଦାନ ଦେଇଛି । ବାଜିରାଉତଙ୍କ ସାହସ ବିଶ୍ୱକୁ ବୀରତ୍ୱର ବାର୍ତ୍ତା ଦିଏ। ନାରୀ ସଶକ୍ତିକରଣ କ୍ଷେତ୍ରରେ ଢେଙ୍କାନାଳର ଗୌରବ ରହିଛି । ୩୩ ହଜାର ଲକ୍ଷପତୀ ଦିଦି ସୃଷ୍ଟି କରାଯାଇଛି । ଶିଳ୍ପ ସମୃଦ୍ଧ ଜିଲ୍ଲା ପାଇଁ ଅନେକ ଶିଳ୍ପର ଶିଳାନ୍ୟାସ ଓ ଚୁକ୍ତି କରାଯାଇଛି । ଜିଲ୍ଲାରେ ନିବେଶ ବଢିଲେ ନିଯୁକ୍ତି ବଢିବ ଓ ଅର୍ଥନୀତି ବଢିବ । ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଯୁବକଙ୍କୁ ତାଲିମ ଦିଆଯାଇ ନିଯୁକ୍ତି ମାଳିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ।ଅନ୍ୟତମ ଅତିଥିଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଥିଲେ ଏ ମେଳା ଆମ ଭିତରେ ସ୍ୱଦେଶୀ ଭବନା ଆଣୁ । ସ୍ୱଦେଶୀ ସାମଗ୍ରୀ ବ୍ୟବହାର କଲେ ଦେଶର ଅର୍ଥନୀତି ବଢିଥାଏ। ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଆରମ୍ଭ ହୋଇ ସାରିଛି । ଶିଳ୍ପ ବିକାଶ ଜିଲ୍ଲାକୁ ସମୃଦ୍ଧିଶାଳୀ କରିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ଅନ୍ୟତମ ଅତିଥିଭାବେ ସାଂସଦ ରୁଦ୍ରନାରାୟଣ ପାଣି କହିଥିଲେ, ଯାହାତୁମେ କରିବ ସମାଲୋଚନାର ସରବ୍ୟହେବ । ପ୍ରଶଂସା ମଧ ମିଳିବ । ଏଣୁ ଏହାକୁ ନଦେଖି କାର୍ଯ୍ୟ କରିବା ଉଚିତ । ଜିଲ୍ଲାରେ ରେଳ ପଥର ବିକାଶ ପାଇଁ କାର୍ଯ୍ୟ କରାଯିବ । ବନ୍ଦ ପଡିଥିବା ଶିଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ କରାଯିବ ବୋଲି କହିଥିଲେ । ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ୧୦ ବର୍ଷପରେ ମହୋତ୍ସବ ହୋଇଥିବାରୁ ଏହାକୁ ଜାରି ରଖିବାକୁ କହିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଯୋଗଦେଇ ଢେଙ୍କାନାଳ ମାଟିର ଗୌରବ ଗାଥା କହିଥିଲେ । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସ୍ୱାଗତ ଭାଷଣ ଦେଇଥିଲେ। ମହୋତ୍ସବର 'ସ୍ମରଣୀକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପଲ୍ଲିଶ୍ରୀ ମେଳାରେ ଅଂଶଗ୍ରହଣ କରି ଭଲ ବିକ୍ରି କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଅଭିଷେକ ବେହେରା ଧନ୍ୟବାଦ ଦେଇଥିଲେ ।

## ଅମରେଶ୍ୱର ମନ୍ଦିରରୁ ଚୋରି

### ୩ କୋର୍ଟ ଚାଲଣ

ନିମାପଡା,(ସବ୍ୟୁ):ଚାରିଛକ ଥାନା ଅନ୍ତର୍ଗତ ଅମରେଶ୍ୱର ମନ୍ଦିର ଚୋରୀ ଘଟଣାରେ ପୁଲିସ ୩ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ନାବାଳକ ଥିବା ଜଣାପଡିଛି। ୨୧ ତାରିଖ ରାତିରେ ୨ଜଣ ଦୁର୍ବୃତ ଅମରେଶ୍ୱର ମନ୍ଦିରରୁ ଚୋରୀ ପାଇଁ ଉଦ୍ୟମ କରୁଥିବା ସମୟରେ ଚାରିଛକ ପୁଲିସ ହାତରେ ଧରାପଡିଥିଲେ। ଥାନାକୁ ଆଣି ପଚରା ଉଚରା କରିବା ପରେ ସେମାନେ ବେଲପଡା ଦୁର୍ଗା ମନ୍ଦିର,ଅମରେଶ୍ୱର ମନ୍ଦିର,ନୟାହାଟ ତାରେଣୀ ମନ୍ଦିର ସମେତ ଗୋପ,କାକଟପୁର ଥାନା ଅଂଚଳର ବିଭିନ୍ନ ମନ୍ଦିରରୁ ଚୋରୀ କରିବା ସହ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ସଂମ୍ପୃକ୍ତ ଥିବା ସଂପର୍କରେ ମାନିଥିଲେ । ପ୍ରକାଶ ଥାଉକି ଗତ ଡିସେମ୍ବର ୨୦ ତାରିଖ ଦିନ ଅମରେଶ୍ୱର ମନ୍ଦିର ପରିସରରେ ଥିବା ୩ଟି ମନ୍ଦିରରୁ ଚୋରୀ ହୋଇଥିବା ନେଇ ପୂଜକ ଜୟଦେବ ପାଢୀ ଚାରିଛକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୫୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିଲା। ଗିରଫ ଅଭିଯୁକ୍ତ ନିଆଳୀ ଥାନା ଅନ୍ତର୍ଗତ ଆମ୍ବପଡା ଗ୍ରାମର କେଦାର ଦାସ (୨୯) ସହ ୨ଜଣ ନାବାଳକ ରହିଛନ୍ତି ।

# ବେଳାଭୂମି ସଫେଇ ପଦଯାତ୍ରା

ବ୍ରହ୍ମପୁର (ସବ୍ୟୁ) ଆଗକୁ ଗୋପାଳପୁର ବେଳାଭୂମି ମହୋତ୍ସବଅନୁଷ୍ଠିତ ହେଉଥିବା ବେଳେ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଗଞ୍ଜାମର ପ୍ରମୁଖ ବେଳାଭୂମି ଗୁଡିକୁ ବେଳାଭୂମି ମହୋତ୍ସବ ସଫେଇ ପଦଯାତ୍ରା ମାଧ୍ୟମରେ ସଫା କରାଯାଇ ସ୍ୱଚ୍ଛ ବେଳାଭୂମି, ସୁନ୍ଦର ଓଡିଶା ବାର୍ତ୍ତା ଦେଇଛନ୍ତି । ଜନସାଧାରଣଙ୍କ ମଧ୍ୟରେ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା, ପର୍ଯ୍ୟଟକମାନଙ୍କୁ ଏକ ସୁଖଦ ଅନୁଭୂତି ଦେବା ଏବଂ ସର୍ବୋପରି ସାମୁଦ୍ରିକ ସୁରକ୍ଷା ଦେବା ଲକ୍ଷ୍ୟରେ ଆଜି ଗଞ୍ଜାମ ଜିଲ୍ଲାର ୧୪ ଟି ସ୍ଥାନରେ ବେଳାଭୂମି ସଫେଇ ଅଭିଯାନ କରାଯାଇଛି । ଗୋଖରକୁଦା ଏବଂ ଗୋପାଳପୁର, ବଟେଶ୍ୱର, ପୋଡ଼ମପେଟା, ମାର୍କଣ୍ଡି, ହରିପୁର, ସୁନାପୁର, ପ୍ରୟାଗୀ, ଅଳେଶ୍ୱର, ନୋଳିଆ ଗାଁ, ଗାରମପେଟା, ଧବଳେଶ୍ୱର, ରାମାୟାପାଟନା, ପୋଡ଼ମପେଟା, ଡଙ୍କାଲପାଡୁ ଆଦି ରହିଛି।ଏହି କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲାପାଳ ଓ୍ୱି.କୀର୍ତ୍ତି ଓ୍ୱାସନ, ଅତିରିକ୍ତ ଜିଲ୍ଲାପାଳ ଡା. ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା, ସୁନୀଲ କୁମାର କେର୍କେଟ୍ଟା, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତ ଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ଥାନୀୟ ବାସିନ୍ଦା, ସ୍ୱେଚ୍ଛାସେବୀ, ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀ, ପୋଲିସ ପ୍ରଶାସନଙ୍କ ସମେତ ପ୍ରାୟ ୬୦୦୦ ଉତ୍ସାହୀ ସ୍ୱେଚ୍ଛାକୃତ ଭାବରେ ଯୋଗ ଦେଇଥିଲେ । ଏହି ସଫେଇ ଅଭିଯାନ ସକାଳ ୬ଟାରେ ଆବର୍ଜନା ପୃଥକୀକରଣ ଏବଂ ସୁରକ୍ଷା ନିର୍ଦ୍ଦେଶାବଳୀ ଉପରେ ଏକ ସଂକ୍ଷିପ୍ତ ଆଭିମୁଖ୍ୟ ସହିତ ଆରମ୍ଭ ହୋଇଥିଲା । ସ୍ୱେଚ୍ଛାସେବୀ ମାନେ ପାଖାପାଖି ୨୦ ଟନ ଶୁଖିଲା ଅଳିଆ ଯେପରିକି ପ୍ଲାଷ୍ଟିକ ଅଳିଆ, କାଚ ବୋତଲ, ଖାଦ୍ୟ ପ୍ୟାକେଟ, ଅନ୍ୟାନ୍ୟ ଅବଶିଷ୍ଟାଂଶ କୂଳରେ ବିଛାଡ଼ିହୋଇ ପଡିଥିବା ଆବର୍ଜନା ଗୁଡିକୁ ସଂଗ୍ରହ କରିଥିଲେ । ଦାୟିତ୍ୱପୂର୍ଣ୍ଣ ବିପର୍ଯ୍ୟସ୍ତତା ସୁନିଶ୍ଚିତ କରିବା ପାଇଁ ଅଳିଆକୁ ପୃଥକୀକରଣ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ନୋଳିଆ ନୂଆଗାଁରେ ସର୍ବାଧିକ ୭.୩ ଟନ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଛି । ଧବଳେଶ୍ୱର ବେଳାଭୂମିରେ ସର୍ବନିମ୍ନ ସାତ କେଜି ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଛି।




## ଶିଶୁ ମନ୍ଦିରରେ ସ୍କାଉଟ ଓ ଗାଇଡ ଦୀକ୍ଷା ଗ୍ରହଣ ଉତ୍ସବ

ବୁଗୁଡ଼ା , (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍କାଉଟ ଓ ଗାଇଡ ସମ୍ପାଦକ ଭାଗିରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍କାଉଟ ଓ ଗାଇଡ ଦୀକ୍ଷା ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ତାଲିମ କମିଶନର ବିକ୍ରମ ମହାରଣା , ପୋଲସରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସ୍କାଉଟ ମାଷ୍ଟର ନୀଳକଣ୍ଠ ମହାରଣା, ଭାମଶ୍ୟାଳି ହାଇସ୍କୁଲ ଗାଇଡ କ୍ୟାପଟେନ ପ୍ରିୟଦର୍ଶନୀ ପ୍ରଧାନ, କରଚୁଲି ହାଇସ୍କୁଲର ସ୍କାଉଟ ମାଷ୍ଟର ଲିଙ୍ଗରାଜ ବାରିକ ଯୋଗ ଦେଇ ଲାଏନ, ଟାଇଗର ଓ ହର୍ସ ଆଦି ପାଟ୍ରୋଲକୁ ନେଇ ନବଗଠିତ କାଲାମ ସ୍କାଉଟ ଟ୍ରୁପର ଛାତ୍ରଙ୍କ ସହିତ ରୋଜ ଓ ଲୋଟସ ପାଟ୍ରୋଲକୁ ନେଇ ଗଠିତ ମୀରାବାଈ ଗାଇଡ କମ୍ପାନୀର ଛାତ୍ରୀଙ୍କୁ ଦୀକ୍ଷା ଗ୍ରହଣ କରାଇବା ସହ ସ୍କାଉଟ ଟ୍ରୁପ ଓ ଗାଇଡ କମ୍ପାନୀ ଗଠନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରଧାନାଚାର୍ଯ୍ୟ ଆଟଲ ଲିଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ତାଲିମ କମିଶନର ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି କୋଷାଧ୍ୟକ୍ଷ ତ୍ରିଲୋଚନ ସାହୁ ଓ ମାତୃଭାରତୀ ସଭାନେତ୍ରୀ ମଧୁସ୍ମିତା ତ୍ରିପାଠୀ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସ୍କାଉଟର ପ୍ରତିଷ୍ଠାତା ରବର୍ଟ ବାଡେନ ପାଓ୍ୱେଲ ଓ ଗାଇଡର ପ୍ରତିଷ୍ଠାତ୍ରୀ ଲେଡି ବାଡେନ ପାଓ୍ୱେଲଙ୍କ ସମ୍ପର୍କେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ପରିଶେଷରେ ଗୁରୁମା ହରପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସର ପାଲଟିଛି ଧାନଖଳା



ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସର ଧାନ ଖଳାରେ ପରିଣତ ହେବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଧାନଖଳା ପ୍ରସ୍ତୁତ ନିମନ୍ତେ ସରକାର ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ଏପରିସ୍ଥଳେ କଟକସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ଅଂଚଳର ବହୁ ପ୍ରଭାବଶାଳୀ ବ୍ୟକ୍ତି ଧାନ ଉତ୍ପାଦନ ନିମନ୍ତେ ଗଦା କରିଥିବାର ଅଭିଯୋଗ ହୋଇଛି। କାର୍ଯ୍ୟାଳୟ ପରିସରରେ ଧାନଗଦା ହୋଇଥିବା କାରଣରୁ ଜରୁରୀ କାର୍ଯ୍ୟ ନିମନ୍ତେ ଆସୁଥିବା ଲୋକେ ନାହିଁ ନଥିବା ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

# ନାବାଳିକା ଦୁଷ୍କର୍ମ ଉଦ୍ୟମ ଘଟଣାରେ ୨୦ ବର୍ଷ ଜେଲଦଣ୍ଡ

ଜଗତସିଂହପୁର ,(ସବ୍ୟୁ) : ୨୦୨୪ ମସିହାରେ ବାଲିକୁଦା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଜୋର ଜବରଦସ୍ତ ଦୁଷ୍କର୍ମ ଉଦ୍ୟମ କରିବା ଓ ଧମକ ଦେବା ଘଟଣାର ଆଜି ରାୟ ପ୍ରକାଶ ପାଇଛି ।ଏହି ଘଟଣାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ଗାର୍ଗୀ ପଟ୍ଟନାୟକ ଅଭିଯୁକ୍ତ ସେହି ବାଲିକୁଦା ଥାନା ବାରିମୂଳ ଗ୍ରାମର ସଞ୍ଜୟ ଭୋଇଙ୍କୁ ୨୦ ବର୍ଷ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ।ଜୋରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ପାଇଁ ନିର୍ଦ୍ଦେଶ ରହିଛି ।ସୂଚନା ଅନୁସାରେ ବାଲିକୁଦା ଥାନା ଜଣେ ନାବାଳିକା ସଂଧ୍ୟାରେ ନିକଟସ୍ଥ ବିଲକୁ ଶୌଚ ହେବା ପାଇଁ ଯାଉଥିବା ବେଳେ ବାରିମୂଳ(ଅପଣ୍ଡରା) ଗ୍ରାମର ସଞ୍ଜୟ ଭୋଇ ତାଙ୍କୁ ଜୋର ଜବରଦସ୍ତ ଉଠାଇ ନେଇ ବଳପୂର୍ବକ ଦୁଷ୍କର୍ମ ଉଦ୍ୟମ କରିଥିଲା ।ଦୀର୍ଘ ସମୟ ନାବାଳିକା ଜଣକ ନିଜକୁ ରକ୍ଷା କରିବାକୁ ଚେଷ୍ଟା ଚଳାଇଥିଲା ।ଅଭିଯୁକ୍ତ ସଞ୍ଜୟ ଭୋଇ ବହୁ ସମୟ ସଂପୃକ୍ତ ନାବାଳିକାଙ୍କ ସହିତ ପାଶବିକ ଅତ୍ୟାଚାର କରିବା ସହିତ କାହା ଆଗରେ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲ। ।କୌଶଳ କ୍ରମେ ନାବାଳିକା ଜଣକ ସେଠାରୁ ଖସି ଆସିବା ପରେ ଘରେ ସମସ୍ତତ ଘଟଣା ଜଣାଇଥିଲା ।ଏହି ଘଟଣାକୁ ନେଇ ନାବାଳିକାଙ୍କ ବାପା ବାଲିକୁଦା ଥାନାରେ ୭ ଜୁଲାଇ ୨୦୨୪ରେ ଏତଲା ଦେଇଥିଲେ । ବାଲିକୁଦା ପୋଲିସ କେଶ ରୁଜୁ କରି ଅଭିଯୁକ୍ତ ସଞ୍ଜୟ ଭୋଇଙ୍କୁ ଗିରଫ କରିଥିଲା ।ଏହି ଘଟଣାର ବିଚାର କରି ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଆଜି ସ୍ୱତନ୍ତ୍ର ପୋକସୋ ଅଦାଲତ ବିଚାରପତି ଗାର୍ଗୀ ପଟ୍ଟନାୟକ ଅଭିଯୁକ୍ତ ସଞ୍ଜୟ ଭୋଇଙ୍କୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୫୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ।ଏହା ସହିତ ସଂପୃକ୍ତ ନାବାଳିକାକୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।ଏହି କେଶକୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସେକ୍ୟୁଟର ଶିବ ପ୍ରସାଦ ମାଝୀ ପରିଚାଳନା କରୁଥିଲେ ।

# ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ରଘୁନାଥପୁର ,(ସବ୍ୟୁ) : ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ରଘୁନାଥଜୀଉଙ୍କ ବାବା ମଙ୍ଗଳ ଦାସ ମହାରାଜାଙ୍କ ପୃଷ୍ଠପୋଷକରେ ୭ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥି ଉପଲକ୍ଷେ ରଘୁନାଥଜୀଉ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଯଜ୍ଞର ପ୍ରଥମ ଦିବସରେ ପୀଠ ପରିସରରେ ସୁରେଶ ଚନ୍ଦ୍ର ରାଉତଙ୍କ ପୈରୋହିତ୍ୟରେ ଏକ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ପୋଲିସ ଅଧିକାରୀ ପ୍ରେମାନନ୍ଦ ଲେଙ୍କା, ବିଶେଷ ଅତିଥି ଭାବେ କବି ଅଲେଖ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସଦାଶିବ ବିଶ୍ୱାଳ ଓ ସୁଶ୍ରୀ ଗୀତା ରଥ ଯୋଗ ଦେଇଥିଲେଛ ଏହି ଉତ୍ସବରେ ବାବା ମଙ୍ଗଲ ଦାସ ସ୍ୱହସ୍ତରେ ଉପସ୍ଥିତ ଶତାଧିକ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ନିଶା କବଳିତ ଯୁବ ସମାଜକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ବରିଷ୍ଠ ନାଗରିକଙ୍କ ବଳିଷ୍ଠ ଭୂମିକା ରହିଛି ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ପାତ୍ର, ବନମାଳୀ ମହାରଣା,ନିମାନନ୍ଦ ଦାସ, ସରୋଜ ନାୟକ, ଶୁଭକାନ୍ତ ଜେନା, ବ୍ରଜକିଶୋର ସ୍ୱାଇଁ, ବିଜୟାନନ୍ଦ ସ୍ୱାଇଁ,ବିପିନ ସ୍ୱାଇଁ, ଶଶିକାନ୍ତ ସାହୁ, ମିତାଲି ମଧୁଛନ୍ଦା, ଉପେନ୍ଦ୍ର ନାଥ ରଥ ପ୍ରମୁଖ ଯୋଗଦେଇ ଥିବା ବେଳେ ବିଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜେଇ ଜବତ ମାମଲାରେ ୫ ଅଦାଲତ ଚାଲାଣ

ପାଣିକୋଇଲି ,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଚମାରଗଡିଆ ଆଡିରେ ଆଦିବାସୀ ମରାନ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିଲା । ତାକୁ ଖେନ୍ତୁଆ ପୋଖରୀ ଆଡି ଶସ୍ମାନରେ ସତ୍କାର କରିବାକୁ ନେବା ବେଳେ ଏକ ଗଞ୍ଜେଇ ବସ୍ତା ମିଳିଥିଲା । ସେମାନେ ଗଞ୍ଜେଇକୁ ନେଇ ଲୋକମାନଙ୍କ ମଧ୍ୟରେ ବିକ୍ରି କରିଥିଲେ । ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଖବର ଥାନାରେ ପହଂଚିଥିଲା । ପାଣିକୋଇଲି ପୁଲିସ ତଦନ୍ତ କରି ୫ ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିଲା । ଗଂଜେଇ କେଉଁଠୁ ଆସିଲା ଓ ଏହା କିଏ ବେପାର କରୁଛି ତାହା ନେଇ ପୁଲିସ ତଦନ୍ତ ଜାରି ରଖିଛି । ଜବତ ଗଂଜେଇକୁ ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା । ଗଂଜେଇର ଓଜନ ୧୧କେଜି ୪୦୦ଗ୍ରା ହୋଇଥିଲା । ଏନେଇ ସବଇନ୍ସପେକ୍ଟର ବିଶ୍ୱରଂଜନ ଦାସ ଏତଲା ଦେବାପରେ ଏକ ମାମଲା ୨୧/୨୬ରୁଜୁ କରାଯାଇଥିଲା । ଅଟକ ଥିବା ୫ଜଣଙ୍କୁ ଜେରା କରିବା ପରେ ଆଜି ସେମାନଙ୍କୁ ଅଦାଲତ ଚାଲାଣ କରାଯାଇଛି ।ଏହି ଗଂଜେଇ ଜଗତସିଂହପୁର ଜିଲ୍ଲା କୁଜଂଗ ଥାନା କୋଠିସାହି ଗ୍ରାମର ସୁବାସ ସାହୁଙ୍କ ଠାରୁ ବିକ୍ରି ଉଦ୍ଦେଶରେ ଆସିଥିବା ପୁଲିସ ତଦନ୍ତରୁ ଜଣାପଡିଛି । ଅଭିଯୁକ୍ତ ହେଲେ ଅଳତିରି ଚମାର ଗଡିଆ ସାହିର ଶଙ୍କର ମୁଣ୍ଡା(୨୦) ବାବନ ମୁଣ୍ଡା(୨୨) ବାବୁଲି ମୁଣ୍ଡା (୩୮), ଅଳତିରି କାଙ୍କଲାପାଟଣା ଗ୍ରାମର ପ୍ରଦୀପ ସାହୁ(୩୭) ଓ ଧବଳ ମଳିକ(୪୨) । ଆଜି ଅଭିଯୁକ୍ତ ମାନଙ୍କୁ ଭାରତୀୟ ନ୍ୟାୟ ସଂହିତା ଦଫା ୨୦(ବି) ଆଇଆଇ(ବି) ୨୯(ଆଇ) ଏନଡିପିସି ଆକ୍ଟରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ପ୍ରଶାନ୍ତ କୁମାର ଦାଶଙ୍କ ସୂତ୍ରରୁ ପ୍ରକାଶ ।

# ପଥରପଦା ନେତାଜୀ କ୍ଲବର ବାର୍ଷିକୋତ୍ସବ

ପାଣିକୋଇଲି ,(ସବ୍ୟୁ) : ପଥରପଦା ନେତାଜୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ୩୦ ତମ ନେତାଜୀ ଜୟନ୍ତୀ ଓ ବାର୍ଷିକ ଉତ୍ସବର ପ୍ରଥମ ସନ୍ଧ୍ୟା ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଯୁବ ନେତା ସେକ ଜହର ଅଲ୍ଲୀଙ୍କ ସଞ୍ଚାଳନାରେ ଆୟୋଜିତ ସଭାରେ ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ, ସୂର୍ଯ୍ୟମଣି ପଣ୍ଡା, ପ୍ରମୁଖ ଯୋଗଦେଇଥିଲେ ଶେଷରେ କ୍ଲବର ଉପଦେଷ୍ଟା ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବକ୍ତୃତା ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର/ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପରେ ନୃତ୍ୟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକର୍ତ୍ତା ଅଶୋକ କୁମାର ବେହେରା, ମାନସ କୁମାର ସାହୁ, ପ୍ୟାରୀ ମୋହନ ବାରିକ, ପର୍ଶୁରାମ ବେହେରା, ରବିନ୍ଦ୍ର ବେହେରା, ଚନ୍ଦ୍ରକାନ୍ତ ବିଶ୍ୱାଳ, ସୌମ୍ୟ ରଂଜନ ସାହୁ, ଅନିରୁଦ୍ଧ ବାରିକ,ସୁଧାଂଶୁ ବାରିକ, ଉମେଶ ବାରିକ, ଅମୀୟ କୁମାର ବେହେରା, ତାପସ ଦାସଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ବୋହୂକୁ ପେଟ୍ରୋଲ ଢ଼ାଳି ହତ୍ୟା ଉଦ୍ୟମ: ପୋଲିସ ନିଦରେ

ମାହାଙ୍ଗା ,(ସବ୍ୟୁ) : ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅର୍ନ୍ତଗତ ବାଲିପଡା ଗ୍ରାମର ବୀରବର ଦାସଙ୍କ ଝିଅ ସସ୍ମିତା ଦାସ ଯେକି ୮ବର୍ଷ ତଳେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୋଲିସ ଅଧିନରେ ଡାମରପୁର ଗ୍ରାମର ପ୍ରଫୁଲ୍ଲ କୁମାର ରାୟଙ୍କ ପୁତ୍ର ସୁଶାନ୍ତ ରାୟକୁ ବିବାହ କରିଥିଲେ। ଝିଅ ଜନ୍ମହେବାରୁ ବୋହୁକୁ ପୋଡି ମାରିବା ପାଇଁ ଉଦ୍ୟମ କରାଯାଇଥିବା ଝିଅ ଭାଇ ରଂଜନ କୁମାର ଦାସ ତା ୨୩.୦୧.୨୦୨୬ରିଖରେ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ପୋଲିସ ଏହି ଘଟଣାକୁ ତଦନ୍ତ କରିବା ସହ କେସ ନଂ୫୭/୨୦୨୬ରେ ଏକ ମାମଲା ରୁଜୁ କରି ପ୍ରଫୁଲ୍ଲ କୁମାର ରାୟଙ୍କୁ ଅଟକ ରଖିଥିବା ଜଣାପଡିଛି। ଅଭିଯୋଗ ଅନୁସାରେ ବିବାହ ସମୟରେ ବରପକ୍ଷର ଦାବି ଅନୁସାରେ ଯୌତୁକ ପ୍ରଦାନ କରାଯାଇଥିଲା। ବିବାହର ୨ବର୍ଷ ପରେ ଶାଶୁଘର ଲୋକ ସସ୍ମିତାକୁ ଶାରୀରିକ,ମାନସିକ ନିର୍ଯ୍ୟାତନା ଦେବା ସହ ଅଧିକ ଯୌତୁକ ଆଣିବାକୁ ଦାବି କରିଆସୁଥିଲେ। ସସ୍ମିତାର ଏକ ଝିଅ ଜନ୍ମ ହୋଇଥିଲା ଯାହାକୁ ନେଇ ପରିବାର ଲୋକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗତ ୨୨ତାରିଖ ରାତି ସମୟରେ ରଂଜନ କୁମାର ଦାସ ଭଉଣୀର ଶାଶୁଘର ଲୋକଙ୍କ ସହିତ କଥା ହେଉଥିବା ସମୟରେ ହଠାତ୍ ତାଙ୍କ ପରିବାର ଲୋକ ଭଉଣୀକୁ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏହା ପରେ ଭିଣୋଇ ସୁଶାନ୍ତ ରାୟ,ଶ୍ୱଶୁର ପ୍ରଫୁଲ୍ଲ କୁମାର ରାୟ ଓ କନକଲତା ରାୟ ମିଶି ସସ୍ମିତା ଦେହରେ ପେଟ୍ରୋଲ ଢ଼ାଳି ନିଆ ଲଗାଇଦେଇଥିଲେ। କୌଶଳ କ୍ରମେ ସସ୍ମିତା ଖସିଆସି ଘରକୁ ଜଣାଇବା ପରେ ବାପଘର ଲୋକେ ୧୧୨ ଓ ୧୦୦ ମୋବାଇଲ ନମ୍ବର କରିଥିଲେ ମଧ୍ୟ ଘଟଣା ସ୍ଥଳରେ ଗାଡି ପହଂଚି ନଥିଲା। ତେବେ ଏହି ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ କେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଜିଲ୍ଲା କାରାଗାରରେ ଆଇନ ସଚେତନତା ଶିବିର



କେନ୍ଦ୍ରାପଡା,(ସବ୍ୟୁ) :ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ରବୀନ୍ଦ୍ର କୁମାର ବଳଙ୍କ ତତ୍ତ୍ୱାବଧାନରେ ଓ ବରିଷ୍ଠ ଅଧ୍ୟାପକ ଡକ୍ଟର ଚିରଞ୍ଜିବୀ ପଣ୍ଡା ଓ ତିମିର କାନ୍ତ ପରିଜାଙ୍କ ନେତୃତ୍ୱରେ ଆଇନ ଛାତ୍ରଛାତ୍ରୀମାନେ କେନ୍ଦ୍ରାପଡ଼ା ଜିଲ୍ଲା ଉପ କାରାଗାରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କଏଦୀ ମାନଙ୍କର ଆଇନ ଅଧିକାର ଓ ଦାୟିତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଉପସହାୟକ କାରାଗାର ଅଧିକ୍ଷକ ସୁକାନ୍ତ କୁମାର ରାଉତ କାର୍ଯ୍ୟକର୍ମ ପରିଚାଳନା ଓ ଅନ୍ତେବାସୀମାନଙ୍କ ପ୍ରାଥମିକ ସୁବିଧା ବିଷୟରେ ଆଲୋକପାତ କରିଥିଲେ। ଆଇନ ଛାତ୍ରଛାତ୍ରୀ ମାନେ କଏଦୀ ମାନଙ୍କୁ ସେମାନଙ୍କର ଆଇନ ସମ୍ମତ ଅଧିକାର କାର ଓ ଦାୟିତ୍ୱ ନିୟମାବଳୀ ଅବଗତ କରାଇଥିଲେ। କାର୍ଯ୍ୟକର୍ମରେ ପ୍ରଭାସ ରଞ୍ଜନ ଦଳାଇ, ସସ୍ମିତା ବେହେରା, ସ୍ୱାତି ପ୍ରତିକ୍ଷା ଦାସ, ଅସିମ ରଞ୍ଜନ ନାୟକ, ଐଶ୍ୱର୍ଯ୍ୟା ରାୟ, ଶୁଭଙ୍କର ବିଶ୍ୱାଳ, ମୋନାଲିସା ପାତ୍ର କାର୍ଯ୍ୟକର୍ମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ।

# ଗଣମାଧ୍ୟମ ପ୍ରତିନିଧି-ନୂତନ ଥାନାଧିକାରୀ ସୌଜନ୍ୟମୂଳକ ସାକ୍ଷାତ



ସାଲେପୁର ,(ସବ୍ୟୁ): ସାଲେପୁର ଆଦର୍ଶ ଥାନାରେ ନୂତନ ଭାବେ ଯୋଗଦେଇ ଥିବା ଆଇ.ଆଇ.ସି ଙ୍କୁ ସାଲେପୁର ଅଞ୍ଚଳର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଶନିବାର ସନ୍ଧ୍ୟାରେ ସାଲେପୁର ଅଞ୍ଚଳର ବୈଦ୍ୟୁତିକ ଓ ମୁଦ୍ରିତ ଗଣମାଧ୍ୟମର ପ୍ରତିନିଧି ମାନେ ସାଲେପୁର ଆଦର୍ଶ ଥାନାରେ ପହଂଚି ନୂତନ ଭାବେ ଯୋଗଦାନ କରିଥିବା ଆଇ.ଆଇ.ସି ମହେଶ୍ୱର ବେହେରାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ନୂତନ ଅଧିକାରୀଙ୍କ ସହିତ ଅଞ୍ଚଳର ଆଇନଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ପରିସ୍ଥିତି ଉପରେ ଆଲୋଚନା କରିଥିଲେ । ଆଇ.ଆଇ.ସି ଶ୍ରୀବେହେରା ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତି ଓ ଟ୍ରାଫିକ ସମସ୍ୟା ଉପରେ ସର୍ବଦା ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିବା ସହିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ସହଯୋଗ ସବୁବେଳେ ରହିବାର ଆବଶ୍ୟକତା ଅଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା, ରତିକାନ୍ତ ପଟ୍ଟନାୟକ, ପ୍ରଦୀପ ପରିଜା, ବିସ୍ମିତ ଜେନା, ବିରଞ୍ଚି ନାରାୟଣ କର, ନାରାୟଣ ଓଝା,ବିନୟ ଦାଶ,ଚିତ୍ତରଞ୍ଜନ ମୁଦୁଲି, ଉମାକାନ୍ତ ଜେନା, ଗୁଲରେଜ ଅଲ୍ଲୀ,ଅମୀୟ ରଞ୍ଜନ ବିଶ୍ୱାଳ, ଇଂ ସନ୍ତୋଷ ସ୍ୱାଇଁ, ଏସ. କେ. ରହିମ ଉଦ୍ଦିନ ସରୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୯୮୩ ମସିହା ମାଟ୍ରିକ ବ୍ୟାଚ ବନ୍ଧୁମିଳନ



ନାଉଗାଁ ,(ସବ୍ୟୁ) : ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୩ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସ୍ନେହପୂର୍ଣ୍ଣ ବନ୍ଧୁ ମିଳନ କାର୍ଯ୍ୟକ୍ରମ ନାଉଗାଁହାଟ ସ୍ଥିତ ଗ୍ରୀନ ଗାର୍ଡେନ ଠାରେ ଆନନ୍ଦମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଆରମ୍ଭରେ ଦିବଙ୍ଗତ ଶିକ୍ଷକ ଏବଂ ସହପାଠୀମାନଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ ଜୀବନର ପୁରୁଣା ସ୍ମୃତି, ଶିକ୍ଷକମାନଙ୍କ ଅମୂଲ୍ୟ ଅବଦାନ ଓ ଛାତ୍ରଜୀବନର ଅନୁଭବକୁ ସ୍ମରଣ କରି ସମସ୍ତେ ଭାବବିହ୍ୱଳ ହୋଇଉଠିଥିଲେ । ଏଥିରେ ପ୍ରିୟ ଶିକ୍ଷୟତ୍ରୀ କୁହୁକୁନି ଦିଦିଙ୍କୁ ସମ୍ମାନନୀୟ ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଦୀର୍ଘ ବର୍ଷ ପରେ ସହପାଠୀମାନଙ୍କର ପୁନର୍ମିଳନ ହେବାରୁ ସମଗ୍ର ପରିବେଶ ଖୁସି ଓ ଆନନ୍ଦରେ ମୁଖରିତ ହୋଇଉଠିଥିଲାଛ କାର୍ଯ୍ୟକ୍ରମରେ ସାମୁହିକ ଆଲୋଚନା, ସ୍ମୃତିଚାରଣ, ଫଟୋ ତୁଳା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା । ଆଗାମୀ ଦିନରେ ଏପରି ବନ୍ଧୁ ମିଳନକୁ ନିୟମିତ କରିବା ସହ ସମାଜସେବାମୂଳକ କାର୍ଯ୍ୟରେ ସକ୍ରିୟ ଭାବେ ଯୋଗଦେବା ପାଇଁ ସମସ୍ତେ ସଂକଳ୍ପ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ସ୍ୱାଇଁ, ଅର୍ଜୁନ ସ୍ୱାଇଁ ,ଅରବିନ୍ଦ ରାଉତ ରାୟ ,କେଦାର ସାସମଲ ,ସୁରେସ ମହାନ୍ତି ,କଳ୍ପତରୁ ଦାସ ,କୁନି ଶିଶୁ ପରିଚାଳନାକରିଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞ ଓ ଶଙ୍ଖ ମହୋତ୍ସବ ଉଦ୍‌ଘାଟିତ

ଧର୍ମଶାଳା ,(ସବ୍ୟୁ) : ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ସିଦ୍ଧପୀଠ ଗଲଗଲି ଶଙ୍ଖଠାରେ ୧୪ତମ ବିଶ୍ୱଶାନ୍ତି ମହାଯଜ୍ଞ ଓ ଶଙ୍ଖ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର ମୁଖ୍ୟ ଅତିଥିଭାବେ ଯୋଗଦେଇ ଫିତାକାଟି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ କଲିକତା ଶାନ୍ତି ନିକେତନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ସତ୍ୟ କର୍ମ କରିବା ସହିତ ହୃଦୟ ମନକୁ ଶୁଦ୍ଧ ରଖିବା ହେଉଛି ଆଧ୍ୟାତ୍ମିକ ଚିନ୍ତନର ପ୍ରକୃତ ମାର୍ଗ ଅଟେ ବୋଲି ମତବ୍ୟକ୍ତ କରିଥିଲେ । ଉତ୍ସବରେ ସ୍ୱାମୀ ଦିନଦୟାଲ ସରସ୍ୱତୀ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଉତ୍ସବର ସଫଳତା କାମନା କରିବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । କୋତପୁରର ପୂର୍ବତନ ସରପଂଚ ସନ୍ତୋଷ କୁମାର ଜେନା, କଂଟିଗଡିଆ ସମିତିସଭ୍ୟ ଅରୁପାନନ୍ଦ ଜେନା, କମିଟି ସଭାପତି ବିବେକାନନ୍ଦ ଦାସ, ସମ୍ପାଦକ ପ୍ରଶାନ୍ତ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ପ୍ରାରମ୍ଭରେ ମଂଚାସୀନ ଅତିଥିମାନଙ୍କଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଅତିଥିମାନେ ଯଜ୍ଞର ଉଦ୍ୟୋକ୍ତା ତଥା ପ୍ରତିଷ୍ଠାତା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ପୂର୍ବାହ୍ନରେ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଏକ କଳସ ଯାତ୍ରା ଆୟୋଜିତ ହୋଇଥିଲା । କଳସଯାତ୍ରାରେ ଆଖପାଖ ୬ ଗୋଟି ପଂଚାୟତରେ ମହିଳାମାନେ ସାମିଲ ହୋଇଥିଲେ । ମହିଳାମାନେ ସ୍ଥାନୀୟ ଖଡିଅଙ୍ଗ ନଦୀରୁ କଳସରେ ଜଳ ଆଣିବାପରେ ଯଜ୍ଞ ବେଦୀରେ ପ୍ରତିଷ୍ଠା କରାଯାଇଥିଲା । ଗୋରେଖ ଚୈତନ୍ୟ, ଦୟାନିଧି ଦାଶ, ବ୍ରଜକିଶୋର ମହାନ୍ତି, ସୁଶାନ୍ତ ନାଏକ, ରସାନନ୍ଦ ଦାସ, ଝୁନାରାଣୀ ମିଶ୍ର,ରାଧାରାଣୀ ମିଶ୍ର, ସବିତାମଞ୍ଜରୀ ବିଶ୍ୱାଳ, ମିନତୀ ପଣ୍ଡା, ରଶ୍ମିତା ନାଏକ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ । ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଭାରତୀୟ ନାଟ୍ୟ ଏକାଡେମୀ ନାନପୁର ମହାଙ୍ଗା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ୧୭ତମ କଳିଙ୍ଗ ଶିଶୁ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଉତ୍ସବ

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡୀପୁର ଗାଁ ସ୍ଥିତ କଳିଙ୍ଗ ପାଠାଗାର ଆନୁକୁଲ୍ୟରେ ୧୭ ତମ କଳିଙ୍ଗ ଶିଶୁ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୈଦେହନାଥ ସାହୁ, ପ୍ରଧାନ ଶିକ୍ଷକ, ଚଣ୍ଡୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ଡ଼କ୍ଟର ପ୍ରଭଞ୍ଜନ୍ ପତି, ସହ ମଣ୍ଡଳ ଶିକ୍ଷାଧିକାରୀ, ମୁଖ୍ୟବକ୍ତା ଭାବେ ସୁନନ୍ଦ ରାଉତ, ପ୍ରଧାନ ଶିକ୍ଷକ, ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟ, ସମ୍ମାନୀତ ଅତିଥିଭାବେ ପ୍ରଶନ୍ନ କୁମାର ସେଠୀ, ପ୍ରଧାନ ଶିକ୍ଷକ, ଚଣ୍ଡୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଅବିନାଶ ଆଇଚ, ସହକାରୀ ଶିକ୍ଷକ, ପିଏମଶ୍ରୀ ମୁଗପାଳ ସରକାରୀ ଉଚ୍ଚ ବିଦ୍ୟାଳୟ , ନରେନ୍ଦ୍ର ପଣ୍ଡା, ଶିକ୍ଷାବିତ ଯୋଗ ଦେଇଥିଲେ । ସଭାରେ ପାଠାଗାର ସମ୍ପାଦକ ବିଷ୍ଣୁ ଚରଣ ସାହୁ ଅତିଥି ପରିଚୟ ରଖିଥିବା ବେଳେ କଳିଙ୍ଗ ଯୁବ ସଂଘ ସଭାପତି ଶିଶିର କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ସଦସ୍ୟ ସରୋଜ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ପ୍ରତିଯୋଗିତାରେ ୨୫ ଟି ରୁ ଅଧିକ ବିଦ୍ୟାଳୟରୁ ୩ୟ ରୁ ୫ ମ ଏବଂ ୬ଷ୍ଠ ରୁ ୮ମ ଦୁଇଟି ବର୍ଗର ୪ ଟି ବିଭାଗରେ ୨୦୦ ରୁ ଅଧିକ ଅଂଶ ଗ୍ରହଣ କରିଥିଲେ । ପ୍ରତ୍ୟେକ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପିଲାଂକୁ ସିଲ, ପୁସ୍ତକ ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

# ଗଙ୍ଗାମାତାଙ୍କ ନବଦିବସୀୟ ପୂଜାରେ ସାମିଲ ହେଲେ ବିଧାୟକ

ମହାକାଳପଡ଼ା ,(ସବ୍ୟୁ ):ମହାକାଳପଡ଼ା ବ୍ଲକ ସୁନୀତି ପଂଚାୟତ ଅଧୀନ ପାଞ୍ଚଗୋଛିଆ ଠାରେ ଅଂଚଳବାସି ଦୀର୍ଘ ୨୪ବର୍ଷ ଧରି ଧୁମଧାମରେ ଗଙ୍ଗା ମାତାଙ୍କ ପୂଜା କରିଆସୁଛନ୍ତି । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପାରମ୍ପରିକ ମତ୍ସ୍ୟଜୀବି ମାନଙ୍କର ଆଗାମୀଦିନରେ ସୁଫଳ ନେଇ ମକର ସଂକ୍ରାନ୍ତି ଠାରୁ ପୂଜା ଆରମ୍ଭ କରିଛନ୍ତି । ପୂଜା ଉପଲକ୍ଷେ ସୁଦୂର କଲିକତା ର ବ୍ୟବସାୟୀ ମାନେ ଗଙ୍ଗା ମେଳାରେ ପସରା ମେଲାଇ ଗ୍ରାହକ ମାନଙ୍କୁ ଆକର୍ଷଣ କରୁଛନ୍ତି । ପୂଜା ସହିତ ଦୋକାନ ବଜାର ଓ ଯାତ୍ରା ସ୍ୱର୍ଣ୍ଣ ମହଲ ର ଯାତ୍ରା ପରିବେଷଣ ଚାଲିଛି । ପୂଜା ଦିବସରେ ଅଖା ପାଖ ର ନେତୃସ୍ଥାନୀୟ ବ୍ୟକ୍ତି ମାନେ ଯୋଗଦେଇ ପୂଜା କମିଟି ତରଫରୁ ଅନୁଷ୍ଠିତ ହେଉଥିବା ଭଲିବଲ ଟୁର୍ଣ୍ଣାମେଣ୍ଟ ଓ କ୍ରିକେଟ ଟୁର୍ନାମେଣ୍ଟ କୁ ଉପଭୋଗ କରୁଛନ୍ତି । ସେପଟେ ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ଗଙ୍ଗା ମେଳା କୁ ଆହୁରି ସରସ ସୁନ୍ଦର କରୁଛି । ପ୍ରତ୍ୟେକ ଦିନ ଆମନ୍ତ୍ରିତ ଅତିଥି ମାନେ ପୂଜା କମିଟି ନିକଟରେ ପହଂଚି ପୂଜା ର ଉତ୍ତରୋତ୍ତର କାମନା କରିବା ସହିତ ମା ଙ୍କ ଆଶିଷ ଭିକ୍ଷା କରୁଛନ୍ତି । ସେହିପରି ପୂଜା ର ନବମ ଦିବସରେ ମହାକାଳପଡ଼ା ବିଧାୟକ ଡ଼. ଦୁର୍ଗା ପ୍ରସନ୍ନ ନାୟକ ଉପସ୍ଥିତ ହୋଇ ମା ଙ୍କ କୃପା ଲାଭ କରିବା ସହିତ ମତ୍ସ୍ୟଜୀବି ଭାଇ ଭଉଣୀ ଙ୍କ ନିମନ୍ତେ ଶୁଭ ମନାସିଛନ୍ତି । ବିଧାୟକ ଙ୍କସହିତ ବିଜେପିର ପ୍ରଶାନ୍ତ ସେଠୀ, ସରୋଜ ସାହୁ, ପବିତ୍ର ଚୌଧୁରୀ, ଶରତ ମହାନ୍ତି ରାମଚନ୍ଦ୍ର ରାଉତଙ୍କ ସମେତ ବହୁ ନେତୃସ୍ଥାନୀୟ ବ୍ୟକ୍ତି ପୂଜାରେ ସାମିଲ ହୋଇଥିଲେ

# ଥାଲକୁଡି ପଞ୍ଚାୟତର ବିଭିନ୍ନ ଜାଗାରେ ସ୍ୱଜଳଧାରା ପ୍ରକଳ୍ପର ଶୁଭ

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତର ବିଭିନ୍ନ ଜାଗାରେ ସ୍ୱଜଳଧାରା(ବସୁଧା) ପ୍ରକଳ୍ପର ଶୁଭ ଉଦଘାଟନ କରିଛନ୍ତି ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ । ଥାଲକୁଡି ପଞ୍ଚାୟତର ଦକ୍ଷିଣବନ୍ଧ,କସବା,ଧନୀପୁରରେ ବିଧାୟିକା ପ୍ରମିଳା ମଲ୍ଲିକ ନଡ଼ିଆ ପିଟି ସଜଳଧାରା ପ୍ରକଳ୍ପର ମରାଥାନ ଶୁଭ ଦେଇଥିଲେ । ଥାଲକୁଡି ସରପଞ୍ଚ ଗୀତାଞ୍ଜଳି ସେଠୀ, ସମିତି ସଭ୍ୟା ଅର୍ଚ୍ଚନା ଦାସ ମଧ ଉପସ୍ଥିତ ରହି ନଡ଼ିଆ ପିଟି ଶୁଭ ଦେଇଥିଲେ ।ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପଞ୍ଚାୟତର ସମସ୍ତ ପରିବାର ଉପକୃତ ହେବେ ବୋଲି ପଞ୍ଚାୟତ ବାସୀ କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ଥାଲକୁଡି ପଞ୍ଚାୟତ ବିଜେଡି ଯୁବ ନେତା ଦୀପକ ବାରିକ,ବିଜୟ ପାତ୍ର,ଥାଲକୁଡି ପଞ୍ଚାୟତ ବିଜେଡି ପ୍ରଭାରୀ ଦିଲ୍ଲୀପ୍ ପଣ୍ଡା, ଜାଫରପୁର ପଞ୍ଚାୟତ ସରପଞ୍ଚ ଗୋଲକ ନାୟକ,ଯୁବ ସମାଜସେବୀ ମନୋଜ ସେଠି, ପ୍ରମୋଦ କୁମାର ଦାସ, ଭରତ ମଲିକ, ସୁରତ ଦାସ, ଶ୍ରୀକାନ୍ତ ବିଶ୍ୱାଳ, ପ୍ରଦୀପ ମଲ୍ଲିକ, ସୁମନ ନାୟକ, ଚିନ୍ମୟ ମାହୁନ୍ତ, ହିମାଂଶୁ ଶେଖର ନାୟକଙ୍କ ସମେତ ପଞ୍ଚାୟତର ଶତାଧିକ ମହିଳା ଏବଂ ପୁରୁଷ ଉପସ୍ଥିତ ଥିଲେ ।

# ପାରିପାର୍ଶ୍ୱିକ ଉନ୍ନତି ଓ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ପାଇଁ ଜେଏସଡବ୍ଲ୍ୟୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି



ପାରାଦୀପ ,( ଜିପ୍ର ): ପାରାଦୀପରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ର ବିକାଶ ମୂଳକ ପଦକ୍ଷେପ ପ୍ରକଳ୍ପ-ସ୍ଥାପନ କାର୍ଯ୍ୟ ପୂର୍ବରୁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ସାମୁହିକ ଅଂଶ ଗ୍ରହଣ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ କୃଷି,ସ୍ୱାସ୍ଥ୍ୟ, ଆଲୋକୀକରଣ ଓ ଗ୍ରାମାଞ୍ଚଳରେ ଆତ୍ମନିର୍ଭରଶୀଳ ହେବା ପାଇଁ ସାର୍ବଜନୀନ ସ୍ଥାନ ଗୁଡ଼ିକରେ ଜେଏସଡବ୍ଲ୍ୟୁ ପହଞ୍ଚିଛି ପାରିଛି । ଏବେ ସ୍ଥାନୀୟ ଯୁବକ ଯୁବତୀ ବିଶେଷ କରି ଡିଙ୍କିଆ,ନୂଆଗାଁ ଓ ଗଡ କୁଜଙ୍ଗ ଅଞ୍ଚଳ ର ବୈଷୟିକ ବିଭାଗ ର ଡିଗ୍ରୀ, ଡିପ୍ଲୋମା ଏଂ ଆଇଟିଆଇ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏ ନେଇ ୩ ସହ ଯୁବକ ଯୁବତୀଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଛି । ସେହି ଆବେଦନ ପତ୍ର କୁ ସ୍କୁଟିନ କରାଯାଇ ନିଯୁକ୍ତି ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଉଛି । ସେମାନଙ୍କ ମଧ୍ୟରେ ଲିଖିତ ପରୀକ୍ଷା କରାଯାଇଛି । ସ୍ଥାନୀୟ ନିଯୁକ୍ତିକୁ ଉପରେ ଗୁରୁତ୍ୱାରୋପ କରି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ଚଳିତ ମାସ ୨୩ ରେ ପ୍ରଥମ ପର୍ଯ୍ୟାୟ ରେ ସାକ୍ଷାତକାର ପରୀକ୍ଷା ଆରମ୍ଭ ହୋଇଛି । ଏହା ପର୍ଯ୍ୟାୟ କ୍ରମେ ଚାଲିବ । ଆଗକୁ ଅଣ ବୈଷୟିକ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବକଯୁବତୀଙ୍କ ପାଇଁ ପର୍ଯ୍ୟାୟ କ୍ରମେ ନିଯୁକ୍ତି ଯୋଗାଇ ଦିଆଯିବ । ଏ ନେଇ ଚୂଡ଼ାନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି ଓ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ପାଇଁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପକ୍ଷରୁ ୧୨୦୦ ରୁ ଅଧିକ ଚାଷୀଙ୍କୁ ବିହନ ଏବଂ ସାର ସହିତ ସହାୟତା ପ୍ରଦାନ କରାଯାଇଛି । ୨୪୦୦ ରୁ ଅଧିକ ବ୍ୟକ୍ତି ବିଭିନ୍ନ ଆୟ-ଉତ୍ପାଦନକାରୀ କାର୍ଯ୍ୟକଳାପ ଗ୍ରହଣ କରିଛନ୍ତି, ଯେଉଁଥିରେ ସ୍ୱୟଂ ସହାୟିକା ଗୋଷ୍ଠୀ ର ୧୬୧ ଜଣ ମହିଳା ଧାନ, ନଡ଼ା ଛତୁ ଚାଷ ଆରମ୍ଭ କରିଛନ୍ତି । ତାଲିମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ୧,୯୦୯ ଜଣ ଚାଷୀଙ୍କୁ ସେମାନଙ୍କର ଜୀବିକା ନିର୍ବାହ ପାଇଁ ଦକ୍ଷତା ପ୍ରଦାନ କରିଛି । ଯାହା ଦ୍ୱାରା କି କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ବୃଦ୍ଧି ପାଉଛନ୍ତି । ତିନୋଟି ମହିଳା ନେତୃତ୍ୱାଧୀନ ସ୍ୱୟଂ ସହାୟକ ଗୋଷ୍ଠୀ ଭେଣ୍ଡିଂ କିଓସ୍କ ଏବଂ ପରିମଳ ୟୁନିଟ୍ ପରିଚାଳନା କରୁଛନ୍ତି ଯାହା ଦୈନିକ ୨୦୦ ଟ୍ରକ ଚାଳକଙ୍କୁ ସେବା ଯୋଗାଇ ଦେଇ ଆସୁଛି । ଏଥି ସହିତ ବିଭିନ୍ନ ସ୍ଥାନରେ ହୋଇଥିବା କାଫେରେ ୧୯ ଜଣ ନିଯୁକ୍ତି ପାଇଛନ୍ତି । ଏହା ବ୍ୟତୀତ ଜେଏସଡବ୍ଲ୍ୟୁ ର ଏହି ପ୍ରୟାସ ମାଧ୍ୟମରେ ୪୧୯ ଜଣ ବ୍ୟକ୍ତି ଏବେ ମାସିକ ହାରାହାରି ୫,୦୦୦ ଟଙ୍କାରୋଜଗାର କରୁଛନ୍ତି । ଧୂପକାଠି,କୁକୁଡ଼ା ପାଳନ ଏବଂ ଛତୁ ଚାଷରେ ନିୟୋଜିତ ଉତ୍ପାଦକ ଗୋଷ୍ଠୀ ଗୁଡ଼ିକ ଓଡ଼ିଶା ଜୀବିକା ମିଶନ ସହିତ ସଂଯୋଗ ମାଧ୍ୟମରେ ୧୯.୬୨ ଲକ୍ଷ ଟଙ୍କାର ପାଣ୍ଠି ପାଇଛନ୍ତ । ଜେଏସଡବ୍ଲ୍ୟୁ ଦ୍ୱାରା ସ୍ୱାସ୍ଥ୍ୟ ସେବାରେ ପ୍ରମୁଖ ଉନ୍ନତି ଘଟିଛି । ଡିଙ୍କିଆ ଏବଂ ବାଲିତୁଠରେ ଥିବା ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ,ପ୍ରତି ମାସରେ ପ୍ରାୟ ୪,୨୦୦ ଲୋକ ଚିକିତ୍ସା ପାଉଛନ୍ତି । ଆଜି ପର୍ଯ୍ୟନ୍ତ ୧.୭୪ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସା ପାଇଛନ୍ତି । ବାଲିତୁଠରେ ଏକ ନୂତନ ପିଏଚସି ନିର୍ମାଣାଧୀନ କାମ ଚାଲୁ ଅଛି । ୧,୨୦୦ ଗ୍ରାମବାସୀ ଙ୍କ ପାଇଁ ତିନୋଟି ବହୁ-ସ୍ପେଶିଆଲିଟି ଏବଂ କ୍ୟାନସର ଚିହ୍ନଟ ଶିବିର ଆୟୋଜନ କରାଯାଇଛ । ମାଗଣା ଚକ୍ଷୁ ପରୀକ୍ଷା ଶିବିର ମାନ ଆୟୋଜନ କରାଯାଇଛି । ଯେଉଁଥିରେ ୧୭,୦୦୦ ରୁ ଅଧିକ ଲୋକଙ୍କ ସ୍କ୍ରିନିଂ ପରୀକ୍ଷା କରାଯାଇଥିଲା । ୯,୬୩୩ ଜଣଙ୍କୁ ଚଷମା ବଣ୍ଟନ କରା ଯାଇଥିଲା ଏବଂ ୧,୨୧୪ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରେଫର କରାଯାଇଥିଲା । ଜେଏସଡବ୍ଲ୍ୟୁ ଗ୍ରାମୀଣ ଏବଂ ସହରାଞ୍ଚଳରେ କାର୍ଯ୍ୟ କରିବା ସହ ୧,୫୦୦ ରୁ ଅଧିକ ଲୋକଙ୍କୁ ଜରୁରୀ କାଳୀନ ସେବା ଯୋଗାଇ ଦେଉଛି । ଏହା ସହିତ ଏରସମା ବ୍ଲକର ୬୦୦ ଯକ୍ଷ୍ମା ରୋଗୀଙ୍କୁ ସେମାନଙ୍କ ଆରୋଗ୍ୟ ପାଇଁ ପୁଷ୍ଟିକର ଖାଦ୍ୟ କିଟ ପ୍ରଦାନ କରାଯାଇଛି । ପାରାଦୀପ ବସ୍ତିରେ ମୋଟ ୫୫୩ଟି ସୌର ଷ୍ଟ୍ରିଟ୍ ଲାଇଟ ଏବଂ ୩୦ ଟି ବୈଦ୍ୟୁତିକ ମିନି ମାଷ୍ଟ ଲାଇଟ୍ ସ୍ଥାପନ କରାଯାଇଛି,ଯାହା ୨୦,୦୦୦ ରୁ ଅଧିକ ପରିବାରଙ୍କୁ ଉପକୃତ କରିଛି । ବିକାଶ କାର୍ଯ୍ୟରେ ତିନୋଟି କମ୍ୟୁନିଟି ହଲ୍,ଗୋଟିଏ ସଭାଗୃହ,ଚାରୋଟି ଶବ ଦାହ ପଡ଼ିଆ,ସାତଟିସ୍ୱୟଂସହାୟିକା ଗୋଷ୍ଠୀ ସମ୍ବଳ କେନ୍ଦ୍ର ଏବଂ ୨୦ ଟି ଅଙ୍ଗନୱାଡି କେନ୍ଦ୍ରର ଉନ୍ନତିକରଣ କରାଯାଇଛି । ନେହେରୁ ବଙ୍ଗଳା ଛକରେ ସୌନ୍ଦର୍ଯ୍ୟ କରଣ ଚାଲିଛି ଏବଂ ଏକ ମିନି ଷ୍ଟାଡିୟମ ଏବଂ ଖେଳପଡ଼ିଆ ନିର୍ମାଣକାର୍ଯ୍ୟ ଚାଲିଛି । ଯୁବପିଢ଼ିଙ୍କ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ,୫୦ ଟି ଯୁବ କ୍ଲବ୍ ଏବଂ ସ୍କୁଲକୁ୧୪୦୦ ରୁ ଅଧିକ କ୍ରୀଡା ସାମଗ୍ରୀ ବଣ୍ଟନ କରାଯାଇଛିଛ ଜେଏସଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳ ଓ ପାରାଦୀପରେ ଜେଏସଡବ୍ଲ୍ୟୁ ର ବିକାଶ ମୂଳକ କାର୍ଯ୍ୟ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ।

# ଗୟାବନ୍ଧରେ ଦନ୍ତା ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

## ଶବ ସତ୍କାର ପାଇଁ ମିଳିଲା ୩୫ ହଜାର, ମୃତକ ପରିବାରରୁ ଜଣଙ୍କୁ ନିଯୁକ୍ତି ଦାବି



ନିରାକାରପୁର,(ସବ୍ୟୁ): ହାତୀ ଆକ୍ରମଣରେ ମୁଣ୍ଡ ଗଡିଛି । ଶନିବାର ସକାଳୁ ଘନ ଖୋର୍ଦ୍ଧା ଜିଲ୍ଲା ଓଲସିଂହ ଗ୍ରାମପଞ୍ଚାୟତ ଗୟାବନ୍ଧ ଗ୍ରାମରେ । ସକାଳୁ ଘନ କୁହୁଡି ପଡିଥିବାବେଳେ ଗ୍ରାମର ହଟ ଭୁଜବଳଙ୍କ ପୁତ୍ର ସଂସାରୀ ଭୁଜବଳ ( ୪୫) ଶୌଚ ହେବାପାଇଁ ଗ୍ରାମର ଖେଳ ପଡିଆ ଆଡ଼କୁ ଯାଇଥିବାବେଳେ ନିକଟସ୍ଥ କାଜୁ ଜଙ୍ଗଲରେ ରହୁଥିବା ଦନ୍ତା ହାତୀ ଆସି ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ଗ୍ରାମବାସୀ ସେଠାରେ ପହଞ୍ଚି ପୋଲିସ ଓ ବନ ବିଭାଗକୁ ଖବର ଦେଇଥିଲେ । ଉତ୍ୟକ୍ତ ଗ୍ରାମବାସୀ କ୍ଷତି ପୁରାଣ ବାବଦକୁ ଅର୍ଥ ରାଶି, ଗ୍ରାମର ୩୦ ଟି ଜାଗାରେ ନୂତନ ଲାଇଟ ଓ ୩ ଟି ସ୍ଥାନରେ ସାଇରନ ବ୍ୟବସ୍ଥା ସ୍ଥାପନ କରିବା ସହିତ ପରିବାରର ଜଣଙ୍କୁ ନିଯୁକ୍ତି ନେଇ ଅଡି ବସିଥିଲେ ।

ପରେ ଘଟାଣାସ୍ଥଳକୁ କିଛି ବିଭାଗୀୟ ଅଧିକାରୀ ଆସି ଦାବି ପୁରାଣ କରିବାକୁ ପାଇଁ ପ୍ରତିଶ୍ରୁତି ଦେବା ସହିତ ଶବ ସତ୍କାର ପାଇଁ ୧୦ ହଜାର ଟଙ୍କା, ରେଡକ୍ରସ ପାଣ୍ଠିରୁ ରାଜସ୍ୱ ଅଧିକାରୀ ୨୦ ହଜାର ଓ ବିଧାୟକ ୫ ହଜାର ଟଙ୍କା ପ୍ରଦାନ କରି ଥିବାର ଜଣାପଡ଼ିଛି । ପରେ ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ହସ୍ପିଟାଲରେ ପହଞ୍ଚି ମୃତକ ଶବ ସତ୍କାର ପାଇଁ ସହଯୋଗ ଆକାରରେ ୫ ହଜାର ଟଙ୍କା ପ୍ରଦାନ କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ।

ଆସନ୍ତାକାଲି ରବିବାର ଦିନ ମୃତକଙ୍କ ପରିବାରଙ୍କୁ ପ୍ରଥମେ ବନ ବିଭାଗ ପକ୍ଷରୁ ୧ ଲକ୍ଷ ଓ ପରେ ଆଉ ବାକି ଅର୍ଥ ମିଳିବ ବୋଲି ଶୁଣାଯାଉଛି । ବ ପୂର୍ବରୁ ଏହି ପଞ୍ଚାୟତର ୭ ଜଣ ବ୍ୟକ୍ତି ହାତୀ ଆକ୍ରମଣରେ ମୃତ ବରଣ କରି ସାରିଛନ୍ତି ।

# ଶ୍ରୀହୀନ ବ୍ୟବସାୟିକ ପେଣ୍ଠସ୍ଥଳୀ ବାଳକାଟି ବଜାର

## ଜୀବିକା ଚିନ୍ତାରେ ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ : ଜୋର ଧରିଲା ଥଇଥାନ ଦାବି



ବାଲିଅନ୍ତା ,(ସବ୍ୟୁ): ସମଗ୍ର ଜୟଦେବ ନିର୍ବାଚନମଣ୍ଡଳୀର ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳୀ ହେଉଛି ବାଲିଅନ୍ତା ବ୍ଲକ ଅଧିନ ସରଦେଇପୁର-ନିମାପଡା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱସ୍ଥ ବାଳକାଟି ବଜାର ।ଏଠାରେ ୫ ଶହରୁ ଊର୍ଦ୍ଧ୍ୱର୍ ବ୍ୟବସାୟୀ ବିଭିନ୍ନ ପ୍ରକାର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି । ଏହି ବଜାରରେ ଘରୋଇ ଉପକରଣ ଠାରୁ ଆରମ୍ଭ କରି ସୌଖୀ ନ ସାମଗ୍ରୀ ସହ ବିଭିନ୍ନ ପର୍ବପର୍ବାଣି ନିମନ୍ତେ ପୋଷାକ ପତ୍ର ସୁଲଭ ଦରରେ ମିଳିଥାଏ । ବିଶେଷକରି ଓଡିଶା ପ୍ରସିଦ୍ଧ କଂସାପିତ୍ତଳ ସାମଗ୍ରୀ ମଧ୍ୟ ଏଠାରେ ବିକ୍ରୀ କରାଯାଇଥାଏ ।

ଏହି ବଜାର ଉପରେ ବାଲିଅନ୍ତା, ବାଲିପାଟଣା, ପିପିଲି, ଭୁବନେଶ୍ୱର ବ୍ଲକର ପ୍ରାୟ ୨୦ ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି ୯ ମାତ୍ର ବର୍ତ୍ତମାନ ସରଦେଇପୁର-ନିମାପଡା ରାସ୍ତା ପ୍ରଶସ୍ତିକରଣ କରାଯାଉଛି ୯ ପ୍ରଥମ ପର୍ଯ୍ୟାୟରେ ମା' ଦୁଲ୍ଲାଦେବୀ ମନ୍ଦିର ଠାରୁ ମଞ୍ଜରିଦେୀ କଲେଜ ଏବଂ ବୁଦ୍ଧିପଡ଼ା ଠାରୁ ବାଲିପାଟଣା ବଜାର ପର୍ଯ୍ୟନ୍ତ ପ୍ରଶସ୍ତିକରଣ ହେଉଛି । କାର୍ଯ୍ୟ ଅଗ୍ରଗତି ଚାଲିଥିବା ବେଳେ ଉତ୍ତରାରୁ ମା' ଦୁଲ୍ଲାଦେବୀ ମନ୍ଦିର ପର୍ଯ୍ୟନ୍ତ ପ୍ରଶସ୍ତି କରଣ କରାଯିବ । ଏଥିପାଇଁ ପୂର୍ତ୍ତବିଭାଗ ପକ୍ଷରୁ ଟେଣ୍ଡର କରାଯାଇଛି । ସେହି ଅନୁସାରେ ବାଳକାଟି ବଜାର ରାସ୍ତା ଦୋହରୀକରଣ ହେବ ଏହାକୁ ଲକ୍ଷ ରଖି ପୂର୍ତ୍ତବିଭାଗ ସରକାରୀ ଜାଗାକୁ ଜବର ଦଖଲ ମୁକ୍ତ କରିବାପାଇଁ ତହସିଲ ପ୍ରଶାସନର ସାହାଯ୍ୟ ଲୋଡ଼ିଥିଲେ । ତହସିଲ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ଦୋକାନ ଖାଲି କରିବା ପାଇଁ ବ୍ୟବସାୟୀଙ୍କୁ ନୋଟିସ ଦିଆଯାଇଥିଲା । ଚଳିତ ମାସ ୨୧/୨୨ ତାରିଖରେ ଉଚ୍ଛେଦ କରିବା ପାଇଁ ନୋଟିସ ଦେଇଥିଲେ । ତଦନୁଯାୟୀ ଦୋକାନୀ ମାନେ ନିଜ ନିଜ ଦୋକାନରୁ ସାମଗ୍ରୀ ଖାଲି କରିବା ସହ ଦୋକାନ ଆଗରୁ ଟିଣ ଚଦର କାଢ଼ିଛନ୍ତି । ଏଥିସହ ଦୋକାନ କାନ୍ଥ ଭାଙ୍ଗିଛନ୍ତି ।

ଏଥିରେ କିଛି ବ୍ୟବସାୟୀ ମୂଳ ଦୋକାନ ଆଗରେ ଟିଣ ଚଦର କାଢି ଦେଇଥିବା ବେଳେ କିଛି ବ୍ୟବସାୟୀ ନିଜ ଦୋକାନକୁ ପଛକୁ ନେଇଛନ୍ତି । ମାତ୍ର ଭାର୍ଗବୀ ସେତୁ ଠାରୁ ଆରମ୍ଭ କରି ବାଳକାଟି ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଏବଂ କଲେଜ ରୋଡ଼ରେ ଥିବା ପ୍ରାୟ ୫୦ ରୁ ଉର୍ଦ୍ଧ୍ୱର୍ ବ୍ୟବସାୟୀ ମାନେ ନିଜ ନିଜର ଦୋକାନ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦେଇଛନ୍ତି । ଫଳରେ ବ୍ୟବସାୟୀମାନେ ନିଜର ଜୀବିକା ହରାଇ ବସିଛନ୍ତି ।ଏମାନଙ୍କ ନିକଟରେ ଦୋକାନ ଖୋଲିବା ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ । ଫଳରେ ସେମାନେ ହାତଗୋଡ଼ ବାନ୍ଧି ଘରେ ବସିବା ସହ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି । ଏହି ବ୍ୟବସାୟ କରି ସେମାନଙ୍କ ତେଲଲୁଣ ସଂସାର ଯେନେତେନ ପ୍ରକାରେ ଚଳି ଯାଉଥିଲା ।

ଏଭଳି ସ୍ଥଳେ ତହସିଲ ପ୍ରଶାସନର ଏହି ନିଷ୍ପତି ସେମାନଙ୍କ ମୁଣ୍ଡବିନ୍ଧାର କାରଣ ହୋଇଛି । କିଛି ବ୍ୟବସାୟୀ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କରୁ ଋଣ ଏବଂ ହାତ ଉଧାର ଆଣି ବ୍ୟବସାୟ କରୁଥିବା ବେଳେ ଏଭଳି ଘଟଣା ସେମାନଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ନିକଟରେ ଥିବା ସରକାରୀ ଜମିରେ ଜରୁରୀକାଳୀନ ଭିତ୍ତିରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ପ୍ରଭାବିତ ବ୍ୟବସାୟୀଙ୍କୁ ଥଇଥାନ କରିବା ନିମନ୍ତେ ବରିଷ୍ଠ ନାଗରୀକ, ବୁଦ୍ଧିଜୀବୀ ଓ ବ୍ୟବସାୟୀ ମାନେ ସାଂସଦ, ସ୍ଥାନୀୟ ବିଧାୟକ, ତହସିଲଦାର, ବ୍ଲକ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି ।

# ଜଳିଗଲା ୩ ବଖରା

ଦଶପଲ୍ଲା: (ସବ୍ୟୁ): ଦଶପଲ୍ଲା ବ୍ଲକ ଶାଳି ଆଗୋଛା ଗ୍ରାମରେ ଅଗ୍ନିକାଣ୍ଡ ଘଟି ତିନି ବଖରା ଘର ପୋଡି ଯାଇଛି । ମଧ୍ୟାନ୍ହ ସମୟ ରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଏହି ଅଗ୍ନିକାଣ୍ଡ ରେ ସେହିଗ୍ରାମର ପ୍ରମୋଦ କଂହର ଙ୍କ ୩ବଖରା ଚାଳଘର ପୋଡି ପାଉଁଶ ହୋଇ ଯାଇଛି । ଫଳରେ ଘରେ ଥିବା ସମସ୍ତ ଆସବା ପତ୍ର ସହ ଖାଦ୍ୟସାମଗ୍ରୀ ସମ୍ପୂର୍ଣ ପୋଡି ପାଉଁଶ ହୋଇଯାଇଛି । ବିଦ୍ୟୁତ ସଟ ସର୍କିଟ ପାଇଁ ଏହି ଅଗ୍ନିକାଣ୍ଡ ହୋଇଥିବା ଜଣାପଡିଛି । ଖବରପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ କୁ ଆୟତ୍ତ କରିଥିଲେ । ପ୍ରମୋଦ ପରିବାର କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣ ରେ ଦାବି ହେଉଛି ।

# ଜନଶୁଣାଣି କଲେ ବିଧାୟକ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ବିଧାୟକଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଗୁଡିକ ଉପରେ ଶୁଣାଣି କରିଥିଲେ । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ଟି ପଞ୍ଚାୟତ ଓ ଖଣ୍ଡପଡା ସହରାଞ୍ଚଳରୁ ସର୍ବମୋଟ ୭୨ ଟି ଅଭିଯୋପତ୍ର ଗ୍ରହଣ କରାଯାଇଥିଲା ବେଳେ ତନ୍ମଧ୍ୟରୁ ୧୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ଜଣାପଡିଛି । ବାକି ଅନ୍ୟ ସମସ୍ୟା ଗୁଡିକର ସମାଧାନ ନିମନ୍ତେ ଶିବିରରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣୀ ଶିବିରର ଆୟୋଜନ କରାଯାଇଥିଲା ।ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ,ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ,ଏସଡିପିଓ ମଦନମୋହନ ପ୍ରଧାନ, ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ନେତାଜୀ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ସଭା



ଫୁଲନଖରା,(ସବ୍ୟୁ): ଜନନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ଅବସରରେ ଫୁଲନଖରା ଛକ ସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ମାଲ୍ୟାର୍ପଣ କରାଯିବାସହ ସହ ନେତାଜୀଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଭକ୍ତିଭାବ ଓ ଗମ୍ଭୀର ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଦେଶପ୍ରେମ, ସାହସ, ଶୃଙ୍ଖଳା ଓ ଦୃଢ଼ ସଂକଳ୍ପର ପ୍ରତୀକ ନେତାଜୀଙ୍କ ସ୍ମୃତିକୁ ସ୍ମରଣ କରି ଉପସ୍ଥିତ ଅତିଥି ଓ ନଗରବାସୀମାନେ ତାଙ୍କର ତ୍ୟାଗମୟ ଜୀବନକୁ ଗଭୀର ସମ୍ମାନ ସହ ନମନ କରିଥିଲେ ।ଶାନ୍ତି କମିଟିର କାର୍ଯ୍ୟକାରି ସଭାପତି ତଥା ବରିଷ୍ଠ ରାଜନେତା ସ୍ୱାଧୀନଚେତା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ନିମାଇଁ ଚରଣ ଲେଙ୍କା, ଉପସଭାପତି କୌଶିକ ଜେନା, ପ୍ରମୋଦ ଓଝା, କାର୍ଯ୍ୟକାରି ସଭାପତି ପ୍ରମୋଦ ସ୍ୱାଇଁ, ଯୁଗ୍ମ ସମ୍ପାଦକ ନଳିନୀ ସେନାପତି, କୋଷାଧ୍ୟକ୍ଷ ସୁଶାନ୍ତ ମହାନ୍ତି, ସହ କୋଷାଧ୍ୟକ୍ଷ ବାଦଲ ଜେନା, ପ୍ରତାପ ନଗରୀ ଗ୍ରାମ୍ୟ କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରା, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ରାଜନେତା ପ୍ରତାପ ଚନ୍ଦ୍ର ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ଜୀବନଦର୍ଶନ, ତ୍ୟାଗ ଓ ସଂଗ୍ରାମମୟ ଅବଦାନକୁ ସ୍ମରଣ କରିଥିଲେ ।

ଅନୁଷ୍ଠାନରେ ୫୯ ନମ୍ବର ୱାର୍ଡର କର୍ପୋରେଟର ଶ୍ରୀମତୀ ମମତା ମହାନ୍ତି, ୫୮ ନମ୍ବର ଓ୍ୱାର୍ଡର କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ୫୭ ନମ୍ବର ଓ୍ୱାର୍ଡର କର୍ପୋରେଟର ଶ୍ରୀମତୀ ପୂର୍ଣ୍ଣିମା ସ୍ୱାଇଁ ଓ ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ ହୋଇଥିଲେ । ଉପସ୍ଥିତଅତିଥିମାନେ ନେତାଜୀଙ୍କ ଜୀବନରୁ ନିଷ୍ଠା, ସାହସ ଓ ଜନସେବାର ଶିକ୍ଷା ନେଇ ଅଞ୍ଚଳର ଶାନ୍ତି-ସଦ୍ଭାବ ଓ ଉନ୍ନତି ପାଇଁ ସମସ୍ତଙ୍କୁ ଏକତ୍ରିତ ହେବାକୁ ଆହ୍ୱାନ ଜଣାଇଥିଲେ ।

ଏହି ଅବସରରେ ଅଞ୍ଚଳର ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷ ଡାଃ ସ୍ନେହାଳିନ ଜେନା, ରଣଜିତ ସ୍ୱାଇଁ, ଅରୁଣ ରାଉତଙ୍କ ସମେତ ଯୁବ ସାମ୍ବାଦିକ ଅମିତ କୁମାର ପରିଜା, ଶଶିଭୂଷଣ ଦାଶ, ଅମୂଲ୍ୟ କୁମାର ବାରିକ, ଅଜୟ କୁମାର ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଶୁମାନଙ୍କ ମଧ୍ୟରେ ଦେଶପ୍ରେମ ଓ ସଂସ୍କାର ଜାଗ୍ରତ କରିବା ଲକ୍ଷ୍ୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ଶେଷରେ ସମ୍ପାଦକ ଧନ୍ୟବାଦ ଅର୍ପଣ କରି କରିଥିବା ବେଳେ ଆଡଭୋକେଟ କବି ନାରାୟଣ ଜେନା, ଦିଲ୍ଲୀପ ସାଇଁ, କ୍ଷୀରୋଦ ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ବୟାଳିଶ ମୌଜାରେ ଧାନ ମଣ୍ଡି ଉଦ୍‌ଘାଟିତ

ଫୁଲନଖରା,(ସବ୍ୟୁ): କଟକ ସଦର ବ୍ଲକ ଅନ୍ତର୍ଗତ ବୟାଳିଶମୌଜା ସ୍ଥିତ ଦଧିବାମନପୁର ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷର ଧାନମଣ୍ଡି ଉଦଘାଟିତ ହୋଇଯାଇଅଛି। ରାଜ୍ୟର ବିଶିଷ୍ଟ ସମବାୟବିତ୍ ତଥା ଦଧିବାମନପୁର ସେବା ସମବାୟ ସମିତିର ସଭାପତି ମହେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନ ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଧାନ ମଣ୍ଡିକୁ ଉଦଘାଟନ କରିଥିଲେ।

ଏଥିରେ ଏଗାର ଜଣ ଚାଷୀଙ୍କ ଠାରୁ ଦୁଇ ଶହ ବତିଶି କ୍ୱିଂଟାଲ ସତେଇଶି କେଜି ଧାନ ସଂଗୃହୀତ ହୋଇଥିଲା। ଉକ୍ତ ଉଦଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ଆମ୍ବାର ସଭାପତି ରମାନନ୍ଦ ବିଶ୍ୱାଳ,କଟକ କେନ୍ଦ୍ର ସମବାୟ ବ୍ୟାଙ୍କ,ସଦର ଶାଖାର ପରିଚାଳକ ରଂଜିତ କୁମାର ମହାପାତ୍ର,ଶିକ୍ଷାବିତ ତଥା ବିଶିଷ୍ଟ ଶିଳ୍ପପତି ସତ୍ୟଦିପ ସାହୁ,ବ୍ରହ୍ମପୁର ସରପଂଚ ରବିନାରାୟଣ ପ୍ରଧାନ,ଦଧିବାମନ ପୁର ସରପଞ୍ଚପ୍ରତିନିଧି ପଦ୍ମଲାଭ ଗୋଚ୍ଛାୟତ, ପୂର୍ବତନ ସରପଞ୍ଚ ପ୍ରତାପ ଚନ୍ଦ୍ର ରାଉତ,କ୍ଷେତ୍ର ଅଧିକାରୀ ସୂରଜ କୁମାର ସ୍ୱାଇଁ,ଆର୍.ଆଇ ରଂଜିତ କୁମାର ବେହେରା,ସମିତିର ସମ୍ପାଦିକା ରାଜଶ୍ରୀ ପ୍ରିୟଦର୍ଶିନୀ,ବରିଷ୍ଠ ନିର୍ଦ୍ଦେଶକ କେଦାର କୃଷ୍ଣ ବେହେରା,ବାଉରୀ ବନ୍ଧୁ ସ୍ୱାଇଁ, ରିଶି କାଣ୍ଡି,ଗୌରାଙ୍ଗ ବେହେରା,ବସୁଦେବ ସ୍ୱାଇଁ,ରମେଶ ଚନ୍ଦ୍ର ଭୋଇ,ଗ୍ରାମ କୃଷି ସେବକ ଜୟନ୍ତୀ ଦାସ,ପୂର୍ବତନ ସମ୍ପାଦକ ସୁନୀଲ କୁମାର ଦେବତା ପ୍ରମୁଖ ଉପସ୍ଥିତ ରହି ଚାଷୀ ମାନଙ୍କୁ ଉତ୍ସାହିତ କରିଥିଲେ। ସମିତିର ଡିଇଓ ଲଳିତ କୁମାର ସେନାପତି ଓ କର୍ମଚାରୀ ଜଗନ୍ନାଥ ଦେବତା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ତିନି ଧାନ ମଣ୍ଡି ଉଦ୍‌ଘାଟନ କଲେ ବାଚସ୍ପତି



ରଣପୁର, (ସବ୍ୟୁ): ରଣପୁର ବ୍ଲକ ଅଧିନସ୍ଥ ଚମ୍ପାଗଡ, କୃଷ୍ଣଚନ୍ଦ୍ରପୁର ଓ ଝାଡପଡ଼ା ଠାରେ ତିନଟି ନୂଆ ଧାନମଣ୍ଡି ବା ଧାନ କ୍ରୟ କେନ୍ଦ୍ର ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଶନିବାର ଉଦଘାଟନ କରାଯାଇଛି ।

ଏହା ଦ୍ୱାରା ସେହି ଠାର ଚାଷୀ ମାନେ ବିଶେଷ ଉପକୃତ ହୋଇପାରିବେ. । ଚାନ୍ଦପୁର ସେବା ସମବାୟ ସମିତିର ଚମ୍ପାଗଡ ପିପିସି ସବସେଣ୍ଟର ରେ-୪୦୦୦ କୁଇଣ୍ଟାଲ, ମୟୂରଝାଲିଆ ସେବା ସମବାୟ ସମିତି ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପିପିସି ସବସେଣ୍ଟର ରେ -୨୦୦୦ କୁଇଣ୍ଟାଲ, ସେହିଭଳି ଝାଡପଡ଼ା ପିପିସି ସବସେଣ୍ଟର ରେ- ୪୦୦୦ କୁଇଣ୍ଟାଲ ଧାନ କ୍ରୟ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି । ଏହା ଫଳରେ ତିନୋଟି ଧାନ କ୍ରୟ କେନ୍ଦ୍ର ଦାରା ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇମାନେ ଉପକୃତ ହୋଇପାରିବେ । ଏହି କାର୍ଯକ୍ରମକୁ ନୀଳକଣ୍ଠ ଦାସ, ରବିନ୍ଦ୍ର ସାମନ୍ତ, ପ୍ରଦୀପ ସେନାପତି, ଗଣେଶ୍ୱର ମାନ୍ଧାତା, ପ୍ରସନ୍ନ କୁମାର ବେହେରା, ରଘୁନାଥ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଓଡ଼ିଆ ବିଭାଗର ପାଠଚକ୍ର

ସାକ୍ଷୀଗୋପାଳ,(ସବ୍ୟୁ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳର ସଭାଗୃହରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆନୁକୂଲ୍ୟରେ ବିଭାଗୀୟ ବାର୍ଷିକ ପାଠଚକ୍ର ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ଭାଷା ଓ ବ୍ୟାକରଣ ପାଠର ଉପଯୋଗିତା' ବିଷୟରେ ସାରଗର୍ଭକ ଆଲୋଚନା କରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗମୁଖ୍ୟ ଡକ୍ଟର ଶଙ୍କର୍ଷଣ ପ୍ରଧାନ ବରେଣ୍ୟ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ପାଠଚକ୍ରର ଉଦ୍ଦେଶ୍ୟ କଥନ କରିଥିଲେ । ଅଧ୍ୟାପିକା ପ୍ରତିମା ସାହୁ ମଞ୍ଚ ପରିଚାଳନା କରିଥିଲେ । ଅମ୍ବିକା ସେଠୀ, ନିରଞ୍ଜନ ମହାରଣା, ଅମରେଶ ପଣ୍ଡା ,ଓ ଚିନ୍ମୟ ପାତ୍ର ପ୍ରମୁଖ ବିଭାଗୀୟ ଛାତ୍ରଛତ୍ରୀମାନେ ଭିତ୍ତିପ୍ରବନ୍ଧ ଚମତ୍କାର ଭାବରେ ପାଠ କରିଥିଲେ । ପ୍ରୀତି,ପୁଷ୍ପା,ଶୁଭସ୍ମିତା ପ୍ରମୁଖ୩ ଦିତୀୟ ବର୍ଷର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହିତ ପ୍ରଶ୍ନୋତ୍ତର କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଅଧ୍ୟାପିକା ସବିତା ମଲ୍ଲିକ ପାଠଚକ୍ରର ସଫଳତା ପାଇଁ ସମସ୍ତ ଅଧ୍ୟାପକ ,ଅଧ୍ୟାପିକା,କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଧାରଣତନ୍ତ୍ର ଦିବସରେ ଦଳିତ ଆଦିବାସୀ ସମାବେଶ

ଆଠଗଡ ,(ସବ୍ୟୁ): ଆଠଗଡ ଦଳିତ, ଆଦିବାସୀ ଓ ବହୁଜନ ମଞ୍ଚ ଆନୁକୂଲ୍ୟରେ ଆସନ୍ତା ୭୭ତମ ସାଧାରଣତନ୍ତ୍ର ଦିସରେ ଆଠଗଡ ମହିଳା ମହାବିଦ୍ୟାଳୟ ନିକଟସ୍ଥ ଆଠଗଡ ଏନଏସି ର ପୂଜ୍ୟପୂଜା ପୀଠରେ ସମ୍ବିଧାନ ରଚୟିତା ବାବା ସାସାହେ ଭୀମ ରାଓ ଆମ୍ବେଦକରଙ୍କ ପୂର୍ଣ୍ଣୟାବ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ସହ ନିକଟସ୍ଥ ବିଶ୍ୱନାଥବିଦ୍ୟାପୀଠ ମିନି ଷ୍ଟାଡିୟମ ଠାରେ ଏକ ବିଶାଳ ଦଳିତ ସମାବେଶ ଅନୁଷ୍ଠିତ ହେବ ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ଆଦିତ୍ୟ ପ୍ରତାପ ସାଇଁ , ମୁଖ୍ୟ ବକ୍ତା ଭାବରେ ପ୍ରଧାପିକା ସୁଶ୍ରୀ ସୁଜାତା ସାହାଣୀ , ବରିଷ୍ଠ ଆଇନଜୀବି ସତ୍ୟେନ ପଣ୍ଡା ଓ ପ୍ରଶାନ୍ତ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଶନିବାର ପୂର୍ବାହ୍ନରେ ଆଠଗଡ ଦଳିତ, ଆଦିବାସୀ ଓ ବହୁଜନ ମଞ୍ଚ ପକ୍ଷରୁ ଏକ ସମ୍ମିଳନୀ ରେ ଏହି ସୂଚନା ଦିଆଯାଇଛି । ମଞ୍ଚର ସଭାପତି ତଥା ଆଠଗଡ ଏନଏସି ର ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ଘଡ଼େଇ, ଉପ-ସଭାପତି ତଥା ସମିତି ସଭ୍ୟ ମାନସ ମଲ୍ଲିକ, ସମ୍ପାଦକ ଦୁଷ୍ମନ୍ତ ନାଏକ, କାଉନସିଲର ପ୍ରଶାନ୍ତ ବେହେରା, ରାଜେଶ ନାଏକ ପ୍ରମୁଖ ଉପସ୍ଥିତ ରହି ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମିଷୟରେ ସୂଚନା ଦେଇଥିଲେ । ବାବା ସାହେବଙ୍କ । ମହାର୍ନିଣ ଦିବସରେ ଆଠଗଡ ରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସଂକଳ୍ପ ନିଆଯାଇଥିଲା । ଏହି ସଂକଳ୍ପ କୁ ଚରିତାର୍ଥ କରିବା ପାଇଁ ଦଳିତ, ଆଦିବାସୀ ଓ ବହୁଜନ ମଞ୍ଚର ବଦାନ୍ୟ ବ୍ୟକ୍ତିମାନଙ୍କ ର ନିଜ ସାଧ ମତେ ଆର୍ଥିକ ସହାୟତାରେ ପ୍ରତିମୂର୍ତ୍ତି ନିର୍ମାଣ ପରେ ଏହାର ସ୍ଥାପନ ପାଇଁ ଆଠଗଡ ଏନଏସି ସହାୟତାରେ ସ୍ଥାନ ନିରୂପଣ କରାଯାଇ ଅନୁମତି ପ୍ରଦାନ କରାଯାଇଛି । ଏଥିପାଇଁ ଏକ ସଚେତନତା ରଥ ଆଠଗଡ ଏନଏସି,ଆଠଗଡ ତିଗିରିଆ, ଟାଙ୍ଗୀ-ଚୌଦାର ବ୍ଲକର ବିଭିନ୍ନ ଦଳିତ, ଆଦିବାସୀ,ବହୁଜନ, ସଂଖ୍ୟାଲଘୁ ପଲ୍ଲୀ ରେ ପରିକ୍ରମା କରି ପବିତ୍ର ମାଟି ସଂଗ୍ରହ ପରେ ପବିତ୍ର ଶ୍ରୀପଞ୍ଚମୀ ଅବସରରେ ଏକ ଶୋଭାଯାତ୍ରାରେ ଆଣି ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳରେ ସମର୍ପଣ କରାଯାଇଥିଲା ।

# ଜାତୀୟ ଭୋଟର ଦିବସ: ଶପଥ ନେଲେ ଭୋଟର

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ୨୮ଟି ପଞ୍ଚାୟତର ବିଭିନ୍ନ ବୁଥରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି ଛସମସ୍ତେ ଭୋଟର ଭାଇ ଓ ଭଉଣୀ ମାନଙ୍କୁ ସଚେତନ କରାଯାଇ ଶପଥ କରାଯାଇଥିଲା ଛବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ବୁଥ ଲେବଲ୍ ଅଫିସର (ବିଏଲଓ) ଉପସ୍ଥିତ ରହି ସୂଚନା ଦେଇଥିଲେ ଜାନୁଆରୀ ୨୫ ତାରିଖକୁ ଜାତୀୟ ମତଦାତା ଦିବସ ଭାବେ ପାଳନ କରାଯାଏ ।

ଚଳିତ ମାସ ୨୫ ତାରିଖ ରବିବାର ଥିବାରୁ ସେଥିପାଇଁ ଆଜି ବୁଥ ସ୍ତରରେ ଭୋଟର ଓ ଛାତ୍ର ଛାତ୍ରୀମାନଙ୍କୁ ସଚେତନ ଓ ଶପଥ କରାଯାଇଛି ଛ୨୦୧୧ ମସିହା ଜାନୁଆରୀ ୨୫ତାରିଖକୁ ଜାତୀୟ ମଦଦାତା ଦିବସ ଭାବେ ପାଳନ କରାଯିବା ସହ ପ୍ରତ୍ୟେକ ବର୍ଷ ଏହି ଦିନଟିକୁ ଭୋଟରମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ଦିବସ ପାଳନର ଉଦ୍ଦେଶ୍ୟ ଗଣତାନ୍ତ୍ରୀକ ନିର୍ବାଚନ ପ୍ରକ୍ରିୟାରେ ସାଧାରଣ ନାଗରିକ ବିଶେଷ କରି ଯୁବବର୍ଗର ଭୋଟରଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିବା । ଅବାଦ୍ଧ,ନିରପେକ୍ଷ , ଚାପମୁକ୍ତ,ଶାନ୍ତିଶୃଙ୍ଖଳା ମତଦାନ ସାବ୍ୟସ୍ତ କରିବା ।

# କଳାକାଚ ସହ ବିଜେପି ପତକା ଲଗାଇ ଚକ୍କର କାଟୁଛି ଏକାଧିକ କାର

ନିମାପଡା,(ସବ୍ୟୁ): କାଚରେ କଳା ଷ୍ଟିକର ଲଗାଇବା ସାଙ୍ଗକୁ ଗାଡିର ବନେଟ ସାମ୍ନାରେ ବିଜେପି ପତକା ଲଗାଇ ନିମାପଡା ବଜାରରେ ଦୈନିକ ଚକ୍କର କାଟୁଛି ଏକାଧିକ ସୌଖିନ କାର । ନିମାପଡାର ଛକ ବଜାରରେ ନିୟୋଜିତ ଥିବା ପୁଲିସ କର୍ମଚାରୀ ଓ ଅଧିକାରୀଙ୍କ ଆଖିରେ ପଡୁନି ନା ଶାସକ ଦଳର ଦଳୀୟପତକା ଦେଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି ତାହାକୁ ନେଇ ପ୍ରଶ୍ନ ଉଠୁଛି। କାର କାଚରେ କଳା ଷ୍ଟିକର ଲଗାଇବା ଉପରେ ସରକାର କଟକଣା ଲଗାଇଥିବା ବେଳେ ଏଠାରେ ଏହାର ଧଜ୍ଜିଆ ଉଡାଇଛନ୍ତି ସଂପୃକ୍ତ କାର ମାଲିକ। ଉକ୍ତ କାରର ଇନ୍ସୁରାନ୍ସ, ପିୟୁସି ଆଦି କାଗଜପତ୍ର ଠିକ୍ ନଥିବା ଜଣାପଡିଛି। ନିମାପଡାରେ ଚୋରା ବ୍ରାଉନସୁଗାର, ଅନ୍ୟାନ୍ୟ ମାଦକଦ୍ରବ୍ୟ କାରବାର ବୃଦ୍ଧି ପାଇଛି। ଅବକାରୀ ବିଭାଗ ଓ ପୁଲିସ ବାରମ୍ବାର ଚଢାଉ କରି ଆସାମୀ ମାନଙ୍କୁ ଧରିବା ସହିତ ନିଶା ସାମଗ୍ରୀ ଜବତ କରୁଛି। ତେବେ କାରରେ କଳା ଷ୍ଟିକର ଓ ବିଜେପିର ଦଳୀୟ ପତକା ମାରି ବୁଲୁଥିବା ଗାଡି ଅପରାଧୀଙ୍କର ନୁହେଁ ତ, ଚୋରା ନିଶାକାରବାର କିମ୍ବା କୌଣସି ଅନୈତିକ କାର୍ଯ୍ୟ ପାଇଁ ପୁଲିସ ଆଖିରରେ ଧୂଳି ଦେଇ ଖସିବା ପାଇଁ ବିଜେପି ପତକା ମାରି ଉକ୍ତ କାରକୁ ବ୍ୟବହାର କରାଯାଉ ନାହିଁ ତ? ଏହାର ତଦନ୍ତର ଆବଶ୍ୟକତା ରହିଛି। ନିମାପଡା ଥାନା ଆଇଆଇସି ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଓଲସିଂହ ଗ୍ରାମର ଧର୍ମପରାୟଣା ମହିଳା ଭାନୁ ଦେଈ (୮୬)ଙ୍କ ବିୟୋଗ ଘଟିଛି । ସେ ଜଣେ ସରଳ, ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଥିଲେ । ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଜ୍ୟେଷ୍ଠପୁତ୍ର ନବ କିଶୋର ବରୀସଲ ମୁଖାଗ୍ନି ଦେଇଥିଲେ । ଅନ୍ତିମ ସମୟରେ ଅନ୍ୟ ତିନି ପୁତ୍ର ସମେତ ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀଙ୍କ ସମେତ ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ ।


# ପ୍ରାଣୀ ଉତ୍ପାଦନ କ୍ଷେତ୍ରରେ ସଫଳତା: ଏଡିଭିଓ ସମ୍ବର୍ଦ୍ଧିତ

ଖଣ୍ଡପଡ଼ା, (ସବ୍ୟୁ): ନୟାଗଡ ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ.ରମେଶ ଚନ୍ଦ୍ର ବେହେରା ପ୍ରାଣୀ ଉତ୍ପାଦନ ଓ ପାଳନ କ୍ଷେତ୍ରରେ ସଫଳତା ପାଇଁ ରାଜ୍ୟସ୍ତରୀୟ ଉତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ଜଣାଯାଇଛି । ଭୁବନେଶରର ଜନତା ମୈଦାନରେ ସଂପୃକ୍ତ ବିଭାଗ ପକ୍ଷରୁ ଆୟୋଜିତ ମତ୍ସ୍ୟ -ପ୍ରାଣୀ ସମାବେଶରେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଉତ୍ତର ଭୁବନେଶରର ବିଧାୟକ ସୁଶାନ୍ତ କୁମାର ରାଉତ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ବିଭାଗୀୟ କମିଶନର ସୁରେଶ କୁମାର ବଶିଷ୍ଠଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ବିଭାଗର ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲାମ ସାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରାଣୀଧନ ନିର୍ଦ୍ଦେଶକ ବିଜୟ କୁମାର କୁଲାଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ । ଓମଫେଡ ର ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ ପ୍ରାଣୀ ଉତ୍ପାଦନ ଓ ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ । ନୟାଗଡ଼ ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ (ପ୍ରାଣୀ ଉତ୍ପାଦନ) ଡ.ରମେଶ ଚନ୍ଦ୍ର ବେହେରା ପ୍ରାଣୀ ଉତ୍ପାଦନ ଓ ପାଳନ କ୍ଷେତ୍ରରେ ବିଶେଷ ସଫଳତା ପାଇଥିବା ଯୋଗୁଁ ତାଙ୍କୁ ଏହି ଅବସରରେ ମାନପତ୍ର, ଉପଢୌକନ ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କର ଚାକିରୀକାଳ ମଧ୍ୟରେ ପ୍ରାଣୀ ଚିକିତ୍ସାଳୟ ପ୍ରଶାସନିକ ପରିଚାଳନା ଓ ଚିକିତ୍ସା ସେବା ପାଇଁ ଜନାଦୃତ ହୋଇ ବହୁବାର ପ୍ରଶଂସିତ ହୋଇଥି ବେଳେ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିବା ଦେଖାଯାଇଛି । ଏଠାରେ ତାଙ୍କର ଅବସ୍ଥାନ କାଳରେ ଜିଲ୍ଲାର ସାଧାରଣ ପ୍ରାଣୀ ଚାଷୀମାନେ ବିଶେଷ ଉପକୃତ ହୋଇପାରିଥି ସମୟରେ ତାଙ୍କର ଏହି ସଫଳତା ପାଇଁ ପ୍ରଶଂସାର ସୁଅ ଛୁଟିବା ସହ ଏଠାରେ ଦୀର୍ଘତମ ଅବସ୍ଥାନ ନିମନ୍ତେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଉଥିବା ଜଣାଯାଇଛି ।



## ପ୍ରାପ୍ତ ପତ୍ରିକା

*ପତ୍ରିକାର ନାମ–ଆଦ୍ୟାଶ୍ରୀ*
*(ଶାରଦୀୟ ବିଶେଷାଙ୍କ, ଅକ୍ଟୋବର ୨୦୨୫)*
*(ଦିଲ୍ଲୀ ଉତ୍କଳ ଅସ୍ମିତା ପକ୍ଷରୁ ପ୍ରକାଶିତ ସାହିତ୍ୟ ପତ୍ରିକା)*
*ମୁଖ୍ୟ ସମ୍ପାଦିକା– ଡ. ଅନୀତା ପଣ୍ଡା*
*ସମ୍ପାଦନା ମଣ୍ଡଳୀ– ଡ. ବାସନ୍ତୀ ମହାନ୍ତି*
*ଡ. ନିବେଦିତା ଗିରି*
*ସୁଚେତା ରାଉତ*
*ପୃଷ୍ଠପୋଷିକା– ବାସନ୍ତୀ ଦାଶ*
*ମୁଦ୍ରଣ– ଆଦିତ୍ୟ ପ୍ରିଣ୍ଟର୍ସ ଆଣ୍ଡ ପବ୍ଲିଶର୍ସ ପ୍ରା.ଲି.*
*ପ୍ଲଟ ନଂ– ୮, କୋଲଥିଆ, ଖାରବେଳ ପାର୍କ ନିକଟ*
*ଖଣ୍ଡଗିରି, ଭୁବନେଶ୍ୱର, ଓଡ଼ିଶା*
*ପତ୍ରିକାର ମୂଲ୍ୟ– ୧୦୧ ଟଙ୍କା*



'ଦିଲ୍ଲୀ ଉତ୍କଳ ଅସ୍ମିତା' ପକ୍ଷରୁ ପ୍ରକାଶିତ ସାହିତ୍ୟ ପତ୍ରିକା 'ଆଦ୍ୟାଶ୍ରୀ'ର ଶାରଦୀୟ ବିଶେଷାଙ୍କ ୨୦୨୫ ବିଳମ୍ବରେ ଆମର ହସ୍ତଗତ ହୋଇଛି । ତୃତୀୟ ବର୍ଷର ଏହି ସଂଖ୍ୟାଟି ବରେଣ୍ୟ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କୁ ଉତ୍ସର୍ଗ କରିଛନ୍ତି ପତ୍ରିକାର ମୁଖ୍ୟ ସମ୍ପାଦିକା । ପତ୍ରିକାର ପ୍ରଥମ ପୃଷ୍ଠାରେ ସ୍ୱର୍ଗୀୟ କବି ରମାକାନ୍ତ ରଥଙ୍କୁ ଶ୍ରଦ୍ଧାଞ୍ଜଳି ସହ ମୁଖ୍ୟ ସମ୍ପାଦିକାଙ୍କ କଲମରୁ ନିଃସୃତ ସମ୍ପାଦକୀୟରେ ମଧ୍ୟ କବିଙ୍କ ଜୀବନୀ ଏବଂ ସାହିତ୍ୟ ସର୍ଜନା ଉପରେ ଆଲୋକପାତ କରାଯାଇଛି । ଓଡ଼ିଶାର କେତେକ ବିଶିଷ୍ଟ ଲେଖକ ଲେଖିକାଙ୍କ ଲେଖା ପତ୍ରିକାରେ ସ୍ଥାନିତ ହୋଇଛି । ପତ୍ରିକାରେ ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସହ ଡ. ପ୍ରଭାତୀ ମିଶ୍ରଙ୍କ ସାକ୍ଷାତ୍କାର ସହ ପୁସ୍ତକ ସମୀକ୍ଷା ଆଦି ଉପାଦେୟ । ଏହି ପତ୍ରିକାରେ କୁନ୍ତଳା କୁମାରୀ ସାବତଙ୍କ କବିତା ସମେତ ଅଟଳ ବିହାରୀ ବାଜପେୟୀ, ରମାକାନ୍ତ ରଥ, ସାତକଡି ହୋତାଙ୍କ କବିତା ତଥା ମନୋଜ ଦାସଙ୍କ ଗଳ୍ପ ଭଲ ଲାଗିଛି । ସୁଭାଷ ବୋଷଙ୍କ ଉପରେ ଏକ ପ୍ରବନ୍ଧ ମଧ୍ୟ ଏଥିରେ ସ୍ଥାନିତ ହୋଇଛି । ବିଶିଷ୍ଟ କବିମାନଙ୍କ ମଧ୍ୟରେ ଜଗନ୍ନାଥ ପ୍ରସାଦ ଦାସ, ହରପ୍ରସାଦ ଦାସ, ମନୋରମା ବିଶ୍ୱାଳ ମହାପାତ୍ର, ଅମରେନ୍ଦ୍ର ଖଟୁଆ, ଆଶୁତୋଷ ପରିଡା, ରକ୍ଷକ ନାୟକଙ୍କ କବିତା ବେଶ ମନଛୁଆଁ । ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ଡଃ ଭଗବାନ ପ୍ରକାଶ, ଗୁରୁକଲ୍ୟାଣ ମହାପାତ୍ର, ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଡଃ ବାସନ୍ତୀ ମହାନ୍ତି, ଡଃ ସୂର୍ଯ୍ୟମଣି ଖୁଣ୍ଟିଆ, ବରଦାପ୍ରସନ୍ନ ଦାସଙ୍କ ପ୍ରବନ୍ଧ ମଧ୍ୟ ଉଚ୍ଚକୋଟିର । ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲଙ୍କ ପ୍ରବନ୍ଧ ଓ ମାନସ ରଞ୍ଜନ ମହାପାତ୍ରଙ୍କ ଅନୁଭୂତିମୂଳକ ଲେଖା ମଧ୍ୟ ପତ୍ରିକାର ମର୍ଯ୍ୟାଦା ବଢ଼ାଇଛି । ୯୬ ପୃଷ୍ଠା ସମ୍ବଳିତ ଏହି ପତ୍ରିକାରେ ସାହିତ୍ୟର ବିଭିନ୍ନ ବିଭାଗ ସହ ପର୍ବପର୍ବାଣୀ, ସ୍ୱାସ୍ଥ୍ୟ ଆଦି ସ୍ଥାନିତ ହେବା ସହ ପ୍ରଚ୍ଛଦ ପରିକଳ୍ପନା ବେଶ୍ ମନୋରମ ହୋଇପାରିଛି । ବାସ୍ତବିକ ରାଜ୍ୟ ବାହାରୁ ସମ୍ପାଦିତ ହେଉଥିବା ଓଡ଼ିଆ ପତ୍ରିକା ପାଠକଙ୍କଦ୍ୱାରା ଆଦୃତ ହୋଇପାରିବ ବୋଲି ଆମର ଆଶା ।

(ଅଳକା)

*ପତ୍ରିକାର ନାମ–ମାନବିକତାର କଥା*
*ସମ୍ବାଦଭିତ୍ତିକ ମାସିକ (ଦ୍ୱିଭାଷୀ) ପତ୍ରିକା*
*ଜାନୁଆରୀ (ପୌଷ–ମାଘ) ୨୦୨୬*
*ସମ୍ପାଦକ– ନଟବର ମହାନ୍ତି*
*ପ୍ରକାଶକ–ମାନବାଧିକାର ମଞ୍ଚ*
*ପତ୍ରିକାର ମୂଲ୍ୟ– ୧୦ ଟଙ୍କା*



ନଟବର ମହାନ୍ତିଙ୍କ ସମ୍ପାଦନାରେ ପ୍ରକାଶିତ ଏହି ପତ୍ରିକାଟି ସମ୍ବାଦ ଓ ନିବନ୍ଧରେ ସମୃଦ୍ଧ । ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟିର । କେତେକ କବିତା ମଧ୍ୟ ଏଥିରେ ସ୍ଥାନିତ । ପତ୍ରିକାଟି ପାଠକ ମହଲରେ ଆଦୃତ ହେବ ବୋଲି ଆଶା ।

## କବିତା

### ହୃଦୟ



**ମାନସ ଦାସ**

କେଉଁଠୁ ଆଣିବି କୁହ
ଅସୂର୍ଯ୍ୟପଂସା ପାରିଜାତ,
କାକରଭିଜା ଉଷ୍ଣୁମ ମୁହୂର୍ତ୍ତ ଭିତରୁ...
ସମୟର କୋକେଇକରେ
ଯାଉଛି ସ୍ୱପ୍ନର ଶବ
ଅସହାୟ ଇଚ୍ଛାମାନେ ବଜାଉଛନ୍ତି ତେଲିଂଗି ବାଜା..
କେଉଁଠୁ ପାଇବି ସୁର
ଗାଇବାକୁ ପ୍ରେମର ମେଘ ମହ୍ଲାର,
ପୃଥିବୀର ଉନ୍ମତ୍ତ ଜଠରୁ...
ଶ୍ରୀମନ୍ଦିରେ ଏକାକୀ ଜାଗ୍ରତ ମହାପ୍ରଭୁ
ଭକ୍ତ ବିନା ଲାଗେନା ଭଲ ଛପନ ପଉଟି...
ବଡଭାଇ ଭଗ୍ନୀ ଲୀନ ଗଭୀର ନିଦ୍ରାରେ...
କେଉଁ ବନେ ପ୍ରସ୍ଫୁଟିତ ହେବ
ଅନୁଭବର ଗଂଗଶିଉଳି ଯେଉଁଠି ଧଇଁ ସଁଇ ହୋଇ
ଅଚଳ ହୋଇଯାଉଛି ମଣିଷ ହୃଦୟ...
ରାତ୍ରିର ଅନ୍ତିମ ପ୍ରହରେ ଶୁଭୁଛି କ୍ଳାନ୍ତ ହିମାଳୟର ବିଗୁଲ୍
ପରିଚ୍ଛନ୍ନ ତଟିନୀରେ ଭାସି ଯାଏ ଅହଂକାରର କାଗଜ ଡଙ୍ଗା
ପରିତ୍ୟକ୍ତ ପାନ୍ଥଶାଳାରୁ ଶୁଭେ ସଂକୋଚିତ ଅଂଧାରର କ୍ରନ୍ଦନ...

**କୁନ୍ଦ କୁଟୀର, ଚୌଧୁରୀ ବଜାର,କଟକ**
**ମୋ–୯୪୩୭୦୩୦୩୨୮**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।*
*(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

## କଳା ଓ ସାହିତ୍ୟର ପୂଜାରୀ:
# କବିପୌତ୍ର ବିନୋଦ ଚନ୍ଦ୍ର ମେହେର

**ଡକ୍ଟର ସୁଶୀଲ କୁମାର ବାଗ୍**

କବି ବା ଶିଳ୍ପୀ ପରିବାରରେ ଜନ୍ମଗ୍ରହଣ କରି କବି ବା ଶିଳ୍ପୀ ହେବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ତା'ଠାରୁ ଅଧିକ ମହତ୍ୱପୂର୍ଣ୍ଣ ସେଇ ସୃଜନଶୀଳ ପରମ୍ପରାର ଯୋଗ୍ୟ ଉତ୍ତର ଦାୟାଦ ଭାବେ ଜୀବନ ବଞ୍ଚିବା । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ତୃତୀୟ ପୌତ୍ର ବିନୋଦ ଚନ୍ଦ୍ର ମେହେର ଥିଲେ ସେଇ ସାରସ୍ୱତ ଧାରାର ଜଣେ ମହାନ୍ ଦାୟାଦ । ସେ ଗଙ୍ଗାଧରଙ୍କ ପରି କବିତା ରଚନା କରିନଥିଲେ ସତ, କିନ୍ତୁ ନାଟ୍ୟକଳା, ସଂଗୀତକଳା ଓ ଚିତ୍ରକଳାରେ ତାଙ୍କ ପ୍ରତିଭାର ଦ୍ୟୁତି ବିଚ୍ଛୁରିତ ହୋଇ ପଡ଼ିଥିଲା । ପୁଣି ତାଙ୍କ ଜୀବନ ଥିଲା କବିତା ପରି ସ୍ୱଚ୍ଛ ଓ ନିର୍ମଳ । ସଦା ଛଳଛଳ ଥିଲା ତାଙ୍କ ବ୍ୟକ୍ତିତ୍ୱ ।

୧୯୨୬ ମସିହା ଜାନୁଆରୀ ୨୨ ତାରିଖ ଦିନ ବିନୋଦ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ପବିତ୍ର ବରପାଲି ମାଟିରେ । କବିପୁତ୍ର ଭଗବାନ ମେହେର ଓ ପାର୍ବତୀ ଦେବୀଙ୍କ ସେ ତୃତୀୟ ପୁତ୍ର । ବଡ଼ ଭାଇ ପୂର୍ଣ୍ଣଚନ୍ଦ୍ର, ନବୀନ ଚନ୍ଦ୍ର, ସାନ ଭାଇ କିଶୋର ଚନ୍ଦ୍ର, ବଡ଼ ଭଉଣୀ ବସନ୍ତଲା ଓ ସାନ ଭଉଣୀ ପଦ୍ମାଳୟାଙ୍କ ସହ କଟିଥିଲା ତାଙ୍କର ମଧୁମୟ ଶୈଶବ । ପରିବାରର ସବୁ ଅଭାବ ଅସୁବିଧା ସତ୍ତ୍ୱେ ବିନୋଦ ଚନ୍ଦ୍ର ୧୯୪୪ ମସିହାରେ ବରଗଡ଼ ଜର୍ଜ ହାଇସ୍କୁଲରୁ ମାଟ୍ରିକୁଲେସନ୍ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ବଲାଙ୍ଗୀରର ରାଜେନ୍ଦ୍ର ନାରାୟଣ କଲେଜରୁ ଆଇ.ଏ. ଓ ସମ୍ବଲପୁର ଗଙ୍ଗାଧର ମେହେର କଲେଜରୁ ବି.ଏ. ଦର୍ଶନଶାସ୍ତ୍ର ଅନର୍ସରେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୫୦ରୁ ୧୯୫୫ ମସିହା ପର୍ଯ୍ୟନ୍ତ ବରପାଲି ହାଇସ୍କୁଲରେ ଶିକ୍ଷକତା କରିବା ସମୟରେ ଜଣେ ଆଦର୍ଶ ଶିକ୍ଷକଭାବେ ଶହ ଶହ ଛାତ୍ରଙ୍କ ଶ୍ରଦ୍ଧା ଓ ସମ୍ମାନ ଲାଭ କରିଥିଲେ । ସେ ଥିଲେ ଜଣେ ନିଷ୍ଠାବାନ, ଛାତ୍ର ବତ୍ସଳ ଶିକ୍ଷକ । ପରେ ୧୯୫୫ ମସିହାରେ ଭୁବନେଶ୍ୱରରେ ସଚିବାଳୟର ଅର୍ଥ ବିଭାଗରେ ଚାକିରି କଲେ । ୧୯୮୫ ମସିହାରେ ଅବସର ଗ୍ରହଣ କରିଥିଲେ । ସେ ଚାକିରି ଜୀବନରୁ ଅବସରଗ୍ରହଣ କଲେ ସତ, କିନ୍ତୁ ବରପାଲିର ସାମାଜିକ, ସାଂସ୍କୃତିକ ଓ ସାହିତ୍ୟ ଜଗତ ସହ ସେ ନିଜକୁ ଶେଷ ପର୍ଯ୍ୟନ୍ତ ସଂଶ୍ଲିଷ୍ଟ କରି ରଖିଥିଲେ ।

୧୯୪୯ ମସିହା ଫେବୃଆରୀ ୨୨ ତାରିଖ ଦିନ ତାଙ୍କର ବିବାହ ହୋଇଥିଲା ଲତାଦେବୀଙ୍କ ସହ । କବି ପରିବାରର ବୋହୂ ଭାବରେ ଲତାଦେବୀ ଗୌରବ ଅନୁଭବ କରୁଥିଲେ । ସ୍ୱାମୀ ବିନୋଦ ଚନ୍ଦ୍ରଙ୍କୁ ସବୁ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ କରୁଥିଲେ । ପୁତ୍ରକନ୍ୟା ମିହିର କୁମାର, ମନସ୍ୱିନୀ, ମଞ୍ଜୁ, ମହେଶ କୁମାର, ମିନତି ଓ ମହାଶ୍ୱେତା ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ । ନିଜ ସନ୍ତାନସନ୍ତତିମାନଙ୍କୁ ଉପଯୁକ୍ତ ସଂସ୍କାର ଓ ନମ୍ରତା ସହିତ ଜୀବନ ବଞ୍ଚିବାକୁ ସେ ପ୍ରେରଣା ଦେଉଥିଲେ । ପୁଅଝିଅମାନଙ୍କ ଭିତରେ ସେ ଭରି ଦେଇଥିଲେ ଅଜସ୍ର ଭଲ ପାଇବା । କେବଳ ନିଜ ପୁଅଝିଅମାନଙ୍କୁ ନୁହେଁ, ଆତ୍ମୀୟ ସ୍ୱଜନ, ସମ୍ପର୍କୀୟ, ପାଖପଡ଼ୋଶୀ ସମସ୍ତଙ୍କୁ ସେ ନିଃସ୍ୱାର୍ଥପର ଭାବେ ଭଲ ପାଉଥିଲେ । ଯିଏ ମଧ୍ୟ ତାଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିବେ, ତାଙ୍କ ସ୍ନେହର ପରଶ ଲାଭ କରିଥିବେ ନିଶ୍ଚୟ ।



### ଜନ୍ମ ଶତବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

କବି ପରିବାରଙ୍କ ନୂତନ ବାସଭବନ ଗଙ୍ଗାଧର ସ୍ମୃତି ସଦନକୁ ପ୍ରତିଦିନ ବହୁ କବି, ଲେଖକ, ଗବେଷକ ପଦାର୍ପଣ କରନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ନିଶ୍ଚିତ ଭାବେ ତାଙ୍କ ସାନ୍ନିଧ୍ୟ ଲାଭ କରିବାର ସୁଯୋଗ ପାଇଥିବେ । ଗଙ୍ଗାଧର ସ୍ମୃତି ସଦନକୁ ଯାଉଥିବା ପ୍ରତିଟି ବ୍ୟକ୍ତି ତାଙ୍କ ଆତ୍ମୀୟତା ପୂର୍ଣ୍ଣ ବ୍ୟବହାରରେ ମୁଗ୍ଧ ହୋଇଥାନ୍ତି । ନିଜ ଅମାୟିକ ବ୍ୟବହାରରେ ସେ ଅନ୍ୟମାନଙ୍କ ହୃଦୟକୁ ଜୟ ପାରିପାରୁଥିଲେ । ବିଶେଷ କରି ଯୁବ ଲେଖକମାନଙ୍କ ପାଇଁ ସେ ଥିଲେ ପ୍ରେରଣାର ଉତ୍ସ ।

ଏକଥା ମୋ ପରି ଅନ୍ୟ ଲେଖକମାନେ ମଧ୍ୟ ଅନୁଭବ କରିଥିବେ ଯେଉଁମାନେ ତାଙ୍କ ନିବିଡ଼ ସଂସ୍ପର୍ଶରେ ଆସିଛନ୍ତି । କାରଣ ଜୀବନର ଅନ୍ତିମ ପର୍ଯ୍ୟାୟରେ ସେ ବହୁ ଲେଖକଙ୍କୁ ଅଜସ୍ର ପତ୍ର ପଠାଇଛନ୍ତି, ଯାହା ତାଙ୍କ ଜୀବନର ଏକ ଉଲ୍ଲେଖନୀୟ ଦିଗ ।

ସେ ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ । ଚିତ୍ରକଳା, ସାହିତ୍ୟ, ଅଭିନୟ ଆଦି କ୍ଷେତ୍ରରେ ତାଙ୍କର ପ୍ରତିଭା ପ୍ରସ୍ଫୁଟିତ ହୋଇଉଠିଥିଲା । ଧର୍ମପତ୍ନୀ, ଶ୍ରୀଲୋକନାଥ, କୋଣାର୍କ, କବିସୂର୍ଯ୍ୟ, ଲକ୍ଷ୍ୟହୀର । ଆଦି ନାଟକରେ ସେ ହୃଦୟସ୍ପର୍ଶୀ ଅଭିନୟ କରି ଦର୍ଶକଙ୍କ ପ୍ରଶଂସା ସାଉଁଟି ଥିଲେ । ସେହିପରି ସଂଗୀତ ଓ ନୃତ୍ୟ ନିର୍ଦ୍ଦେଶନାରେ ମଧ୍ୟ ତାଙ୍କର ଗଭୀର ରୁଚି ରହିଥିଲା । ପୁଣି ଚିତ୍ର ଅଙ୍କନରେ ତାଙ୍କ କଳାତ୍ମକ ପ୍ରତିଭାର ମାଧୁର୍ଯ୍ୟ ଫୁଟି ଉଠୁଥିଲା। ମହାତ୍ମା ଗାନ୍ଧି, ଜବାହର ଲାଲ ନେହରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ସ୍ୱଭାବ କବି ଗଙ୍ଗାଧ ମେହେର ପ୍ରମୁଖଙ୍କ ଚିତ୍ର ଅଙ୍କନ କରିବା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ଜଣେ ଅଭିନେତା ଓ ନାଟ୍ୟକାର ଭାବେ ସେ ପରିଚିତ ଥିଲେ । ମଞ୍ଚ ନାଟକଠାରୁ ଆରମ୍ଭ କରି ବେତାର ନାଟକ, ଦୂରଦର୍ଶନ ନାଟକ, ସଙ୍ଗୀତ ରୂପକ, ପ୍ରାମାଣିକ ଚିତ୍ର ଲେଖି ନାଟକ ପ୍ରତି ତାଙ୍କ ଉତ୍ସର୍ଗୀକୃତ ମନୋଭାବର ପ୍ରମାଣ ଦେଇଛନ୍ତି । ତାଙ୍କ ରଚିତ 'ଜନ୍ମ ଜାତକ' ଓ 'ଯୌତୁକ' ନାଟକ ବେଶ୍ ପାଠକୀୟ ଆଦୃତି ଲାଭ କରିଛି । ଏହି ନାଟକ ସଂକଳନରେ 'ଏମିତି ହୁଏ, ନିର୍ବନ୍ଧ, ପାଠୋଇ ବୋହୂ, ଦୋଷ କାହାର, ପୁରସ୍କାର, ତୃତୀୟ ପୁରୁଷ' ଆଦି ନାଟକ ସଂକଳିତ ହୋଇଛି । ଏହି ନାଟକଗୁଡ଼ିକରୁ କେତୋଟି ଆକାଶବାଣୀ କଟକ ଓ ସମ୍ବଲପୁର କେନ୍ଦ୍ର ସୌଜନ୍ୟରୁ ପ୍ରଚାରିତ ହୋଇ ଶ୍ରୋତାମାନଙ୍କ ହୃଦୟକୁ ଜୟ କରିପାରିଥିଲା । ସେହିପରି 'ଗଙ୍ଗାଧର ପ୍ରସଙ୍ଗ' ତାଙ୍କର ଆଉ ଏକ ପାଠକୀୟ ଆଦୃତି ଲାଭ କରିଥିବା ପୁସ୍ତକ । ନାଟକ ରଚନା ସହିତ ପତ୍ରିକା ସଂପାଦନାରେ ମଧ୍ୟ ତାଙ୍କର ଗଭୀର ରୁଚି ରହିଥିଲା । 'ସଞ୍ଚୟ, ଜନ କଲ୍ୟାଣ ଓ ମେହେର ଜ୍ୟୋତି' ପତ୍ରିକା ସଂପାଦନାରେ ତାଙ୍କ ପ୍ରତିଭାର ବଳିଷ୍ଠ ପ୍ରମାଣ ଜଣାପଡ଼ିଯାଏ । ନିରବରେ ସେ ଅନେକ ସୃଜନଶୀଳ କାର୍ଯ୍ୟ କରୁଥିଲେ । ସୃଜନ କର୍ମକୁ ନେଇ ସେ କେବେ ହେଲେ କାହା ଆଗରେ ପ୍ରକାଶ କରୁନଥିଲେ । ବରଂ ନିରବରେ ଲେଖାଲେଖି କାର୍ଯ୍ୟ ଜାରି ରଖିଥିଲେ। ଏଥିରୁ ଜଣାପଡ଼ିଯାଏ ତାଙ୍କ ନମ୍ରତା । ସେ ଯେମିତି ଜଣେ ନମ୍ର, ସାଧୁ ଓ ନିରଭିମାନୀ ବ୍ୟକ୍ତି ଥିଲେ, ତାଙ୍କ ସାହିତ୍ୟ କୃତିରେ ମଧ୍ୟ ମାନବୀୟ ମହନୀୟତା ଫୁଟି ଉଠିଥିଲା ।

**ନାଟକର ଶେଷ ଦୃଶ୍ୟ ପରି ତାଙ୍କର ଜୀବନ ଯବନିକା ପଡ଼ିଗଲା ୨୦୦୭ ନଭେମ୍ବର ୨ ତାରିଖରେ । ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଆୟୁଷ ଡାକ୍ତରଖାନାରେ ତାଙ୍କର ପାର୍ଥିବ ଶରୀର ନିଷ୍ପ୍ରାଣ ହୋଇଯାଇଥିଲା । ତେବେ ତାଙ୍କର ଆନ୍ତରିକ ଇଚ୍ଛା ଅନୁଯାୟୀ ସେ ପାର୍ଥିବ ଶରୀର ଭସ୍ମୀଭୂତ ହେଲା। କବିତୀର୍ଥ ବରପାଲିର ପବିତ୍ର ମାଟିରେ । କାରଣ ତାଙ୍କ ପାଇଁ ବରପାଲି ହିଁ ଥିଲା ସ୍ୱର୍ଗଭୂମି । ଆଜି ବିନୋଦ ଚନ୍ଦ୍ର ଇହଧାମରେ ନାହାନ୍ତି ସତ, କିନ୍ତୁ ତାଙ୍କ ଜୀବନ ଓ ବ୍ୟକ୍ତିତ୍ୱର ଆଭା ଏବେ ଝଟକି ଉଠୁଛି ପ୍ରିୟ ପରିଜନଙ୍କ ସ୍ମୃତିରେ ।**

କବି ପୌତ୍ର ବିନୋଦ ଚନ୍ଦ୍ରଙ୍କ ପରି ବ୍ୟକ୍ତିତ୍ୱ ବର୍ତ୍ତମାନ ସମାଜରେ ଏକାନ୍ତ ବିରଳ । ତାଙ୍କ ସାଧନା ଓ ବ୍ୟକ୍ତିତ୍ୱ ସଂପର୍କରେ ଅଧିକରୁ ଅଧିକ ଚର୍ଚ୍ଚା ହେବା ଆବଶ୍ୟକ, ଯାହା ଫଳରେ ସଚେତନ ପାଠକମାନେ ତାଙ୍କ ସଂପର୍କରେ ଆହୁରି ବିଶଦଭାବରେ ଜାଣି ପାରିବେ । ତାଙ୍କର ଅପ୍ରକାଶିତ ସାହିତ୍ୟ କୃତି ସଂକଳିତ ହୋଇ ପ୍ରକାଶିତ ହେଲେ ସେଇ ପ୍ରତିଭାର ଯଥାର୍ଥ ମୂଲ୍ୟାଙ୍କନ କରାଯାଇପାରିବ । ଏପରି ଏକ ବିରଳ ଶିଳ୍ପୀ ପ୍ରତିଭା ଓଡ଼ିଆ ଜାତିର ଏକାନ୍ତ ନମସ୍ୟ ।

ନୀରବ ସାହିତ୍ୟ ସାଧକ, ନାଟ୍ୟକାର, ଅଭିନେତା, ଚିତ୍ରଶିଳ୍ପୀ କବିପୌତ୍ର ବିନୋଦ ଚନ୍ଦ୍ର ମେହେରଙ୍କ ଜନ୍ମ ଶତବାର୍ଷିକ ଉତ୍ସବ ପାଳନ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

**ପ୍ଲଟ୍ ନଂ–୨୮୬, ସେକ୍ଟର–୫**
**ନୀଳାଦ୍ରି ବିହାର, ଭୁବନେଶ୍ୱର–୨୧**
**ମୋ–୯୪୩୭୨୬୩୮୨୬**

# ଅପରାହ୍ନର ଅବଶୋଷ

**ରାଜେଶ କୁମାର ବାରିକ୍**

### ଗଳ୍ପ

ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ବିଜୁଳି ବି କଟି ଯାଇଛି । ହାତରେ ହାତ ପଙ୍ଖାଟିଏ ଧରି ବାରିପଟକୁ ଅମ୍ବିକା ଦେବୀ ଟିକେ ଗଛ ମୂଳକୁ ଯିବା ସମୟରେ, ପଛ ପାଖରୁ ଡାକ ଆସିଲା ମାଆ...ମାଆ... ଇନଭରଟର ଟା ଅନ୍ କରି ଦେଇଛି, ଆସନ୍ତୁ ଘର ଭିତରକୁ । ଏ.ସି. ଟା ବି ଚାଲୁ କରିଦେବି । ତୁମେ ବାରିପଟକୁ ଆସିଥିଲ ବୋଲି ଯଦି ସାନ ବାବୁ ଜାଣିବେ ମୋର ଚାକିରି ପୁରା ଖାଇଯିବେ ।

ଏକଥା ସାନ ବାବୁ ଜାଣିବେ କିପରି, ସିଏ ତୋତେ କେତେବେଳେ କହିଲା, ମୁଁ କାଇଁ ଜାଣି ପାରିଲି ନାହିଁ !

ତାଙ୍କୁ କିଏ କହିବ ବା । ଏଇ ଘରର ଚାରି ପାଖରେ କେମେରା ସବୁ ଖଞ୍ଜି ଦେଇଛନ୍ତି । ସେ କଣ କେମେରାରୁ ଦେଖି ପାରୁ ନ ଥିବେ । ଗତକାଲି ଫୋନ୍‌ରେ ଭିଡିଓ କରି କଥା ହେଉଥିଲେ । ବୋହୂ ମା',କୁନି ଛୁଆ ସମସ୍ତେ କଥା ହେଉଥିଲେ । ବୋହୂ ମାଆ ଆଉ ସାନ ବାବୁଙ୍କର ସବୁ ବେଳେ ଖାଲି ଗୋଟିଏ କଥା ବାପା ମାଆଙ୍କର ଯେପରି କିଛି ଅସୁବିଧା ନହୁଏ ସବୁ ବେଳେ ଧ୍ୟାନ ଦେବୁ । ନ ହେଲେ ଜାଣି ଥିବୁ ଆଉ ...!

ସେମାନେ କେବେ ଆସିବେ କିଛି କହୁଥିଲେ କି ? ଉତ୍ତର ମିଳିଲା ନାହିଁ । ଅମ୍ବିକା ଦେବୀ ଆଉ କିଛି କହିବା ପୂର୍ବରୁ ଶୁଣିବା ପାଇଁ କେହି ନଥିଲେ । ମନ ଭିତରର ଅସୁମାରୀ ପ୍ରଶ୍ନ ସବୁ ମନ ଭିତରେ ଖାଲି ଦବି ହୋଇ ରହି ଯାଉଥାଏ । ହେଲେ ନିରୁପାୟ ଅମ୍ବିକା ଦେବୀ । କିଛି ଗୋଟିଏ ଶବ୍ଦ ଶୁଣି ହଠାତ୍ ଚମକି ପଡିଲେ, ଟି.ଭି ର ସୁଇଚ୍‌ଟା ବୋଧେ ବନ୍ଦ ହୋଇ ନଥିଲା । ତା ସାଙ୍ଗକୁ ଏ ପକ୍ଷାଘାତୀ ବୁଢାଟା ବିଛଣା ଉପରୁ ଆରମ୍ଭ କରିଦେଲା ।

କେହି ଟି. ଭି. ଟା ବନ୍ଦ କରରେ , ଯେତେବେଳେ ଦେଖିବ ଦିନ ରାତି ଚବିଶ ଘଣ୍ଟା ଖାଲି ରାଉ ରାଉ ହେଉଛି । ତା କୁ ତ ଟିକେ ଫୁରସତ ଦିଅ । ହେଇଟି ତୁମକୁ ଶୁଭୁଚି ନା ନାହିଁ ? ପ୍ରଥମେ ଟି.ଭି. ଟା ବନ୍ଦ କରି ପାଣି ଗିଲାସେ ଆଣିଲ । ଏଠି କିଏ କାହା କଥା ଶୁଣୁଛି ?

ଜୀବନର ଅପରାହ୍ନରେ ଛିଡା ହୋଇଥିବା ଅମ୍ବିକା ଦେବୀ କିଛି ବି ଭାବି ପାରୁ ନ ଥିଲେ । ଏଇ ଟି.ଭି. ତ ତାଙ୍କର ଏକମାତ୍ର ବଞ୍ଚିବା ପାଇଁ ସାହାରା । ସେତକ ବି ....ଛାଡ । ଚାଳ ଛପରରୁ ଶାନ୍ତି ମିଳିଲା ନାହିଁ ବୋଲି ଏ.ସି. ରୁମ୍ ତିଆରି କରାଗଲା । ଗାଁ ସ୍କୁଲରେ ଭଲ ପାଠ ପଢା ଯାଉନାହିଁ ଭାବି ବିଦେଶୀ ସ୍କୁଲ୍‌ରେ ପାଠ ପଢାଗଲା । ଖାସ୍ ସେଇଥିପାଇଁ ତ ପୁଅ ବିଦେଶରେ ଥାଇ ବାପା ମାଆଙ୍କର ଯତ୍ନ ନେଉଛି । ତା'ର କୁଆଡେ ସମୟ ନାହିଁ !

ଅମ୍ବିକା ଦେବୀ ସ୍ୱାମୀଙ୍କ ହାତକୁ ପାଣି ଗିଲାସ ବଢାଇ ଦେଇ କହିବା କୁ ଆରମ୍ଭ କରିଦେଲେ । ଜୀବନର ସବୁ ଖୁସିକୁ ଜଳାଞ୍ଜଳି ଦେଇ ପଇସା ରୋଜଗାର କରିଲ । ଛୁଆଟାକୁ ସମୟ ଦେଇ ପାରିଲ ନାହିଁ ? ଏବେ ଛୁଆଟା ଗୋଟାପଣେ ତୁମରି ଗୁଣକୁ ଦେହରେ ଉତାରି ପକାଇଛି ।

ଏସବୁ ତ ଖାଲି ତା ରି ପାଇଁ ସାଇତି ରଖିଛି ,ହେଲେ ସେ ମାନୁଛି କେଉଁଠୁ । ପାକଳ ପତରଟିଏ, ଆଉ ବା କେତେ ଦିନ ଗଛର ଡାଳରେ ଝୁଲି ରହିବୁ ।

ଖାଲି ଟିକେ ପବନ ଲୋଡା । ଏଇ ଦେଖି ପାରୁଛ ,ପଶ୍ଚିମ ଆକାଶର ସୂର୍ଯ୍ୟକୁ ପୂର୍ବାହ୍ନର ତେଜ ଆଉ ତା ଦେହରେ ନାହିଁ ଅପରାହ୍ନର ଅବଶୋଷ । ସିଏ ତ ପୁଣି କାଲି ସକାଳକୁ ଆସିଯିବ । ହେଲେ ଆମେ ...! ଏତେ ପଇସା ଏତେ ସମ୍ମାନ ପାଖରେ ରଖି କରିବୁ କଣ ଯଦି ମରିବା ବେଳକୁ ପୁଅ–ବୋହୂ,ନାତି–ନାତୁଣୀ ପାଖରେ ନ ରହିଲେ ।

ଅମ୍ବିକା ଦେବୀ ନିଜ ପଣତରେ ସ୍ୱାମୀଙ୍କ ଲୁହକୁ ପୋଛି ଦେଇ କହିବାକୁ ଲାଗିଲେ ହଁ ଜୀବନରେ ଖାଲି ଏତିକ ତ ଅବଶୋଷ । ସେ କେବେ ପୁରା ହେବ ନାହିଁ ।

**ଦେବେନ୍ଦ୍ରପୁର ,ଅଭଣା, ବାଲେଶ୍ୱର**
**ମୋ–୯୯୯୮୬୨୨୩୩୬**

## ଆଜିର ଅନୁଚିନ୍ତା:
# କବିଟିଏ ହେବା ଏତେ ସହଜ ନୁହେଁ



**ରତ୍ନାକର ରାଉତ**

ସାହିତ୍ୟ ଆତ୍ମୋନ୍ନତିର ମାର୍ଗଦର୍ଶକ ଓ ବାହକ । ସାହିତ୍ୟ ଗଙ୍ଗାଜଳ ପରି ସବୁବେଳେ ସ୍ୱଚ୍ଛ, ନିର୍ମଳ ଓ ପବିତ୍ର । ସାହିତ୍ୟ କେବେ ଖରାପ ହୋଇ ନ ଥାଏ । ଅବା ଖରାପ ହୋଇପାରେନି । ସାହିତ୍ୟ ବିପଦରେ ରହିଛି ଅର୍ଥ ସାହିତ୍ୟିକମାନେ ସ୍ୱାର୍ଥୀ ହୋଇ ସାହିତ୍ୟକୁ କଳୁଷିତ କରିବାରେ ମଧ୍ୟ ଲଜ୍ଜିତ ହେଉ ନାହାନ୍ତି । ପ୍ରାପ୍ତିଜନିତ ଲାଳସାରେ ସାହିତ୍ୟକୁ ପଣ୍ୟ କରିବାରେ ମୁଷ୍ଟିମେୟ ଅବିମୃଶ୍ୟକାରୀ ଉଚ୍ଚାଭିଳାଷୀ ସାଂଘାତିକ ପରିଚିତି ସଂକଟରେ ପୀଡ଼ିତ ବ୍ୟକ୍ତି ବିଶେଷଙ୍କର ଏସବୁ ହୀନ ଉଦ୍ୟମ ଓ ତଦ୍‌ଜନିତ ପୋଷଣ କରିଥିବା ଇତର ହୀନ ମାନସିକତା, ଯେଉଁଥିପାଇଁ ସମାଜରେ ସେମାନଙ୍କ ପରିଚିତି, ସେହି କ୍ଷେତ୍ରର ବିଶେଷ କ୍ଷତି କରିବାକୁ ତିଳେମାତ୍ର କୁଣ୍ଠାବୋଧ ନ ଥିବା ବ୍ୟକ୍ତିମାନେ କଣ ସତରେ ସାହିତ୍ୟିକର ମର୍ଯ୍ୟାଦା ପାଇବାକୁ ଯୋଗ୍ୟ ? ଏ ବିଚାର ସମାଜର, ବିଶେଷତଃ ଗୁଣଗ୍ରାହୀ ସୁଧୀ ବିଦ୍ୱାନ ବୁଦ୍ଧିଜୀବୀ ଓ ପ୍ରିୟ ପାଠକ ମାନଙ୍କର ।

ସାହିତ୍ୟିକମାନଙ୍କ ମଧ୍ୟରେ କବିର ସ୍ଥାନ ସଦାକାଳେ ସ୍ୱତନ୍ତ୍ର । କବିଟିଏ ରବି । ରବି ଭଳି କବି ଜଗତ କଲ୍ୟାଣ ନିମନ୍ତେ ଜ୍ଞାନର ଆଲୋକ ବିତରଣ କରେ । ଗ୍ରହ, ଉପଗ୍ରହ, ଧୂମକେତୁ, ନକ୍ଷତ୍ର, ନକ୍ଷତ୍ରପୁଞ୍ଜ ତା ସହିତ ସରି ନୁହନ୍ତି । ତା' ନିଜସ୍ୱ ଆଲୋକରେ ସେ ସବୁବେଳେ ଆଲୋକିତ । ତାକୁ କେନ୍ଦ୍ରକରି ପ୍ରଦକ୍ଷିଣ କରୁଥାଆନ୍ତି କେତେ ଗ୍ରହ,ଉପଗ୍ରହ । ସେ ନିରବରେ ତା ସୃଷ୍ଟି କର୍ମରେ ନିରନ୍ତର ବ୍ୟସ୍ତ ଥାଏ । କାହା ପାଇଁ ନ ଥାଏ ତା ଭିତରେ କୌଣସି ପାତର,ଅନ୍ତର, ବିଭେଦ, ଭେଦଭାବ । ସେ ସାରା ଦୁନିଆକୁ ଦେଖେ ସମଦୃଷ୍ଟିରେ । ସକଳ ଆବିଳତାକୁ ଅନ୍ତର କରି ଶୋଷିନିଏ ଜଳ ଓ ପରିଶେଷରେ ପରଶେ ସ୍ୱଚ୍ଛ ନିର୍ମଳ ଅମୃତ ତୁଲ୍ୟ ସେହି ନୀର ରୂପୀ ଜ୍ଞାନ । ସେ ସଭିଙ୍କ ମଧ୍ୟରେ ଅଗ୍ନି ରୂପରେ ବିଦ୍ୟମାନ । ଯେତେବେଳେ ସେ ହୁଏ କଠୋର, ସାରା ସୃଷ୍ଟିରେ ପଡ଼ିଯାଏ ହାହାକାର । କବି ହେବା ଏତେ ସହଜ ନୁହେଁ । ତାକୁ ପ୍ରତି ପଦକ୍ଷେପରେ ଚାଲିବାକୁ ପଡ଼େ ଭେଦି ତୀକ୍ଷ୍ଣ ଅସୀଧାର । ଏ ସଂସାର ଗତିଶୀଳ । ପରିବର୍ତ୍ତନ ସୃଷ୍ଟିର ଆଦ୍ୟ ନିୟମ । କିଏ ଏହାକୁ ସ୍ୱୀକାର କରୁ ଅବା ନ କରୁ । ଆଜି ଯିଏ ଅଛି, ରାଜ୍ କରୁଛି, ଆସନ୍ତାକାଲି ତା ସ୍ଥାନରେ ଆଉ କିଏ ଥିବ । ସବୁବେଳେ କେହି କୌଣସି ସ୍ଥାନରେ ଚିରସ୍ଥାୟୀ ନୁହେଁ । କାରଣ ଏ ସଂସାର ସଭିଙ୍କ ନିମନ୍ତେ କ୍ଷଣସ୍ଥାୟୀ, ଅଳୀକ । ଏ ଗହନ କଥାକୁ କବି ଭଲକରି ବୁଝିଥାଏ । ତେଣୁ ତଦନୁଯାୟୀ ସେ ତାର ସୃଜନ କର୍ମ ସମାଜର କଲ୍ୟାଣ ହିତେ ଅବ୍ୟାହତ ରଖିଥାଏ ।

ଗୋଷ୍ଠୀକଥା ଚୁଲିକୁ ଯାଉ, କବିର ଜାତିଗୋତ୍ର ନ ଥାଏ, ଧର୍ମ ସଂପ୍ରଦାୟ ନ ଥାଏ । କବି ନାରୀ କିବା ପୁରୁଷ ଭେଦରେ ବିଭକ୍ତ ହୋଇ ନ ଥାଏ । କବି ସବର୍ଣ୍ଣ କି ଦଳିତ ଶ୍ରେଣୀଭୁକ୍ତ ହୋଇ ନ ଥାଏ । ବାମାବାଦୀ, ନାରୀବାଦୀ, ପ୍ରଗତିବାଦୀ, ବାମପନ୍ଥୀ, ଡାହାଣପନ୍ଥୀ, ପୁରୁଷବାଦୀ ଆଦି ନାନାଦି ବର୍ଗୀକରଣରେ ସାମିଲ ନ ଥାଏ । କବି ସଦାକାଳେ ନିରୋଳା କବି ହିଁ ହୋଇ ରହିଥାଏ । **କବିର ଅଞ୍ଚଳ ନ ଥାଏ । ରାଜ୍ୟ କି ଦେଶ ନ ଥାଏ । ବରଂ ଭୌଗୋଳିକ ସୀମା ସରହଦ ନିର୍ବିଶେଷରେ ଯେଉଁଠି ମାନବତାର ଜୟଗାନ ହେଉଥାଏ ସେ ସେଇଠି ଥାଏ ।** ଅନ୍ୟପକ୍ଷରେ ଯେଉଁଠି ମାନବତାର ହନନ ହୁଏ ସେ ନିରବ ନ ରହି କଲମ ଚଲାଏ । କାରଣ କବି କାହା ପକ୍ଷରେ ନ ଥାଏ, କେବେବି ପକ୍ଷଭୁକ୍ତ ହୋଇ ନ ଥାଏ, ସବୁବେଳେ ନିରପେକ୍ଷ ହିଁ ରହିଥାଏ । ପ୍ରତିବାଦର ଅଗ୍ନିଶିଖା ତୋଳେ, ସଚେତନତାର ପ୍ରବାହ ସୃଜେ, ବିପ୍ଳବର ମନ୍ତ୍ର ଫୁଙ୍କେ । ସେଯାଏଁ ଅବିଶ୍ରାନ୍ତ ଲାଗିଥାଏ ନିଜ ଉଦ୍ୟମରେ ଅବିରତ ନିରବଚ୍ଛିନ୍ନ, ଯେଯାଏଁ ମାନବତାର ପୁନଃ ପ୍ରତିଷ୍ଠା ହୋଇ ନ ସାରିଛି । ସମାଜରୁ ଶୋଷଣ, କଷଣ, ଅତ୍ୟାଚାର, ଅନାଚାର, ପ୍ରପୀଡ଼ନ, ହତ୍ୟା, ରକ୍ତପାତ, ନିର୍ଯ୍ୟାତନା, ଲୁଣ୍ଠନ, ଧର୍ଷଣ, ବ୍ୟଭିଚାର, ଲାଂଛନା ଆଦିର ଅନ୍ତ ହୋଇ ଶାନ୍ତି, ସୌହାର୍ଦ୍ଦ୍ୟ, ପ୍ରେମ, ପ୍ରୀତି, ମୈତ୍ରୀ, ପାରସ୍ପରିକ ସ୍ନେହ, ସଦ୍ଭାବ, ସଦିଚ୍ଛା, ଭଲପାଇବା ସଂସ୍ଥାପିତ ନ ହୋଇଛି, କବି ସେ ଯାବତ୍ ବିଚଳିତ, ବିବ୍ରତ, ବିଷର୍ଣ୍ଣ ଥାଏ ଯେ ଯାବତ୍ ସାରା ସଂସାର ଓ ସମାଜକୁ ସୁଖର ମାହୋଲ ନ ଫେରିଛି । ବାସ୍ତବିକ କବିଟିଏ ହେବା ଏତେ ସହଜ ନୁହେଁ ।

**( ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଓ ଜଣେ ଲେଖକ)**
**ପ୍ଲଟ ନମ୍ବର–୭୬୭(ପାର୍ଟ),ଜୟଦୁର୍ଗା ନଗର,ଭୁବନେଶ୍ୱର,ମୋ– ୯୪୩୭୩୮୨୨୮୧**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ...

ଟାରିଫ ଲାଗୁ କରାଯାଇଛି । ବ୍ୟବସାୟିକ ଅସମାନତା ଯୋଗୁ ଟ୍ରମ୍ପ ପ୍ରଶାସନ ପ୍ରଥମେ ଭାରତ ଉପରେ ୨୫% ଟାରିଫ ଲଗାଇଥିଲେ । ଏହାପରେ ଭାରତ ନିୟମିତ ଭାବେ ଆମେରିକାର ତାଗିଦ ସତ୍ତ୍ୱେ ରୁଷ ଠାରୁ ଅଶୋଧିତ ତୈଳ ଆମଦାନୀ କରୁଥିବାରୁ ୱାଶିଂଟନ ଆଉ ୨୫% ଟାରିଫ ଜୋରିମାନା ଆକାରରେ ନୂଆଦିଲ୍ଲୀ ଉପରେ ଲାଗୁ କରିଥିଲା । ଅର୍ଥାତ ଏବେ ଭାରତରୁ ଆମେରିକାକୁ ରପ୍ତାନୀ ହେଉଥିବା ଦ୍ରବ୍ୟଗୁଡ଼ିକ ଉପରେ ୫୦% ଟାରିଫ ଲାଗୁ ହେଉଛି । ଏଥିଯୋଗୁ ଭାରତୀୟ ବ୍ୟବସାୟୀମାନେ ବେଶ ଘାଟାର ସମ୍ମୁଖୀନ ହେଉଛନ୍ତି ।

ଏସବୁ ଭିତରେ ବେସେଣ୍ଟ କହିଛନ୍ତି, "ଭାରତ ଉପରେ ଆମର ୨୫% ଟାରିଫ ଗୋଟିଏ ବିରାଟ ସଫଳତା ଆଣିଛି । ରୁଷ ଠାରୁ ଭାରତ କିଣୁଥିବା ତୈଳ ଭୁଶୁଡ଼ି ପଡ଼ିଛି । ଟାରିଫ ଏବେ ବି ବଳବତ୍ତର ରହିଛି । ଏବେ ଏହାକୁ ହଟାଇବା ପାଇଁ ଉପଯୁକ୍ତ ମାର୍ଗ ଖୋଲିଥିବା ମୁଁ ଭାବୁଛି ।"

ସେ ଆହୁରି କହିଛି ଯେ ଭାରତ ଉପରେ ଟାରିଫ ଲଗାଇବାକୁ ୟୁରୋପୀୟ ସଂଘ ଚାହୁଁ ନାହିଁ । କାରଣ ସଂଘ ପକ୍ଷରୁ ନୂଆଦିଲ୍ଲୀ ସହ ଗୋଟିଏ ବଡ଼ ବାଣିଜ୍ୟ ଡିଲ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ହେଲେ ଭାରତ ଠାରୁ ରିଫାଇଣ୍ଡ ଶକ୍ତି ଦ୍ରବ୍ୟ କିଣିବା ୟୁରୋପର ବୋକାମୀ ଛଡ଼ା ଆଉ କିଛି ନୁହେଁ ବୋଲି ସେ ମତ ରଖିଛନ୍ତି ।

ଡାଭୋସରେ ଆୟୋଜିତ ବିଶ୍ୱ ଅର୍ଥନୀତିକ ସମ୍ମିଳନୀ ସମୟରେ ବେସେଣ୍ଟ ଦାବି କରିଥିଲେ ଯେ ବିବାଦ ଆରମ୍ଭ ହେବା ପରେ ରୁଷ ଠାରୁ ଭାରତ ତେଲ କିଣିବା ଆରମ୍ଭ କରିଥିଲା । କିନ୍ତୁ ରାଷ୍ଟ୍ରପତି ଟ୍ରମ୍ପ ସେମାନଙ୍କ ଉପରେ ୨୫% ଟାରିଫ ଲଗାଇଥିଲେ । ଏହାପରେ ଭାରତ ନିଜ କିଣିବା ଗିୟରକୁ ହ୍ରାସ କରିଥିଲେ । ଏବେ ସେମାନେ ରୁଷ ଠାରୁ ତେଲ କିଣିବା ବନ୍ଦ କରି ଦେଇଛି ।

ଟ୍ରମ୍ପଙ୍କ ଟାରିଫ ପରେ ଭାରତର ଘରୋଇ କମ୍ପାନୀଗୁଡ଼ିକ ରୁଷ ଠାରୁ ତେଲ ଆମଦାନୀ କରିବା ପ୍ରକ୍ରିୟାକୁ ହ୍ରାସ କରିଥିଲେ । କିନ୍ତୁ ଭାରତ ସରକାର ପୂର୍ବଭଳି ତେଲ କିଣା ଜାରି ରଖିଥିବା ରିପୋର୍ଟ ପ୍ରକାଶ ପାଇଛି ।

## ଟି-୨୦...

ପାକିସ୍ତାନ କଥାରେ ପଡି ଭାରତରେ ମ୍ୟାଚ ଖେଳିବାକୁ ରାଜି ହୋଇନଥିଲା । ଶେଷରେ ଆଇସିସି ବିଧିବଦ୍ଧ ଭାବେ ବାଂଲାଦେଶକୁ ଟି-୨୦ରୁ ବାଦ ଦେଇଛି । ଆଇସିସି ପକ୍ଷରୁ ବାଂଲଦେଶ କ୍ରିକେଟ ବୋର୍ଡକୁ ଚିଠି ଲେଖାଯାଇଛି । ଏଥିରେ ବାଂଲାଦେଶ ସ୍ଥାନ ସ୍କଟଲାଣ୍ଡ ନେଇଥିବା ଉଲ୍ଲେଖ କରାଯାଇଛି । ଆଇସିସି ଅଧ୍ୟକ୍ଷ ଜୟଶାହାଙ୍କ ଅଧ୍ୟକ୍ଷତାରେ ଦୁବାଇରେ ବୈଠକ ବସିଥିଲା । ଏଥିରେ ବାଂଲାଦେଶ ପ୍ରସଙ୍ଗ ଆଲୋଚନା କରାଯାଇଥିଲା ।

ବାଂଲାଦେଶ ବିଶ୍ୱକପରୁ ବାଧ ପଡିବା ଢ଼ାକା ପାଇଁ ଶକ୍ତ ଝଟକା ହୋଇଛି । କାରଣ ଦଳ ବିଭିନ୍ନ ପ୍ରାୟୋଜକ ଓ ପ୍ରସାରଣ ସଂସ୍ଥା ପକ୍ଷରୁ ବିଶ୍ୱକପ ବାବଦରେ ପାଇବାକୁ ଥିବା ଟଙ୍କା ହରାଇବ । ବିସିବିକୁ ଭାରତ ବିରୋଧ ଆଭିମୁଖ ପାଇଁ ପ୍ରାୟ ୨୪୭ କୋଟି ଟଙ୍କା କ୍ଷତି ସହିବାକୁ ପଡିବ । ବାଂଲାଦେଶ ବାଦ ପଡିବାରୁ ସ୍କଟଲାଣ୍ଡ ବିଶ୍ୱକପ ଖେଳିବା ସ୍ୱପ୍ନ ପୂର ହେବାକୁଯାଉଛି । ଏଯାଏଁ ସ୍କଟଲାଣ୍ଡ ୫ଟି ବିଶ୍ୱକପ ଖେଳିଛି । ୨୦୨୨ ଓ ୨୦୨୪ ସଂସ୍କରଣରେ ମଧ୍ୟ ସ୍କଟଲାଣ୍ଡ ନଜର ଆସିଥିଲା । କିନ୍ତୁ ଦଳ ଭଲ ପ୍ରଦର୍ଶନ ସତ୍ତ୍ୱେ ସୁପର-୮ କୁ ଯାଇପାରିନଥିଲା । ୨୦୨୬ ବିଶ୍ୱକପର ଯୋଗ୍ୟତା ପର୍ଯ୍ୟାୟରେ ଦଳ ବିଜୟୀ ହୋଇନଥିଲେ ହେଁ ଏବେ ବାଂଲାଦେଶର ବହିଷ୍କାର ଯୋଗୁଁ ସ୍କଟଲାଣ୍ଡକୁ ଆଉ ଗୋଟିଏ ସୁଯୋଗ ମିଳିଛି । ଏହି ଗ୍ରୁପରେ ପୂର୍ବରୁ ୱେଷ୍ଟଇଣ୍ଡିଜ୍, ଇଟାଲୀ, ଇଂଲଣ୍ଡ ଓ ନେପାଳ ରହିଛନ୍ତି । ଏମାନଙ୍କ ସହ ସ୍କଟଲାଣ୍ଡ ଯୋଡି ହୋଇଛି । ବିଶ୍ୱକପ ସୂଚୀରେ ଯେଉଁଠି ଯେଉଁଠି ବାଂଲାଦେଶ ମ୍ୟାଚ ଖେଳିଥାନ୍ତା ସେହି ସମୟ ଓ ତାରିଖରେ ସ୍କଟଲାଣ୍ଡ ହିଁ ଖେଳିବ ।

## ମୋଦୀ...

ଏହି ନିଯୁକ୍ତି ମେଳାର ଏକ ପ୍ରମୁଖ ସଫଳତା ହେଉଛି ମହିଳା ସଶକ୍ତୀକରଣ । ଆଜିର କାର୍ଯ୍ୟକ୍ରମରେ ୮୦୦୦ରୁ ଅଧିକ ମହିଳା ସରକାରୀ ସେବା ପାଇଁ ନିଯୁକ୍ତି ପତ୍ର ପାଇଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ଦେଶର କାର୍ଯ୍ୟଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ପ୍ରାୟ ଦ୍ୱିଗୁଣିତ ହୋଇଥିବା ନେଇ ପ୍ରଧାନମନ୍ତ୍ରୀ ମୋଦୀ ଗର୍ବ ଅନୁଭବ କରିଛନ୍ତି । ଏହି ପରିବର୍ତ୍ତନ ସମାଜରେ ବଢୁଥିବା ସମାନତା ଏବଂ ବିକାଶରେ ମହିଳାମାନଙ୍କ ଅବଦାନକୁ ସ୍ପଷ୍ଟ କରୁଛି । ଦ୍ରୁତଗତିରେ ବଦଳୁଥିବା ଟେକନୋଲୋଜିର ଏହି ଯୁଗରେ, ପ୍ରଧାନମନ୍ତ୍ରୀ ମୋଦୀ ଯୁବପିଢ଼ିଙ୍କୁ ନିରନ୍ତର ଶିଖିବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ଦେଶର ଆବଶ୍ୟକତା ଏବଂ ପରିବର୍ତ୍ତନ ସହିତ, ସରକାରୀ କର୍ମଚାରୀମାନଙ୍କୁ ମଧ୍ୟ ନିରନ୍ତର ନିଜକୁ ଅପଗ୍ରେଡ୍ କରିବାକୁ ପଡ଼ିବ ।

## ରାଜ୍ୟରେ...

ଓଡ଼ିଶାର ସହରାଞ୍ଚଳ ଏବଂ ଶିଳ୍ପ ପରିଦୃଶ୍ୟକୁ ପରିବର୍ତ୍ତନ କରିବାର ସମ୍ଭାବନା ରଖିଛି ଏବଂ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ମାଧ୍ୟମରେ ପାଣ୍ଠି ପ୍ରଦାନ ସମେତ ନୀତି ଆୟୋଗର ମାର୍ଗଦର୍ଶନ ଏବଂ ସମର୍ଥନ ଅନୁରୋଧ କରିଥିଲେ ।

ରାଜ୍ୟର ବିକାଶ ପଥକୁ ପ୍ରଶଂସା କରି ଶ୍ରୀ ବେରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଏବଂ ଓଡ଼ିଶା ସରକାରଙ୍କ ସଂସ୍କାର-ମୁଖୀ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଓଡ଼ିଶା ଏକ ଆର୍ଥିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟମାନଙ୍କ ମଧ୍ୟରୁ ଏକ ଏବଂ ଶିଳ୍ପ ବିକାଶ ଏବଂ ନିବେଶ ପାଇଁ ଏକ ଦୃଢ଼ ଏବଂ ସ୍ଥିର ବ୍ୟବସାୟିକ ପରିବେଶ ସୃଷ୍ଟି କରିଛି । ରାଜ୍ୟରେ ଶିଳ୍ପାୟନକୁ ବୃଦ୍ଧି କରିପାରୁଥିବା ପ୍ରଭାବଶାଳୀ ସଂସ୍କାର ପାଇଁ ନିଆଯାଇଥିବା ପଦକ୍ଷେପ ପାଇଁ ସେ ରାଜ୍ୟକୁ ପ୍ରଶଂସା କରିଛନ୍ତି ।

ଶ୍ରୀ ବେରୀ ଲକ୍ଷ୍ୟ କରିଛନ୍ତି ଯେ ଭୁବନେଶ୍ୱର ଏକ ମଡେଲ ସହର ଭାବରେ ବିଶେଷ ଧ୍ୟାନ ଦେବା ଉଚିତ, ଯେଉଁଥିରେ ଦକ୍ଷ ସ୍ୱେରେଜ ପରିଚାଳନା, ପରିଷ୍କାର ପରିସର, ସବୁଜ ସ୍ଥାନ ଏବଂ ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଇଛି । ସେ ଭୁବନେଶ୍ୱରକୁ ଦେଶ ପାଇଁ ଏକ ମାନଦଣ୍ଡ ସହର ଭାବରେ ବିକଶିତ କରିବା ପାଇଁ ଟେକ୍ସାସ ମଡେଲ ଭଳି ସମନ୍ୱିତ ସହରାଞ୍ଚଳ ଯୋଜନା ପଦ୍ଧତି ସମେତ ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ସେ ସବୁଜ ଶକ୍ତି ପରିବର୍ତ୍ତନ, ତଥ୍ୟ-ଚାଳିତ ଶାସନ, ଦକ୍ଷତା ଇକୋସିଷ୍ଟମ ସଂସ୍କାର, ମୂଲ୍ୟ ଶୃଙ୍ଖଳ ବିକାଶ ମାଧ୍ୟମରେ ଜନଜାତି ସଶକ୍ତିକରଣ ଏବଂ ଫ୍ରଣ୍ଟିୟର୍ ଟେକ୍ ଲ୍ୟାବ୍ ଅଧୀନରେ ଲିଙ୍ଗ୍ ଲ୍ୟାବ୍ସ ଭଳି ଅଭିନବ ପଦକ୍ଷେପ ଭଳି କ୍ଷେତ୍ରରେ ନୀତି ଆୟୋଗ ସହିତ ଓଡ଼ିଶାର ସକ୍ରିୟ ସହଯୋଗକୁ ପ୍ରଶଂସା କରିଛନ୍ତି । ଡକଫର ଅରବିନ୍ଦ ବୀରମାନି ମଧ୍ୟ ରାଜ୍ୟର ଭବିଷ୍ୟତବାଦୀ ନୀତି ଏବଂ ଅନ୍ତର୍ଭୁକ୍ତିମୂଳକ ଏବଂ ସ୍ଥାୟୀ ଅଭିବୃଦ୍ଧି ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତ ।

ମୁଖ୍ୟମନ୍ତ୍ରୀ ପୁନର୍ବାର କହିଛନ୍ତି ଯେ ଜାତୀୟ ସଂସ୍କାର ଏଜେଣ୍ଡା ସହିତ ସମନ୍ୱୟ ରଖି ଓଡ଼ିଶା ସରକାର ବ୍ୟବସାୟ କରିବାର ସହଜତା ଏବଂ ନିବେଶ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦିଏ । ସେ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ନୀତି ସହିତ ସହଭାଗୀତା ଆୟୋଗ ଓଡ଼ିଶାର ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ଶିଳ୍ପ ବିକାଶ ଏବଂ ନାଗରିକଙ୍କ ଜୀବନର ଗୁଣବତ୍ତା ଉନ୍ନତ କରିବା ଦିଗରେ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ ।

ମୁଖ୍ୟ ସଚିବ ଅନୁ ଗର୍ଗ, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଉନ୍ନୟନ କମିଶନର ଡି.କେ. ସିଂହଙ୍କ ଉପସ୍ଥିତିରେ ରାଜ୍ୟରେ ଅନ୍ତର୍ଭୁକ୍ତିମୂଳକ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶାର ବିକାଶ ପ୍ରାଥମିକତା, ପ୍ରମୁଖ ସଂସ୍କାର ପଦକ୍ଷେପ ଏବଂ ରଣନୈତିକ ପ୍ରକଳ୍ପଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା ।

## ଅଭିନେତା...

ପୁଲିସର ସୂଚନା ଅନୁଯାୟୀ, ଘଟଣା ଜାନୁଆରି ୧୮ ତାରିଖରେ ଘଟିଥିଲା । ଯେତେବେଳେ ଅନ୍ଧେରିର ଓଶିୱାରା ଅଞ୍ଚଳର ନାଳନ୍ଦା ସୋସାଇଟିରେ ଦୁଇଟି ଗୁଳି ଫୁଟିବା ଶବ୍ଦ ଶୁଣାଯାଇଥିଲା । ତଦନ୍ତ ସମୟରେ, ଗୋଟିଏ ଗୁଳି କୋଠାର ଦ୍ୱିତୀୟ ମହଲାରେ ଓ ଅନ୍ୟଟି ଚତୁର୍ଥ ମହଲାରୁ ମିଳିଥିଲା । ପୁଲିସ କହିଛି ଯେ, ଗୋଟିଏ ଫ୍ଲାଟ ଜଣେ ଲେଖକ-ନିର୍ଦ୍ଦେଶକଙ୍କ ମାଲିକାନାରେ ଅଛି । ଯେତେବେଳେ ଅନ୍ୟଟି ଜଣେ ମଡେଲଙ୍କ ମାଲିକାନାରେ ଅଛି । ସେହି ଅଞ୍ଚଳର ସିସିଟିଭି ଫୁଟେଜ କୌଣସି ସୁରାକ ପ୍ରଦାନ କରିନଥିଲା । ଫରେନସିକ୍ ବିଶ୍ଳେଷଣ ପରେ ଜଣାପଡ଼ିଥିଲା ଗୁଳିଗୁଡ଼ିକ ଖାନଙ୍କ ନିକଟସ୍ଥ ବଙ୍ଗଳାରୁ ଫୁଟିଥାଇପାରେ । ଗୁଳିଚାଳନା ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଓ ଅସ୍ତ୍ରଶସ୍ତ୍ର ଆଇନର ଧାରା ଅନୁଯାୟୀ ଅଭିନେତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି ବୋଲି ପୁଲିସ କହିଛି ।

## ଆର୍‌ଡିଏକ୍ସ...

ଗୁପ୍ତ ସୂଚନା ଆଧାରରେ ହୋସିଆରପୁର ପୁଲିସ ଓ ସିଆଇ ଜଳନ୍ଧରର ଏକ ଟିମ୍ ମିଳିତ ଅପରେସନ୍ କରିଥିଲେ । ଏସ୍ଏସ୍ପି ସନ୍ଦୀପ ମଲିକଙ୍କ ନେତୃତ୍ୱରେ ପୁଲିସ ଟିମ୍ ସନ୍ଦିଗ୍ଧଙ୍କୁ ଘେରି ଯାଇଥିଲେ । ସେମାନଙ୍କ ପାଖରୁ ପ୍ରାୟ ଅଢ଼େଇ କିଲୋଗ୍ରାମ ଆର୍ଡିଏକ୍ସ୍ ଭର୍ତ୍ତି ଆଇଇଡି ଜବତ ହୋଇଛି । ଆତଙ୍କବାଦୀଙ୍କଠାରୁ ଦୁଇଟି ପିସ୍ତଲ ମଧ୍ୟ ଜବତ କରାଯାଇଛି । ପଞ୍ଜାବ ଡିଜିପି ଗୌରବ ଯାଦବ କହିଛନ୍ତି, ଗିରଫ ହୋଇଥିବା ଚାରି ଜଣ ଆତଙ୍କବାଦୀ ଦୀର୍ଘ ଦିନ ଧରି ରାଜ୍ୟର ଶାନ୍ତି ବିପର୍ଯ୍ୟସ୍ତ କରିବାରେ ସକ୍ରିୟ ଥିଲେ । ଗିରଫ ସନ୍ଦିଗ୍ଧଙ୍କୁ ଦିଲଜୋତ ସିଂ, ହରମାନ ସିଂ ଓରଫ ହ୍ୟାରି, ଅଜୟ ଓରଫ ମାହିରା ଓ ଅର୍ଶଦୀପ ସିଂ ଓରଫ ଆର୍ଶ କାଣ୍ଡୋଲା ଭାବେ ଚିହ୍ନଟ କରାଯାଇଛି । ଅଭିଯୁକ୍ତମାନେ ପଞ୍ଜାବର ଏସ୍ବିଏସ୍ ନଗର ଜିଲ୍ଲାର ରାହୋନ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି । ସେମାନେ ଅନ୍ୟ କେଉଁ ଲୋକଙ୍କ ସହିତ ସମ୍ପର୍କରେ ଥିଲେ ତାହା ଜାଣିବା ପାଇଁ ପୁଲିସ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି ।

ଆତଙ୍କବାଦୀ ମଡ୍ୟୁଲର ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଏହାର ବିଦେଶ ଲିଙ୍କ୍ । ପ୍ରାଥମିକ ତଦନ୍ତରୁ ଏହି ଗ୍ୟାଙ୍ଗକୁ ଆମେରିକାରେ ଅବସ୍ଥିତ ବବର ଖାଲସା ଇଣ୍ଟରନ୍ୟାସନାଲ ହ୍ୟାଣ୍ଡଲରମାନେ ପରିଚାଳିତ କରୁଥିବା ଜଣାପଡ଼ିଛି । ଏହି ହ୍ୟାଣ୍ଡଲରମାନେ ସେଠାରୁ ପଞ୍ଜାବରେ କେଉଁଠାରେ ଓ କେବେ ଆକ୍ରମଣ କରାଯିବ ସେ ବିଷୟରେ ନିର୍ଦ୍ଦେଶ ଦେଉଥିଲେ । ତଦନ୍ତରୁ ଏହା ମଧ୍ୟ ଜଣାପଡିଛି, ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଆତଙ୍କବାଦୀଙ୍କୁ ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଯୋଗାଉଥିଲା । ଆଇଏସ୍ଆଇ ଏହି ନିଷିଦ୍ଧ ସଂଗଠନ ମାଧ୍ୟମରେ ଭାରତର ସୀମାନ୍ତ ରାଜ୍ୟଗୁଡ଼ିକରେ ଟାର୍ଗେଟ ଆକ୍ରମଣ କରିବା ସହିତ ସାମାଜିକ ସ୍ଥିରତାକୁ ନଷ୍ଟ କରିବାକୁ ଷଡ଼ଯନ୍ତ୍ର ରଚିଥିବା ଜଣାପଡ଼ିଛି ।

## ମଣିଷ-ଚିତା...

କରିଛି । ପ୍ରକାଶ ଥାଉକି ବହୁ ସମୟରେ ନରସିଂହପୁର ବନାଞ୍ଚଳ ଦାୟିତ୍ୱରେ ଥିବା ଏସିଏଫ ମହାଶୟ ଅନୁପସ୍ଥିତି ରହୁଥିବା ଯେଗୁଁ ନାନାଦି ଅସୁବିଧା ଦେଖିବାକୁ ମିଳିଛି । ଏହା ଦ୍ୱାରା ଗ୍ରାମାଞ୍ଚଳରେ ଉଦବେଗ ପ୍ରକାଶ ପାଇଛି ।

# ଆଜିଠାରୁ କୋହ୍ଲା ଗ୍ରାମରେ ବିଶ୍ୱଶାନ୍ତି ମହାଯଜ୍ଞ

ତିହିଡି, (ସବ୍ୟୁ): ର୍ ତିହିଡି ବ୍ଲକ ଅର୍ନ୍ତଗତ କୋହ୍ଲ ଗ୍ରାମର ପ୍ରତିଷ୍ଠିତ ନବଗ୍ରହ ମନ୍ଦିର ପ୍ରାଙ୍ଗଣରେ ନବଗ୍ରହ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି । ପ୍ରାୟ ୫୨ ବର୍ଷ ଧରି ମନ୍ଦିରର ମାର୍ଫତଦାର ମାନେ ନିକଟସ୍ଥ ଗ୍ରାମମାନଙ୍କରୁ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନେଇ ଗଠିତ ପରିଚାଳନା କମିଟିର ସହଯୋଗରେ ଚଳିତ ୨୫ ରୁ ୨୭ ତାରିଖ ପର୍ଯ୍ୟନ୍ତ ତ୍ରିଦିବସୀୟ ମହାଯଜ୍ଞ ଅନୁଷ୍ଠିତ ହେବା ଭକ୍ତମାନଙ୍କ ସମାଗମକୁ ଆଖିଆଗରେ ରଖି ଲାଇଟ , ସାଜସଜ୍ଜା ଓ ସାଉଣ୍ଡ ବ୍ୟବସ୍ଥା ଏବଂ ଯଜ୍ଞ ପାଇଁ ଆବଶ୍ୟକୀୟ ସମସ୍ତ ସାମଗ୍ରୀ ମହଜୁଦ କରାଯାଇଛି। ସୂଚନା ଯୋଗ୍ୟ ଏହି ମନ୍ଦିର ଟ୍ରଷ୍ଟ ଗଠନକୁ ନେଇ ଗତ କିଛି ଦିନ ହେବ ବିବାଦ ଦେଖାଦେବାରୁ ମାର୍ଫତଦାର ମାନେ ମହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲାର ବିଚାର କରି କୋର୍ଟ ଆଇନଗତ ଭାବରେ ସ୍ଥାୟୀ ଟ୍ରଷ୍ଟ ଗଠନପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଅନୁଯାୟୀ ମନ୍ଦିରର ସ୍ଥାୟୀ ଟ୍ରଷ୍ଟ ଗଠନ ପାଇଁ ଅତିରିକ୍ତ ଦେବୋତ୍ତର ଅୟୁକ୍ତ କଟକଙ୍କ ଇଜିଲାସରେ ମାର୍ଫତଦାର ଓ କମିଟି ସଦସ୍ୟମାନେ ମକଦ୍ଦମା ଦାଏର କରିଥିବା ଜଣାଯାଇଛି ।

# ନେତାଜୀ ଜୟନ୍ତୀରେ ସହାୟକର ରକ୍ତଦାନ ଶିବିର

ବାଲେଶ୍ୱର, (ସବ୍ୟୁ) :ପବିତ୍ର ନେତାଜୀ ଜୟନ୍ତୀ ଅବସରରେ ବାଲେଶ୍ୱରର ଏକ ପ୍ରମୁଖ ଜନସେବା ସଂସ୍ଥା ସହାୟକ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଶିବିରକୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସଂଜୀବ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ରକ୍ତଭଣ୍ଡାରର ଅଭିଜ୍ଞ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ୨୭ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଗଂଗାଧର ପୃଷ୍ଟିଙ୍କ ସମେତ ଯଶୋଦାନନ୍ଦନ ଆଶ୍, ଭବେଶ ଚନ୍ଦ୍ର ପଣ୍ଡା, ରବିନାରାୟଣ ଭୋଳ, ରବୀନ୍ଦ୍ର ନାଥ ଗିରି, ବିଜୟ କୁମାର ମହାପାତ୍ର, ଅମିତା ଦାଶ, ଇଂ. ଗୌରାଙ୍ଗ ସାହୁ, ଇଂ. ଶ୍ରୀରାମ ପ୍ରସାଦ ଦାଶ, ସୁକୁମାର ବେହେରା, ଯୋଗେଶ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରସାଦ ଧଳ, ଭାଗିରଥୀ ମହାନ୍ତି, ହରିହର ଦାସ, ଗୋପାଳ ଚନ୍ଦ୍ର ଜେନା, ନରେଶ ଚନ୍ଦ୍ର ଦାଶ, ବୀରେନ୍ଦ୍ର କୁମାର ମହନ୍ତ, ଦିଲ୍ଲୀପ କୁମାର ମହାନ୍ତି, ଅନନ୍ତ କୁମାର ଦାସ, ଇଂ. କେଶବ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# କ୍ଷେତ୍ରବାସୀ ସରକାରୀ ଉଚ୍ଚବିଦ୍ୟାଳୟରେ ପିଏମ୍ଶ୍ରୀ ଉତ୍ସବ

ଭଦ୍ରକ, (ସବ୍ୟୁ) : କ୍ଷେତ୍ରବାସୀ ସରକାରୀ ଉଚ୍ଚବିଦ୍ୟାଳୟରେ ପିଏମ୍ଶ୍ରୀ ଉତ୍ସବ ଶନିବାର ସନ୍ଧ୍ୟାରେ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୀମଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ କୃଷି ଅଧିକାରୀ ଅରୁଣ କୁମାର ପାତ୍ର ମୁଖ୍ୟବକ୍ତା, ପ୍ରାକ୍ତନ ଜିଲା ମୁଖ୍ୟଚିକିତ୍ସାଧିକାରୀ ଡାକ୍ତର ସୁଧୀରଂଜନ ନାୟକ, ଡାକ୍ତର ରମାକାନ୍ତ ନାୟକ, ଇଂ ଅଭୟ ସୂତାର ଏବଂ ଡିଏସ୍ଓ ତପନ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପିଏସ୍ଏସର ସଭାପତି ନିତ୍ୟାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁକାନ୍ତି ବେହେରା, ସମାଜସେବୀ ଗୌରୀଗୋପାଳ ଜେନା, ଟୁକୁ ପ୍ରଧାନ, ଦୀପକ କୁମାର ନାୟକ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ, ଶିକ୍ଷାବିତ୍ ବାବୁଲା ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ସାହୁ, ସମାଜସେବୀ ତୁଷାରକାନ୍ତି ପରିଡା, କୃଷ୍ଣଚନ୍ଦ୍ର ବେହେରା, ଅବସରପ୍ରାପ୍ତ ଶିକ୍ଷକ ଅଭିରାମ ବେହେରା, ରଙ୍କଚରଣ ଯେନା ଓ ଅରୁଣ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ହି ଉତ୍ସବରେ ଶିକ୍ଷକମାନଙ୍କର ମାର୍ଗଦର୍ଶକ ଭାବେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ୩ଟି ପେଭିଲିୟନରେ ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ଉପସ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପ୍ରୋଜେକ୍ଟ ଗୁଡିକୁ ବରିଷ୍ଠ ପ୍ରଧାନ ଶିକ୍ଷକ ଖଗେଶ୍ୱର ଯେନା, ବିଜ୍ଞାନ ଶିକ୍ଷୟିତ୍ରୀ ଲିପିରେଖା ବେହେରା, ସହକାରୀ ଶିକ୍ଷୟିତ୍ରୀ ମୋନାଲିସା ଯେନା, ପିଏସ୍ଏସଏସ କୋଅଡିନେଟର ଅଜୟ ମହାରଣା ମୂଲ୍ୟାଙ୍କନ କରିଥିଲେ । ସମସ୍ତ ଅତିଥିମାନେ ପେଭିଲିୟନ ଗୁଡିକୁ ପରିଦର୍ଶନ କରି ପ୍ରତିଯୋଗୀମାନଙ୍କ ସହ ବିଶଦ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜନ କରାଯାଇଥିବା ଦୋକାନ ଯାତ୍ରାରେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପଦାର୍ଥ ଅତିଥି, ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବ୍ୟକ୍ତିମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଥିଲା । ଦିବସର ଦ୍ୱିତୀୟ ଅଧିବେଶନରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସଚେତନ ମୂଳକ ଏକାଙ୍କିକା, ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା । ପରବର୍ତୀ ସମୟରେ ଆମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ୩ ଟି ପେଭିଲିୟନରୁ ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ ବିତରଣ କରାଯାଇଥିଲା । ଶେଷରେ ସ୍କୁଲର ଶିକ୍ଷୟିତ୍ରୀ ଚିନ୍ମୟୀ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ବିଦ୍ୟୁତ ମାନ୍ୟତା

# ଟାଟା ପାୱାର ଓଡ଼ିଶା ଡିସ୍କମର ସଫଳତା

ଭୁବନେଶ୍ୱର (ସବ୍ୟୁ), ଶକ୍ତି କ୍ଷେତ୍ରରେ ଓଡ଼ିଶାର ସଫଳତା ପୁଣି ଥରେ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି । କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୫ ଆର୍ଥିକ ବର୍ଷର ୧୪ତମ ସମନ୍ୱିତ ରେଟିଂ ଏବଂ ରାଙ୍କିଙ୍ଗ ରିପୋର୍ଟ ରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡ଼ିକ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି । ସାରା ଦେଶର ୬୫ଟି ବିଦ୍ୟୁତ ବିତରଣ ସଂସ୍ଥାକୁ ନେଇ କରାଯାଇଥିବା ଏହି ସର୍ଭେରେ ଓଡ଼ିଶାର ଡିସକମ୍ ଗୁଡ଼ିକ ଉମ ପ୍ରଦର୍ଶନ କରି ନିଜର ସ୍ଥିତିକୁ ସୁଦୃଢ଼ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିରେ ବୈପ୍ଳବିକ ପରିର୍ବନ ପାଇଁ ଟାଟା ପାୱାର ପରିଚାଳିତ ଏହି ସଂସ୍ଥାଗୁଡ଼ିକ ଲଗାତାର ତୃତୀୟ ବର୍ଷ ପାଇଁ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି । ଜାତୀୟ ସ୍ତରରେ ଓଡ଼ିଶାର ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନ୍ଓଡିଏଲ୍) ଚମକାର ପ୍ରଦର୍ଶନ କରି ଦେଶର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀ ମଧ୍ୟରେ ୯ମ ସ୍ଥାନ ହାସଲ କରିଛି । ଓଡ଼ିଶା ପାଇଁ ଏହା ଏକ ଗୌରବର ବିଷୟ ଯେ, ଟିପିଏନ୍ଓଡିଏଲ୍ ଏବଂ ଟିପିସିଓଡିଏଲ୍ ଉଭୟ ସେମାନଙ୍କର ସମ୍ମାନଜନକ "ଇ' ଗ୍ରେଡ୍ ବଜାୟ ରଖିବାରେ ସଫଳ ହୋଇଥିବା ବେଳେ ଟିପିଡବ୍ଲୁଓଡିଏଲ୍ ମଧ୍ୟ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜରିଆରେ "ଇ' ଗ୍ରେଡ୍ ହାସଲ କରିଛି ।

# ଜୁଭେସ୍ ହେଲଥ୍କେୟାର ବନ୍ଦ ଗୁଜବକୁ ଖଣ୍ଡନ

ଭୁବନେଶ୍ୱର (ସବ୍ୟୁ) : ୨୦୦୨ ରେ ପ୍ରତିଷ୍ଠିତ ଏକ ଅଗ୍ରଣୀ ଭାରତୀୟ ଔଷଧ କମ୍ପାନୀ ଏବଂ ଏମ୍ପାୟାର ଫାର୍ମାସ୍ୟୁଟିକାଲସ୍ (ବିଏସ୍ଇଏବଂ ଏନ୍ଏସ୍ଇରେ ତାଲିକାଭୁକ୍ତ) ର ଏକ ସହାୟକ କମ୍ପାନୀ ଜୁଭେସ୍ ହେଲଥକେୟାର ଲିମିଟେଡ୍, କମ୍ପାନୀର ଭବିଷ୍ୟତ ସମ୍ପର୍କରେମିଥ୍ୟା ଏବଂ ଭ୍ରାମକ ସୂଚନାକୁ ସମାଧାନ କରିବା ଏବଂ ଖାରଜ କରିବା ପାଇଁ ଏକ ଆନୁଷ୍ଠାନିକ ସ୍ପଷ୍ଟୀକରଣ ଜାରି କରିଛି । ଜୁଭେସ୍‌ବନ୍ଦ କିମ୍ବା ପୁନଃବ୍ରାଣ୍ଡିଂର ଗୁଜବକୁ ସ୍ପଷ୍ଟ ଭାବରେ ଅସ୍ୱୀକାର କରିଛି । ଜୁଭେସ୍ ଆହୁରି ସ୍ପଷ୍ଟ କରିଛି ଯେ ଏହାର ବ୍ୟବସାୟିକ ସମ୍ପର୍କ କୌଣସି ବନ୍ଦ, ନିଲମ୍ବନ କିମ୍ବା ସ୍ଥାନାନ୍ତର ହୋଇନାହିଁ ଏବଂ ଏହାର କ୍ଷେତ୍ର କର୍ମଚାରୀମାନେ ସାରା ଦେଶରେ ପୂର୍ଣ୍ଣ ଶକ୍ତିରେ କାର୍ଯ୍ୟଜାରି ରଖିଛନ୍ତି । ଜୁଭେସ୍ ସ୍ପଷ୍ଟ କରୁଛି ଯେ ଏହାର - ଜୋରଭିଆ ହେଲଥକେୟାର ଲିମିଟେଡ୍ ନାମକ କୌଣସି ସଂସ୍ଥା ସହିତ କୌଣସି ସମ୍ପର୍କ କିମ୍ବାସମ୍ପର୍କ ନାହିଁ ଏବଂ ଏପରି ଦାବିଗୁଡ଼ିକ ଭୁଲ ଏବଂ ଭ୍ରାମକ । ଜୁଭେସ୍ ଏହାର ଅଂଶୀଦାରମାନଙ୍କ ପାଇଁ ଉଚ୍ଚମାନର ଏବଂ ସୁଲଭ ଔଷଧ ବିକାଶ, ଉତ୍ପାଦନ ଏବଂ ବିପଣନ କରିବାର ଦାୟିତ୍ୱ ପ୍ରତିପ୍ରତିବଦ୍ଧ । କମ୍ପାନୀ ଏହାର ଅଂଶୀଦାରମାନଙ୍କ ମଧ୍ୟରେ ଏହାର ସଦଭାବନାକୁ ସୁରକ୍ଷା ଦେବା ପାଇଁ ଆଇନ ଅନୁଯାୟୀ ଉପଯୁକ୍ତଆଇନଗତ ପ୍ରତିକାରଗୁଡ଼ିକୁ ସକ୍ରିୟ ଭାବରେ ଅନୁସରଣ କରୁଛି ।

# ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ଆଗରେ ଧାରଣା ଦେବ ବିଜେଡି

ଧାମନଗର, (ସବ୍ୟୁ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଂଚାୟତ ଏକ କୃଷି ପ୍ରବଣ ଅଂଚଳ । ଏଠାକାର ଚାଷୀ କେବଳ ଖରିଫ ଧାନ ଚାଷ କରି ତାର ବିକ୍ରୟଲବ୍ଧ ଟଙ୍କାରେ ନିଜର ବାର୍ଷିକ ଗୁଜୁରାଣ ମେଣ୍ଟାନ୍ତି । ଶ୍ରୀଜଗନ୍ନାଥ ସମବାୟ ସମିତିରେ ଖୋଲିଥିବା ସରକାରୀ ମଣ୍ଡିରେ ଏଯାଏଁ ଧାନ କ୍ରୟ କରାନଯିବା ଘଟଣାରେ ଚାଷୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଯାହା ଫଳରେ ଭଗବାନପୁର ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୨୬ତାରିଖ ସୋମବାର ସୁଦ୍ଧା ଧାନ କିଣା ନଗଲେ ସେହିଦିନ ଅପରାହ୍ନରେ ସ୍ଥାନୀୟ ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ଆଗରେ ଧାରଣା ଦେବାକୁ ଦଳର ପଂଚାୟତ ସଭାପତି ଗୌରାଙ୍ଗ ଦାଶ ସୂଚନା ଦେଇଛନ୍ତି ।

# ୟୁଏନ୍ କଲେଜ ୧୯୮୦ ବ୍ୟାଚ ସହପାଠୀ ସମ୍ମିଳନୀ

ସୋର(ସବ୍ୟୁ): ସୋର ଷ୍ଟେସନଛକସ୍ଥିତ ରୟାଲ ହୋଟେଲ ସଭାଗୃହରେ ସୋର ଉପେନ୍ଦ୍ରନାଥ କଲେଜ ୧୯୮୦ ମସିହା ପାଠସାଥିଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

କହ୍ନେଇ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅଜୟ କୁମାର ବିଶ୍ୱାଳ, ଗଜେନ୍ଦ୍ର କୁମାର ନାୟକ, ନିରଞ୍ଜନ ଲେଙ୍କା, ଅମର ପଟ୍ଟନାୟକ, କୈଳାଶ ପାଣିଗ୍ରାହୀ, କୈଳାଶ ପାଢ଼ୀ, ଅନନ୍ତ କୁମାର ମହାପାତ୍ର ପ୍ରମୁଖ ବିଗତ ଦିନର ଅଭୁଲା ସ୍ମୃତି ଉପସ୍ଥାପନ କରିଥିଲେ । ମଧୁସୂଦନ ପଣ୍ଡା, ପ୍ରସନ୍ନ ମଲ୍ଲିକ, ଭାଗିରଥି ସନ୍ଧି ବିଗ୍ରହ, ସତ୍ୟବ୍ରତ ପାଢ଼ୀ, କୃଷ୍ଣଚନ୍ଦ୍ର ଦାସ, ଚୈତନ୍ୟ ପ୍ରଧାନ, ସିଦ୍ଧାର୍ଥ ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସୁରେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଜିତେନ୍ଦ୍ର କୁମାର ବେହେରା, ରବିନ୍ଦ୍ର କୁମାର ନାୟକ, ସମସ୍ତ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ ।


**UTKAL BALASHRAM BALASORE SAKHA**
g-154
(Govt. run Children Home) &
(Specialised Adoption Agency)
Ref : Adv No. : 357/UBBS, Date : 30.04.2025 & Adv No. : 06/SAA, Date : 30.04.2025

**NOTICE**

In pursuance to advertisement no Adv No. : 357/UBBS, Dated : 30.04.2025 & Adv. No : 06/SAA, Dated : 30.04.2025 regarding various application inviting for various posts in Children Home & Specialised Adoption Agency. Utkal Balashram Balasore Sakha, the provisional list of applicants is hoisted in the Balasore District website (https://balasore.odisha.gov.in/). The applicants are invited grievance call within 7 days against their objection.

Sd/- Superintendent
Utkal Balashram
Balasore, Sakha

**ଦଲିଲ ହଜିଯାଇଛି**

ଆମେ ଲୋକନାଥ ସେଠୀ, ପିତା- ନରସିଂହ ସେଠୀ, ସା-ପ୍ଲଟ ନଂ-୧୧୫/ଏ/୧, ଭଗୁନାଥନଗର, ଭୁବନେଶ୍ୱର, ଡାଇରେକ୍ଟର ମେଗନମ୍ ଇନ୍ଫ୍ରେଟ ଲିମିଟେଡ୍, ଗତ ତା. ୧୯.୦୧.୨୦୨୬ ରିଖରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ବାଲେଶ୍ୱରଙ୍କ ଠାରେ ସତ୍ୟପାଠ ଦ୍ୱାରା ଅବଗତ କରୁଅଛୁ କି କମ୍ପାନୀର ଏକ ଅରଜିନାଲ ବିକ୍ରୟ ଦଲିଲ ନଂ-୬୭୯୪ ତା. ୦୧.୧୨.୨୦୦୬ ରିଖ, ଯାହାକି ଖାତା ନଂ-୧୪୭୮/୮୩୫୨, ମୌଜା- ଶ୍ରୀକୋଣା ସମ୍ବଳିତ ଦଲିଲ ତାଳିପୁର ଥାନା ଅନ୍ତର୍ଗତ ଝାମ୍ପୁରା ବଜାରରେ ହଜିଯାଇଛି । ଉକ୍ତ ସତ୍ୟପାଠ କାନାରା ବ୍ୟାଙ୍କରେ ଋଣ ନେବା ସକାଶେ ପେଶ କରିବୁ । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ ବାବଦରେ ଦାବିଦାର ଅଟନ୍ତି ତେବେ ନୋଟିସ୍ ପ୍ରକାଶନର ଦିନ୍ଠନ ମଧ୍ୟରେ ଦାବି କରିପାରିବେ ।

ସ୍ୱାଃ ଲୋକନାଥ ସେଠୀ
ତା. ୨୪.୦୧.୨୦୨୬ ରିଖ

**ଦଲିଲ ହଜିଯାଇଛି**

ଆମେ ନିତ୍ୟାନନ୍ଦ ଦାସ, ପିତା-ପୁରୁଷୋତ୍ତମ ଦାସ, ସା-ଏନ-୩/୧୫, ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର ଗତ ତା. ୧୬/୦୧/୨୦୨୬ ରିଖରେ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ବାଲେଶ୍ୱରଙ୍କ ଠାରେ ସତ୍ୟପାଠ ଦ୍ୱାରା ଅବଗତ କରୁଅଛି କି ଆମର ଏକ ଅରଜିନାଲ ବିକ୍ରୟ ଦଲିଲ ନଂ-୨୧୪ ତା. ୧୨.୦୧.୧୯୯୬ ରିଖ, ଯାହାକି ଖାତା ନଂ-୫୦୨/୬୬ ମୌଜା- ବାଗବୃନ୍ଦାବନ ସମ୍ବଳିତ ଦଲିଲ ସହଦେବଖୁଣ୍ଟା ଥାନା ଅନ୍ତର୍ଗତ କଟେରାରେ ହଜିଯାଇଛି । ଉକ୍ତ ସତ୍ୟପାଠ କାନାରା ବ୍ୟାଙ୍କରେ ଋଣ ନେବା ସକାଶେ ପେଶ କରାଯିବ । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ ବାବଦରେ ଦାବିଦାର ଅଟନ୍ତି ତେବେ ନୋଟିସ୍ ପ୍ରକାଶନର ଦିନ୍ଠନ ମଧ୍ୟରେ ଦାବି କରିପାରିବେ ।

ସ୍ୱାଃ ନିତ୍ୟାନନ୍ଦ ଦାସ
ତା. ୨୪.୦୧.୨୦୨୬ ରିଖ

O-2133
E-Mail : rw.kamakhyanagar@yahoo.co.in
**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal,**
**Kamakhyanagar**

**e-procurement Notice No. 25/Road Work / 2025-26**

| | | |
|---|---|---|
| 1. | Name of the work | : Road Work |
| 2. | Total No. of Works | : 5 (Five) Nos. |
| 3. | Tender Cost | : Rs. 5.08 to 40.32 lakhs |
| 4. | Class of Contractor | : D, C & B equivalent |
| 5 | Period of Completion | : 1 Calendar Months. |
| 6. | Availability of Tender online for bidding | : 28.01.2026 at 11.00 A.M. to 03.02.2026 up to 5.00 P.M. |
| 7. | Last Date & Time of seeking tender clarification | : 02.02.2026 up to 5.00 PM |
| 8. | Date & Time of opening of Bid | : 04.02.2026 at 11.00 AM |

Other Details can be seen from the website **http://tendersorissa.gov.in.**

Sd/- Superintending Engineer
Rural Works Division-II, Dkl
Kamakhyanagar

T-
**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆସନ୍ତା ସୋମବାର, ଇଂରାଜୀ ତା.26/01/2026 ରିଖ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ**
**ଓଡ଼ିଶା ସରକାର**

ଏତଦ୍ୱାରା ଜଗତସିଂହପୁର ଜିଲ୍ଲାର ସମସ୍ତ କୃଷକ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଜଗତସିଂହପୁର ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଆସନ୍ତା ୨୭.୧.୨୦୨୬ ଠାରୁ ୩୧.୧.୨୦୨୬ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆରେ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ମେଳାରେ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରସ୍ତୁତକାରୀ କମ୍ପାନୀ ଓ ଅଗ୍ରଣୀ ବ୍ୟବସାୟୀ ସଂସ୍ଥା ନିଜ ନିଜର କୃଷି ଯନ୍ତ୍ରପାତି ପ୍ରଦର୍ଶନ ତଥା ବିକ୍ରୟ କରିବେ । କୃଷକମାନେ ସରକାରୀ ଅଧିସୂଚିତ ମୂଲ୍ୟ ଉପରେ ସାଧାରଣ ବର୍ଗ ୪୦% ପ୍ରତିଶତ, ଅନୁସୂଚିତ ଜାତି ଓ ମହିଳା ୫୦% ପ୍ରତିଶତ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୭୫% ରିହାତିରେ କୃଷି ଯନ୍ତ୍ରପାତି କ୍ରୟ କରିପାରିବେ । ଏଣୁ ଆପଣମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି ସରକାରୀ ରିହାତି ମୂଲ୍ୟରେ ବିଭିନ୍ନ କୃଷି ଯନ୍ତ୍ରପାତି କ୍ରୟ କରିବାର ସୁଯୋଗ ନିଅନ୍ତୁ ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ
ଜଗତସିଂହପୁର

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
O-2079 **RURAL WORKS DIVISION, JAJPUR**

**e-PROCUREMENT NOTICE NO. Tender Online 18 JJPT of 2025-26**

| | | |
|---|---|---|
| 1. | Name of work | : Road Work. |
| 2. | Total No of Work | : 1 No. Road Work |
| 3. | Estimated Cost (Approx.) | : Rs. 74.75 Lakhs |
| 4. | Period of Completion | : 30 Days |
| 5. | Class of Contractors | : "B" Class |

Other details as follows :

| | | |
|---|---|---|
| a) | Procurement Officer | : Superintending Engineer, Rural Works Division, Jajpur |
| b) | Availability of tender online & submission of bid | : 27.01.2026 at 10.00 A.M. to 06.02.2026 upto 5.00 PM |
| c) | Last date & time of seeking of tender clarification | : 05.02.2026 up to 5.00 PM |
| d) | Opening of Technical Bid | : 07.02.2026 at 11.30 A.M. |

Further details can be seen from the Govt. website www.tendersodisha.gov.in

**Note : If situation arises the transparent lottery will be held on 12.02.2026, At. 11:30 AM**

Sd/- Superintending Engineer
Rural Works Division, Jajpur

# ବିଜେପି ଶାସନରେ ସାଇବର ଅପରାଧ ଓ ଫେକ୍ ନ୍ୟୁଜ ବୃଦ୍ଧି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ବିଜେପି ସରକାର ଆସିବା ପରେ ସାଇବର ଅପରାଧ, ଫେକ୍ ନ୍ୟୁଜ ଓ ନକଲି ସୋସିଆଲ୍ ମିଡିଆ ଆକାଉଣ୍ଟର ବୃଦ୍ଧି ନେଇ ବିଜୁ ଜନତା ଦଳ ଗଭୀର ଚିନ୍ତା ପ୍ରକଟ କରିଛି । ଏପରି ମାମଲାରେ ଏଫଆଇଆର ରେଜିଷ୍ଟ୍ରେସନ୍ ଓ ଠିକ୍ ତଦନ୍ତ ପ୍ରତି ପୋଲିସ ପ୍ରଶାସନର ଉଦାସୀନ ଭାବ ଯୋଗୁଁ ସାଇବର ଅପରାଧର ଶିକାର ହେଉଥିବା ଲୋକ ମାନେ ନ୍ୟାୟରୁ ବଞ୍ଚିତ ହେଉଛନ୍ତି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ କହିଥିଲେ ଯେ, ୨୨.୦୧.୨୦୨୬ ତାରିଖରେ ଏକ ନକଲି ବହିଷ୍କାର ଆଦେଶ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି । ଯେଉଁଥିରେ ଜ୍ୟୋତି ପାଣିଗ୍ରାହୀ, ପୂର୍ବତନ ବିଧାୟକ, ସିମୁଳିଆଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଛି ବୋଲି ଉଲ୍ଲେଖ ହୋଇଛି । ଏଥିରେ ବିଜେଡି ଉପସଭାପତି ପ୍ରତାପ ଜେନାଙ୍କ ନକଲି ଦସ୍ତଖତ ବ୍ୟବହାର କରାଯାଇଛି । ଡ଼ ମାଝୀ ସ୍ପଷ୍ଟ କରିଥିଲେ ଯେ, ଏପରି କୌଣସି ବହିଷ୍କାର ଆଦେଶ କେବେ ବି ଜାରି ହୋଇନାହିଁ ଓ ଉକ୍ତ ପତ୍ରରେ ଉଲ୍ଲେଖ ଚିଠି ନମ୍ବର ମଧ୍ୟ ଭୁଲ୍ ।

ଡ. ମାଝୀ ଆହୁରି କହିଥିଲେ ଯେ, ଏହି ନକଲି ବହିଷ୍କାର ଆଦେଶକୁ ମୁକ୍ତିକାନ୍ତ ସ୍ୱାଇଁ ବିଜେପି, ସ୍ୱାଭିମାନ ଯୁବକ ଭଳି ବ୍ଲୁ ଟିକ୍ ଥିବା ଅନେକ ଭେରିଫାଏଡ୍ ଫେସବୁକ୍ ଆକାଉଣ୍ଟ ମାଧ୍ୟମରେ ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ପ୍ରଚାର କରାଯାଇଛି । ଶନିବାର ଅପରାହ୍ନରେ ଡ଼ ମାଝୀ ଭିଏସ୍‌ଏସ୍ ନଗର, ଭୁବନେଶ୍ୱରର ସାଇବର ପୋଲିସ ଥାନାକୁ ଯାଇ ମିଛ ବହିଷ୍କାର ଆଦେଶ ବିରୋଧରେ ଏଫଆଇଆର ଦାଖଲ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ପୋଲିସ ଏଫଆଇଆର ରେଜିଷ୍ଟର କରିବାକୁ ଅସ୍ୱୀକାର କରି କେବଳ ଷ୍ଟେସନ୍ ଡାଏରୀ ଏଣ୍ଟ୍ରି କରିଥିଲା । ସେହିପରି ୧୯.୦୧.୨୦୨୬ରେ ବିଜେଡିର ନେତା ଓ କାର୍ଯ୍ୟକର୍ତ୍ତାଙ୍କ ନାମରେ ଖୋଲାଯାଇଥିବା କିଛି ନକଲି ଫେସବୁକ୍ ଆକାଉଣ୍ଟ ବିରୋଧରେ ଏଫଆଇଆର ଦାଖଲ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଏଫଆଇଆର ରେଜିଷ୍ଟର ହୋଇନାହିଁ କିମ୍ବା ସେଗୁଡିକୁ ହଟାଇବା ପାଇଁ ପୋଲିସ୍ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ଯେତେବେଳେ ରାଜ୍ୟର ପ୍ରମୁଖ ବିରୋଧୀ ଦଳର ଅଭିଯୋଗକୁ ଅଣଦେଖା କରାଯାଉଛି, ସେତେବେଳେ ସାଧାରଣ ଲୋକ କିପରି ନ୍ୟାୟ ପାଇବ ବୋଲି ଡ଼ ମାଝୀ ପ୍ରଶ୍ନ କରିଛନ୍ତି । ବିଜେପିର ୧୮ ମାସର ଶାସନକାଳରେ ସାଇବର ଅପରାଧ ଓ ଫେକ୍ ନ୍ୟୁଜ୍ ଗୁରୁତର ସମସ୍ୟାରେ ପରିଣତ ହୋଇଥିବା ବେଳେ ସରକାର ସାଇବର ଅପରାଧ ତଦନ୍ତ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ପୋଲିସ ଏଫଆଇଆର ରେଜିଷ୍ଟର କରିବାରେ କାହିଁକି ଅନିଚ୍ଛା ପ୍ରକାଶ କରୁଛି, ତାକୁ ନେଇ ଡ଼ ମାଝୀ ପ୍ରଶ୍ନ କରିଛନ୍ତି । ଡ. ମାଝୀ ଅଭିଯୋଗ କରିଥିଲେ ଯେ, ବିଜେପି ସରକାର ଉଦ୍ଦେଶ୍ୟପୂର୍ଣ୍ଣ ଭାବେ ଫେକ୍ ନ୍ୟୁଜ୍ ପ୍ରଚାରକୁ ପ୍ରୋତ୍ସାହନ ଦେଉଛି ।

### କିସ୍‌ରେ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଦିନିକିଆ ଜାତୀୟ ଆଲୋଚନାଚକ୍ର

# ଯୋଗଦେଲେ ନିତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରୀ

ଭୁବନେଶ୍ୱର, (ସବ୍ୟୁ): ସ୍ଥାୟୀ ବିକାଶ ଲକ୍ଷ୍ୟ ଓ କିସ୍: ପରିବର୍ତ୍ତନକାରୀ ଶିକ୍ଷା, ସ୍ୱେଚ୍ଛାସେବା ଓ ସମାଜ କୈନ୍ଦ୍ରିକ ପଦକ୍ଷେପ ମାଧ୍ୟମରେ ଭାରତର ସ୍ଥାୟୀ ବିକାଶ ଲକ୍ଷ୍ୟ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ଶୀର୍ଷକ ଉପରେ କିସ୍ ରେ ଶନିବାର ଦିନିକିଆ ଜାତୀୟ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରି ବିକଶିତ ଭାରତ ପରିପ୍ରେକ୍ଷୀରେ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଲେ, ଭାରତର ବିଭିନ୍ନ ରାଜ୍ୟ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ସହ ସମନ୍ୱୟ ରକ୍ଷାକରି ସ୍ଥାନୀୟ ସମସ୍ୟାର ମୁକାବିଲା କରୁଛନ୍ତି । ସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ



ଏକ ଗତିଶୀଳ ମଡେଲ ଭାବେ ଉଭା ହୋଇଛି । ରାଜ୍ୟ ସରକାର ଓ ଯୋଜନା ସଂଗଠନଗୁଡ଼ିକ ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ଏବଂ ଅନ୍ୟାନ୍ୟସ୍ତରରେ ସ୍ଥାନୀୟ ଲକ୍ଷ୍ୟ ସ୍ଥିର କରିବା ସହ ସେ ଦିଗରେ କାର୍ଯ୍ୟ କରି ଆସୁଛନ୍ତି । ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ ଭାରତର ସ୍ଥାନୀୟ ବିକାଶକୁ ବିଶ୍ୱ ପ୍ରଶଂସା କରି ଆସୁଛି ବୋଲି ସେ କହିଥିଲେ । ଏହି ଅବସରରେ ସେ କହିଲେ, ମୁଁ ତିନି ଥର ଓଡ଼ିଶା ଗସ୍ତରେ ଆସିଛି, ସେଥିରୁ ଆଜିର ଗସ୍ତ ସ୍ମରଣୀୟ ହୋଇରହିବ । କିସ୍ ଜରିଆରେ ଶିକ୍ଷା ମାଧ୍ୟମରେ ଓଡ଼ିଶା ରାଜ୍ୟ ତଥା ଭାରତର ଜନଜାତିଙ୍କ ଜୀବନରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଅଣାଯାଇପାରିଛି ତାହା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୃଷ୍ଟିକୋଣ ଓ ନିଷ୍ଠା ସୂଚୀତ କରୁଛି ବୋଲି ସେ କହିଥିଲେ । ଏଥିପାଇଁ ସେ ଶ୍ରୀ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଅନ୍ୟତମ ଅତିଥି, ନିତି ଆୟୋଗ ସଦସ୍ୟ ଅରବିନ୍ଦ ଭିର୍ମାନୀ ବିକଶିତ ଭାରତ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ । ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଡ. ପ୍ରଭାକର ସାହୁ କହିଲେ, କିସ୍ ହେଉଛି ସ୍ଥାୟୀ ବିକାଶ ମଡେଲର ପ୍ରତିଫଳନ । କିସ୍ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ଏକ ମାଧ୍ୟମ ଭାବରେ କାର୍ଯ୍ୟ କରୁଛି । ଅନ୍ୟମାନଙ୍କ ମଧ୍ୟରେ ୟୁଏନଡିପି ଓଡ଼ିଶା ମୁଖ୍ୟ ଆଭା ମିଶ୍ର; ୟୁଏନଏଫପିଏ ଓଡ଼ିଶା ମୁଖ୍ୟ ଡ ମହମ୍ମଦ ନଦୀମ୍ ନୁର; ଫ୍ରାନସର ଇଣ୍ଟରନ୍ୟାସନାଲ ଏକଜିକ୍ୟୁଟିଭ ସ୍କୁଲର ସହ-ପ୍ରତିଷ୍ଠାତା ଓ ସଭାପତି ଡ. ସୌଲା କିରିଆକୋସ୍; ପୂର୍ବତନ ଜାତିସଂଘ ପ୍ରାକଟିସନର ଆରୁଷି ରାୟ; କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା ପ୍ରମୁଖ ଜାତିସଂଘ ବିକାଶ ଲକ୍ଷ୍ୟ ଓ ସ୍ଥାନୀୟ ସ୍ତରରେ ଏହାର କାର୍ଯ୍ୟାକାରିତା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋର୍ଦ୍ଧା ସହରକୁ ଆସିଲା ଟାଇଟନ୍‌ର ନୂତନ ବ୍ରାଣ୍ଡ ଡୁକାଟି ଘଣ୍ଟା




ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହରରେ ଟାଇଟନର ନୂତନ ବ୍ରାଣ୍ଡ ଡୁକାଟି ଘଣ୍ଟା ଉପଲବ୍ଧ ହୋଇଛି । ସହରସ୍ଥିତ ନୂଆ ବସଷ୍ଟାଣ୍ଡ ଠାରେ ଏଚ.ଏଚ. ଟାଇମିସ୍ ସୋରୁମରେ ଏହି ଘଂଟା ଉପଲବ୍ଧ ରହିଛି । ଖୋରଧାର ଗଣମାଧ୍ୟମ ପ୍ରତିନିଧିମାନଙ୍କ ଗହଣରେ ସୋରୁମ୍‌ର ସତ୍ତ୍ୱାଧିକାରୀ ଅବଦୁଲ ବାରି, ବରିଷ୍ଠ ସାମ୍ବାଦିକ ତପନ କୁମାର ନାୟକ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ଗ୍ରହଣରେ ଡୁକାଟି ର ଶୁଭ ଉଦ୍‌ଘାଟନ କରାଯାଇଥିଲା । ଉକ୍ତ ଘଣ୍ଟାକୁ କିଣିବା ପାଇଁ ଗ୍ରାହକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଛି ।

# ହିଣ୍ଡାଲକୋ ହୀରାକୁଦ ତରଫରୁ ମେଧାବୀ ଛାତ୍ର ବୃତ୍ତି ସମ୍ମାନ

ଭୁବନେଶ୍ୱର (ସବ୍ୟୁ): (ଶନିବାର) ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନୟନ୍ନ ବିଭାଗ ଆନୁକୂଲ୍ୟରେ ହିଣ୍ଡାଲକୋ, ହୀରାକୁଦ ଅଞ୍ଚଳର ଉଚ୍ଚ ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଉଚ୍ଚ ଶିକ୍ଷା ନିମନ୍ତେ ଏହି ମେଧା ବୃତ୍ତି ପ୍ରଦାନ କରାଯାଇଛି । ହୀରାକୁଦ ଅଞ୍ଚଳର ୨୦୨୫ ବର୍ଷ ପାଇଁ ମାଟ୍ରିକ ପରୀକ୍ଷାରେ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡରେ ସର୍ବୋଚ ନମ୍ବର ରଖିଥିବା କୃତି ଛାତ୍ର ଛାତ୍ରୀ ମାନଙ୍କୁ ମେଧା ବୃତ୍ତି ପ୍ରଦାନ କରାଯାଇଅଛି ଓ ଏହି କାର୍ଯ୍ୟକ୍ରମରେ ପାରିପାର୍ଶ୍ୱିକ ଉନୟନ୍ନ ବିଭାଗ ଉପାଦେଷ୍ଟା । ସୁକାନ୍ତ ମହାପାତ୍ର, ସି.ଏସ.ଆର ର ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ, ରଜତ ସି.ଏସ.ଆର ମୁଖ୍ୟ ଜିତେଶ ରଥ ଅତିଥି ରୂପେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଆନନ୍ଦ ଚକ୍ରବର୍ତ୍ତୀ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେବା ସହ ସେମାନଙ୍କ ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମ ରେ, ସୁଶ୍ରୀ ଶୁହାନା ନାୟକ, ସୁଶ୍ରୀ ଲତିକା ବେହେରା, ଶୁଭ୍ରାଂଶୁ ସାହୁ, ସୁଶ୍ରୀ କରିଶ୍ମା ପ୍ରଧାନ,



ସୁଶ୍ରୀ ଅମ୍ରିତା ଜେନା, ସୁଶ୍ରୀ ବାଲମୀତ କୌର, ରୋଶନ ଡାକୁଆ, ସୁଶ୍ରୀ ସାଇସରିତା ସାମଲ, ସୁଶ୍ରୀ ଅଳକା ସାହୁ ଓ ସୁଶ୍ରୀ ନମ୍ରତା ସିଂ ପ୍ରଭୃତି ଛାତ୍ର - ଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଅଛି । ହୀରାକୁଦ ଅଞ୍ଚଳର ସମସ୍ତ ଉଚ୍ଚ ବିଦ୍ୟାଳୟ ୧୦ମ ପାସ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଏହି ମେଧା ବୃତ୍ତି ଚୟନ ପ୍ରକିୟା ହୋଇଥାଏ । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷକ- ଶିକ୍ଷୟତ୍ରୀ ମଧ୍ୟରୁ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ବିରେନ୍ଦ୍ର ପାଣିଗ୍ରାହୀ ହିଣ୍ଡାଲକୋ ହୀରାକୁଦ ଅଞ୍ଚଳରେ ଶିକ୍ଷାର ମାନଦଣ୍ଡ ବୃଦ୍ଧିପାଇଁ ବିଭିନ୍ନ ପ୍ରକାରର ପ୍ରୟାସକୁ ପ୍ରଶଂଶା କରିବାସହ ହୀରାକୁଦ ଅଞ୍ଚଳର ଛାତ୍ର-ଛାତ୍ରୀ ମାନେ ଏହି ସୁଯୋଗକୁ ବିନିଯୋଗକରୀ ଉପକୃତ ହେବାପାଇଁ ପରାମର୍ଶ ଦେଇଥିଲେ ।

# ଓଡିଆ ପ୍ରାଣ ପ୍ରବୋଧ କୁମାର ମିଶ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର (ସବ୍ୟୁ): ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ରକ୍ଷାର ଅନ୍ୟତମ ମୁଖ୍ୟ ପୁରୋଧା ତଥା ସେଠାର ଓଡ଼ିଆ ଭାଷାଭାଷୀଙ୍କ ସର୍ବମାନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିତ୍ୱ ପ୍ରବୋଧ କୁମାର ମିଶ୍ରଙ୍କ ଚକ୍ରଧରପୁର ଠାରେ ନିକଟରେ ପରଲୋକ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ନ୍ୟାସୀ ମଣ୍ଡଳର ସଭା ଗୃହରେ ଶ୍ରୀ ସୀତା ବଲ୍ଲଭ ମହାପାତ୍ର ଙ୍କ ସଭାପତିତ୍ୱ ରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ନ୍ୟାସୀ ମଣ୍ଡଳର ସାଧାରଣ ସମ୍ପାଦକ ଶ୍ରୀ ପର୍ଶୁରାମ ଦ୍ୱିବେଦୀ ଓ ଉତ୍କଳ ସମ୍ମିଳନୀ ର କେନ୍ଦ୍ରୀୟ କମିଟି ର ସଭାପତି ଅନନ୍ତ ପ୍ରସାଦ ଜେନା , ଅମର କବି ଶତପଥୀ ଓ ରାମ ନାରାୟଣ ମିଶ୍ର ସ୍ୱର୍ଗତ ମିଶ୍ରଙ୍କ ଆତିଥେୟତା ଓ ଓଡ଼ିଆ ଭାଷା ବଞ୍ଚାଇ ବା ପାଇଁ ତାଙ୍କର ଆଜୀବନ ଉଦ୍ୟମ ବିଷୟରେ ନିଜ ନିଜର ବ୍ୟକ୍ତିଗତ ଅନୁଭବ ବର୍ଣ୍ଣନା କରିବା ସହ ଝାଡ଼ଖଣ୍ଡରେ ଓଡ଼ିଆ କୁ ଦ୍ୱିତୀୟ ରାଜଭାଷା କରିବାରେ ସ୍ୱର୍ଗତ ପ୍ରବୋଧ ମିଶ୍ର ଓ ସ୍ୱର୍ଗତ ଡାକ୍ତର ବିଶ୍ୱନାଥ କରଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ । ଷଢ଼େଇକଳା ଓ ଖରସୁଆଁ ରେ ଓଡ଼ିଆ ବିଦ୍ୟାଳୟ ତଥା ଓଡ଼ିଆ ଶିକ୍ଷା କୁ ବଞ୍ଚାଇ ରଖିବାକୁ ପ୍ରବୋଧ ମିଶ୍ରଙ୍କ ସଂଗ୍ରାମ ଅବିସ୍ମରଣୀୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଲଡୁ କିଶୋର ପଢ଼ିଆରୀ, ପ୍ରଫେସର ଶରତ ଚନ୍ଦ୍ର ରଥ, ଆରତି କର, ମନୋଜ ଜେନା, କୈଳାଶ ଚନ୍ଦ୍ର ରଥ, ଶ୍ରୀବାସ ମହାପାତ୍ର, ବିରଜା ପ୍ରସାଦ ଶତପଥୀ ଓ ପ୍ରଭାତ ଦାଶ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ସଂଖ୍ୟାଲଘୁ ସଂପ୍ରଦାୟଙ୍କୁ ସୁରକ୍ଷା ଦେବାରେ ସରକାର ଉଦାସୀନ

# ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର, (ସବ୍ୟୁ) : ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟରେ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ଉପରେ ଅତ୍ୟାଚାର ପ୍ରତିବାଦରେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଘେରାଉ କରାଯାଇଥିଲା । ପ୍ରଦେଶ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡେ ଅଗ୍ରସର ହେଉଥିବାବେଳେ ବାରିକେଡ୍‌ଠାରେ ପୁଲିସ ସେମାନଙ୍କୁ ଅଟକାଇଥିଲା । ପୁଲିସ୍ ଓ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ପରେ ଘଟଣାସ୍ଥଳରୁ ସେମାନଙ୍କୁ ପୁଲିସ ଭ୍ୟାନ ଯୋଗେ ଉଠାଇ ନେଇଥିଲା । ଏହି ଅବସରରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଛନ୍ତି ଯେ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ବଢୁଥିବାବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ତୁପ ବସିଛନ୍ତି । ନିକଟରେ ପରଜଙ୍ଗ ଠାରେ ପାଦ୍ରୀ ବିପିନ ନାୟକଙ୍କୁ



ବଜରଙ୍ଗ ଦଳ ଓ ଆରଏସ୍‌ଏସ୍‌ର ସଭ୍ୟମାନେ ଯେଉଁଭଳି ଅମାନୁଷିକ ଅତ୍ୟାଚାର କଲେ ଏହା ଅକ୍ଷମଣୀୟ । ସେମାନେ ପାଦ୍ରୀଙ୍କୁ ନିର୍ମମ ଭାବେ ମାଡ ମାରିବା ସହ ତାଙ୍କ ବେକରେ ଏକ ଜୋତାମାଳ ପିନ୍ଧାଇଥିଲେ । ସେହିଭଳି ବାଲେଶ୍ୱରରେ ମହମ୍ମଦ ମକନ୍ଦର ନାମକ ଜଣେ ଗରୀବ ମୁସଲିମ୍ ଯୁବକଙ୍କୁ ଜୟଶ୍ରୀରାମ କହିବାକୁ ବାଧ କରାଗଲା । ପରେ ଏହି ନିଷ୍ଠୁର କଥାକଥିତ ନକଲି ହିନ୍ଦୁମାନେ ମକନ୍ଦରଙ୍କୁ ବାଡେଇ ବାଡେଇ ହତ୍ୟା କରିଦେଇଥିଲେ । ସେହିଭଳି ପଶ୍ଚିମବଙ୍ଗରୁ ଆସି ଗାଁ ଗାଁରେ ସାଇକେଲ ଧରି ଫେରି ବେପାର କରୁଥିବା ଗରୀବ ଲୋକଙ୍କୁ ବାଙ୍ଗଲାଦେଶୀ କହି ନିର୍ମମ ଅତ୍ୟାଚାର କରାଯାଉଛି ।

ଏହାକୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅସମର୍ଥ ନା ବିଜେପି ପକ୍ଷରୁ ଏପରି କରାଯିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ବୋଲି ଶ୍ରୀ ପାତ୍ର ପ୍ରଶ୍ନ କରିଛନ୍ତି । ଯଦି ମୁଖ୍ୟମନ୍ତ୍ରୀ ସଂଖ୍ୟାଲଘୁ ସଂପ୍ରଦାୟଙ୍କୁ ସୁରକ୍ଷା ଦେଇପାରୁନାହାନ୍ତି ତେବେ ଇସ୍ତଫା ଦିଅନ୍ତୁ । ଯୁବ କଂଗ୍ରେସ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ସୁରକ୍ଷା ଦାବି କରୁଛି । ଯଦି ସରକାର ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଶ୍ରୀ ପାତ୍ର କହିଛନ୍ତି । କାର୍ଯ୍ୟକ୍ରମରେ ୟାସିର ନଓ୍ୱାଜ, ମହମ୍ମଦ ଇମ୍ଦାଦ୍, ମନୋଜ ବିଶ୍ୱାଳ, ସୁଦୀପ ସାମଲ, ମହମ୍ମଦ ଗୁଲଫାମ୍, କିରଣ ସାହୁ, ଅଜୟ ସାହୁ, ଜାଭେଦ ଅକ୍‌ତାର, ଅମ୍ରେଶ ପରିଡା, ବଟକୃଷ୍ଣ ରାଉତରାୟ, କେଦାର ଦଳେଇ, ଆଲୋକ ଦାସ, ବଳରାମ ନନ୍ଦ, ବିରଞ୍ଚି ବାରିକ, ସାଇରଞ୍ଜନ ପଟ୍ଟନାୟକ ପ୍ରମୁଖ ବହୁ ଯୁବ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ସାମିଲ ଥିଲେ ।

# ଆଶା ପ୍ଲେ ସ୍କୁଲରେ ବାଗଦେବୀଙ୍କ ପୂଜା ଅନୁଷ୍ଠିତ

ଜଟଣୀ, (ସବ୍ୟୁ) : ପବିତ୍ର ବସନ୍ତ ପଞ୍ଚମୀ ଓ ମା ସରସ୍ୱତୀଙ୍କ ପୂଜା ଜଟଣୀର ସର୍ବପୁରାତନ ଶିଶୁ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟ ଆଶା ପ୍ଲେ ସ୍କୁଲ ପରିସରରେ ଧୁମଧାମ ସହକାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ବିଦ୍ୟାଳୟର ଅଧକ୍ଷା ବିଜୟିନୀ ଦାଶ ବିଦ୍ୟାଦାୟିନୀ ମା' ସର'ବତୀଙ୍କ ଅପାର କୃପାରୁ ବିଦ୍ୟାର୍ଥୀଙ୍କ ଜୀବନ ଜ୍ଞାନର ଆଲୋକରେ ଆଲୋକିତ ହେଉ ବୋଲି ସମସ୍ତଙ୍କ ପାଇଁ ମଙ୍ଗଳକାମନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅନ୍ୟମାନଙ୍କ ମଧ୍ୟରେ ଇଁ ଅଂଶୁମାନ ଶତପଥୀ, ଇଲ୍ଲା ସାମନ୍ତରାୟ, ଦିପ୍ତିମୟୀ ମଙ୍ଗରାଜ, ଜୟଲକ୍ଷ୍ମୀ କାନୁନଗୋ, ପୂଜା ସାମନ୍ତରା ପ୍ରମୁଖ ପରିଚାଳନା କରିଥିଲେ ।

# ପଦ୍ମଶ୍ରୀ ଡ଼. ଜିତେନ୍ଦ୍ର ହରିପାଲଙ୍କୁ ରାଜ୍ୟସଭାକୁ ପଠାଯିବା ନେଇ ଉଠିଲା ଦାବି

ଭୁବନେଶ୍ୱର/ସମ୍ବଲପୁର, (ସବ୍ୟୁ): ପଶ୍ଚିମ ଓଡିଶାର ବିଶିଷ୍ଟ ଲୋକ ଗାୟକ ପଦ୍ମଶ୍ରୀ ଡ଼କଟର ଜିତେନ୍ଦ୍ର ହରିପାଲଙ୍କୁ ରାଜ୍ୟସଭାକୁ ପଠାଇବା ପାଇଁ ତିନି ପ୍ରମୁଖ ରାଜନୈତିକ ଦଳଙ୍କୁ ଦାବି ସହ ଅନୁରୋଧ କଲା ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ । ଏନେଇ ସମ୍ବଲପୁର ସାମ୍ବାଦିକ ଭବନ ଠାରେ ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଅଧକ୍ଷ ନିହାଲ ସିଂ ଓଡ଼ିଶାର ତିନି ପ୍ରମୁଖ ଦଳ ଆଗରେ ସର୍ବଦଳ ସହମତି କ୍ରମେ ରାଜ୍ୟସଭା ସଦସ୍ୟ କରାଯାଉ ବୋଲି ଦାବି କରିଛନ୍ତି । ଓଡ଼ିଶାରୁ ଚାରୋଟି ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ଏପ୍ରିଲ ମାସରେ ଶେଷ ହେଉଛି । ଏହି ପରିପ୍ରେକ୍ଷୀରେ ଗୋଟିଏ ରାଜ୍ୟସଭା ପଦବୀ ପାଇଁ ସର୍ବସହମତି ଭିତ୍ତିରେ ତିନି ପ୍ରମୁଖ ଦଳ ପଶ୍ଚିମ ଓଡ଼ିଶାର କଳା ସଂସ୍କୃତି ଓ ଭଲ ପାଉଥିବା କଳାପ୍ରେମି ଓ




ଦଳିତଙ୍କ ସମାଜକୁ ଡ଼. ଜିତେନ୍ଦ୍ର ହରିପାଲଙ୍କୁ ମନୋନୀତ କରନ୍ତୁ ବୋଲି ଅନୁରୋଧ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ମହାସଚିବ ଡ. ସୁଶିଲ କୁମାର ବେହେରା ଉପମହାସଚିବ ଭାଗିରଥି ପଣ୍ଡା, ହାସ୍ୟ ଅଭିନେତା ବିନ୍ଦୁ ପ୍ରମୁଖ ଉପସ୍ଥିତ ରହି ପଦ୍ମଶ୍ରୀ ଡ. ଡ଼.ହରିପାଲ ଜଣେ ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ଭାଷା ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇ ଥିବା ଆଗଧାଡିର କ= ଶିଳ୍ପୀ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ । ଏଭଳି ଜଣେ ବ୍ୟକ୍ତିଙ୍କୁ ବିଜେପି ବିଜେଡି କଂଗ୍ରେସ ରାଜ୍ୟସଭାକୁ ପଠାଇଲେ କଳା ସଂସ୍କୃତିର ଉନ୍ନତି ଦ୍ୱିଗୁଣିତ ହେବ ବୋଲି କୁହାଯାଇଛି ।

### ବେଦାନ୍ତ ଭାରତର ଉତ୍ପାଦନ କ୍ଷେତ୍ରରେ

# ୨,୫୦୦ କୋଟି ଟଙ୍କାର ସର୍ବବୃହତ କର୍ମଚାରୀ ଇକ୍ୱିଟି ଅନୁଦାନ ପ୍ରଦାନ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ଅଗ୍ରଣୀ ଧାତୁ, ତୈଳ ଏବଂ ଗ୍ୟାସ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସମନ୍ୱୟ ବେଦାନ୍ତ ଲିମିଟେଡ୍ (ଏନଏସଇ:ଭିଇଡିଏଲ) ଗତ ୫ ବର୍ଷ ମଧ୍ୟରେ ସ୍ଥାୟୀ କର୍ମଚାରୀ ଷ୍ଟକ୍ ବିକଳ୍ପ (ଇଏସଓପି) ଅନୁଦାନ ମାଧ୍ୟମରେ କର୍ମଚାରୀମାନଙ୍କ ପାଇଁ ପ୍ରାୟ ୨,୫୦୦ କୋଟି ଟଙ୍କାର କ୍ରମାଗତ ଆର୍ଥିକ ଯୋଗଦାନ ସୃଷ୍ଟି କରିଛି । ଏହା ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟାପକ-ଆଧାରିତ ସମ୍ପତି ସୃଷ୍ଟି ପଦକ୍ଷେପ ମଧ୍ୟରୁ ଗୋଟିଏ । ସଦ୍ୟତମ, ଏଥି ଇଏସଓପି ୨୦୨୫ ଅନ୍ତର୍ଗତ ୫୦୦ କୋଟିରୁ ଅଧିକ ମୂଲ୍ୟର ଷ୍ଟକ୍ ବିକଳ୍ପ ଅନ୍ତର୍ଭୁକ୍ତ, ଯାହା ଫ୍ରେସର୍ସ ସମେତ ପ୍ରାୟ ୧,୨୦୦ ପ୍ରଥମ ଥର ପାଇଁ ପ୍ରାପ୍ତ କରିଥିବା ଗ୍ରାହକଙ୍କୁ ସଶକ୍ତ କରିଥାଏ । ବେଦାନ୍ତର ଇଏସଓପି ମଡେଲ୍ ଦେଶର ସବୁଠାରୁ ଅନ୍ତର୍ଭୁକ୍ତିମୂଳକ ମଧ୍ୟରୁ ଗୋଟିଏ, ଯାହାକି ପ୍ଲାଣ୍ଟ, କାର୍ଯ୍ୟ ଏବଂ କ୍ୟାରିଅର ସ୍ତରରେ ଏହା ଫ୍ରେସର୍ସ ଏବଂ ପ୍ରାରମ୍ଭିକ-କ୍ୟାରିଅର ବୃତ୍ତିଗତମାନଙ୍କୁ ଅନୁଦାନ ପ୍ରଦାନ କରେ, ଯେଉଁମାନେ ମାନକ ତିନି ବର୍ଷର ଭେଷ୍ଟିଂ



ଚକ୍ରରେ ସ୍ଥିର ଦରମାର ପ୍ରାୟ ୩୦% ପରିମାଣର ଆବଂଟନ ପାଇଁ ଯୋଗ୍ୟ, ଯାହା ବେଦାନ୍ତକୁ ଫ୍ରେସର୍ସମାନଙ୍କୁ ଇଏସଓପି ପ୍ରଦାନ କରୁଥିବା ଏକମାତ୍ର ଗୋଷ୍ଠୀ ମଧ୍ୟରୁ ଅନ୍ୟତମ ଅଟେ । ଏହାର ପ୍ରାୟ ୪୦% କର୍ମଚାରୀଙ୍କୁ କଭର କରିଥାଏ । ୨୦ ବର୍ଷରୁ ଅଧିକ ନିରନ୍ତର ଇଏସଓପି ପ୍ରଶାସନ ସହିତ, କର୍ମଚାରୀ ମାଲିକାନା ସଂଗଠନର ସଂସ୍କୃତିରେ ଗଭୀର ଭାବରେ ସନ୍ନିବେଶିତ ହୋଇଛି । ବେଦାନ୍ତର ଇଏସଓପି ଗଠନର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଯେ ସେୟାରଗୁଡ଼ିକୁ ୧ ଟଙ୍କା ର ଏକ ରିହାତି ମୂଲ୍ୟରେ ଆବଂଟନ କରାଯାଏ, ଯାହା ସର୍ବନିମ୍ନ ଆଗୁଆ ନିବେଶ ସହିତ ବେଦାନ୍ତର ସହଭାଗୀ ମାଲିକାନା ଏବଂ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି ପ୍ରତି ପ୍ରତିବଦ୍ଧତାକୁ ସୁଦୃଢ଼ କରିଥାଏ । ବର୍ଷ ବର୍ଷ ଧରି ସ୍ଥିର ସେୟାର ମୂଲ୍ୟ ବୃଦ୍ଧି ସହିତ, ବିଶେଷକରି ବର୍ତ୍ତମାନ ବେଦାନ୍ତର ସେୟାର ସର୍ବକାଳୀନ ଉଚ୍ଚତା ଦେଖୁଥିବାରୁ, ଇଏସଓପି ହଜାର ହଜାର କର୍ମଚାରୀଙ୍କୁ ଘର କିଣିବା, ଉଚ୍ଚଶିକ୍ଷା ପାଇଁ ପାଣ୍ଠି ଯୋଗାଇବା, ସେମାନଙ୍କର ପ୍ରଥମ କାର କିଣିବା, ସେମାନଙ୍କ ପରିବାରକୁ ସମର୍ଥନ କରିବା କିମ୍ବା ଦୀର୍ଘକାଳୀନ ସଂଚୟ ନିର୍ମାଣ କରିବା ଭଳି ପ୍ରମୁଖ ଜୀବନ ମାଇଲଖୁଣ୍ଟ ହାସଲ କରିବାରେ ସକ୍ଷମ କରିଛି । ଇଏସଓପି ୨୦୨୨ର ସାମ୍ପ୍ରତିକ ଭେଷ୍ଟିଂ ଚକ୍ର ୮୦% ରୁ ଅଧିକ ସେୟାର ମୂଲ୍ୟ ବୃଦ୍ଧି ପ୍ରଦାନ କରିଛି, କର୍ମଚାରୀମାନଙ୍କ ପାଇଁ ୩୦୦ କୋଟି ଟଙ୍କାରୁ ଅଧିକ ସମ୍ପତି ସୃଷ୍ଟି କରିଛି, ଯାହା ସଂଗଠନିକ କାର୍ଯ୍ୟଦକ୍ଷତା ଏବଂ କର୍ମଚାରୀ ପୁରସ୍କାର ମଧ୍ୟରେ ଦୃଢ଼ ସମ୍ପର୍କକୁ ପ୍ରତିଫଳିତ କରେ । ଏହି ଆଭିମୁଖ୍ୟ ବେଦାନ୍ତର ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ କର୍ମଚାରୀମାନଙ୍କୁ ସଶକ୍ତ କରିବା, କ୍ୟାରିୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ଏବଂ ସମଗ୍ର ସଂଗଠନରେ ସମାନ ଆର୍ଥିକ ସୁଯୋଗ ସୃଷ୍ଟି କରିବା ଦୃଷ୍ଟିକୋଣରୁ ଉତ୍ପନ୍ନ ହୋଇଛି, ବିଶେଷକରି ଯୁବ ବୃତ୍ତିଗତ ଏବଂ ମହିଳାମାନଙ୍କ ପାଇଁ ଉପଲବ୍ଧ ଅଟେ ।

# ବାବା ଶ୍ୟାମ ମହୋତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ମାରୁୱାଡ଼ି ସମ୍ପ୍ରଦାୟ ପକ୍ଷରୁ ବାବା ଶ୍ୟାମ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ରାଜସ୍ଥାନର ଖାଟୁ ଅଂଚଳରେ ଏହା ବ୍ୟାପକ ଭାବେ ପାଳିତ ହେଉଥିବା ବେଳେ ଖୋର୍ଦ୍ଧାରେ ମଧ୍ୟ ଏହାକୁ ଆନନ୍ଦରେ ପାଳନ କରାଯାଇଛି । ଖୋର୍ଦ୍ଧା ସହରସ୍ଥିତ ମାରୁୱାଡ଼ି ପଟି ଧର୍ମଶାଳାରୁ ଏକ ସୁସଜ୍ଜିତ ରଥ ବାହାରି ମେନ୍‌ରୋଡ଼ ଦେଇ ଗୋଡ଼ିପୋଖରୀସ୍ଥିତ ଲକ୍ଷ୍ମୀନାରାୟଣ ମଣ୍ଡପ ଠାରେ ପହଁଚିଥିଲା । ବାଜା, ଢୋଲ, ଶଙ୍ଖଧ୍ୱନି, ଜୟକାରା ଧ୍ୱନିରେ ସହରର ପ୍ରକମ୍ପିତ ହୋଇଥିଲା । ରାଜସ୍ଥାନ ଅଲୁଅର ଅଂଚଳରୁ ଆସିଥିବା ଗୌରବ ଦତ ଏବଂ ଟାଟା ଜାମସେଦ୍‌ପୁର ଅଂଚଳରୁ ଆସିଥିବା ସୋମି ଚୌଧୁରୀ କିର୍ତନ ପରିବେଶଣ କରିଥିଲେ । ସେହିପରି କଲିକତା ଅଂଚଳରୁ ଆସିଥିବା ଅଙ୍କିତ ପୋହାର ସାଂସ୍କୃତିକ ଗ୍ରୁପ୍ ଦ୍ୱାରା ରଙ୍ଗାରଙ୍ଗ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଜିବ ଅଗ୍ରୱାଲ, ବିକାଶ ଅଗ୍ରୱାଲ, ଜ୍ୟୋତିରଂଜନ ଅଗ୍ରୱାଲ(ମୁନା), ସୋ÷ରଭ ଅଗ୍ରୱାଲ, କାଲୁ ଶର୍ମା, ରାଜୁ ମୋଦି, ରୀତା ଅଗ୍ରୱାଲ, ସାରଳା ଅଗ୍ରୱାଲ, ଦିପ୍ତି ଶର୍ମା ଏବଂ ସୁନିତା ଅଗ୍ରୱାଲ ପରିଚାଳନା କରିଥିଲେ । ଏଥିରେ ସହର ଏବଂ ଆଖପାଖ ଅଂଚଳର ମାରୁୱାଡ଼ି ସମ୍ପ୍ରଦାୟର ଶତାଧିକ ମହିଳା, ପୁରୁଷ ଏବଂ ଯୁବପିଢି ଭକ୍ତ ସାମିଲ ହୋଇଥିଲେ ।

ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା




ମୟଙ୍କ କେଶବ ବେହେରା
ମହଲା ସାହି, ବାଲକାଟି
ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ତୋର ଚଲାପଥ କୁସୁମିତ କରନ୍ତୁ । ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ, ଏତିକି ଆମମାନଙ୍କ ପ୍ରାର୍ଥନା ।
ଶୁଭେଚ୍ଛା ଓ ଆଶୀର୍ବାଦ ସହ
ବନ୍ଧୁ ଓ ପରିବାରବର୍ଗ ।

# ଖରାଦିନ ପୂର୍ବରୁ ଶୁଖିଲା ଦିଲ୍ଲୀର ଟ୍ୟାପ୍



**ନୂଆଦିଲ୍ଲୀ:** ପ୍ରବଳ ଶୀତ ଏବଂ ଥଣ୍ଡାରେ ଉତ୍ତର ଭାରତ ଆଉଟୁ ପାଉଟୁ ହେଉଛି। ଶୀତଋତୁ ଆହୁରି ପ୍ରାୟ ମାସେ ରହିବ। ଅନ୍ୟପଟରେ ଖରାଦିନ ଆରମ୍ଭ ନହେଉଣୁ ଦିଲ୍ଲୀରେ ଜଳ ସମସ୍ୟା ବଢ଼ିବାରେ ଲାଗିଲାଣି। ଶୀତ ନଯାଉଣୁ ଶୁଖିଲା ପଡ଼ିଲାଣି ଦିଲ୍ଲୀର ଟ୍ୟାପ୍ ଏବଂ ନଳ। ଆଉ ଗୋଟିଏ ମାସ ପରେ ଖରାଦିନ ଆସିବ, ପୁଣି ପାଣି ଟ୍ୟାଙ୍କର ପାଖରେ ଲୋକଙ୍କ ଲାଇନ୍ ଲାଗିବ। ତେବେ ଯମୁନା ନଦୀରେ ଆମୋନିଆ ସ୍ତର ହଠାତ୍ ବୃଦ୍ଧି ପାଇବା ଯୋଗୁଁ ଜଳ ଶୋଧନଗୁଡ଼ିକର କ୍ଷମତା ବହୁତ ହ୍ରାସ ପାଇଛି। ଉତ୍ତରରୁ ପଶ୍ଚିମ ଦିଲ୍ଲୀ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଘରେ ଟ୍ୟାପ୍ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଲୋକମାନେ ପାନୀୟ ଜଳ ପାଇଁ ଘରୋଇ ଟ୍ୟାଙ୍କର ଏବଂ ମହଙ୍ଗା ବୋତଲ ପାଣି ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି। ଏହି ସଙ୍କଟର ମୁଖ୍ୟ କାରଣ ହେଉଛି ମୁନକ କେନାଲର ମରାମତି ଏବଂ ହରିୟାଣା ଦ୍ୱାରା ଦିଲ୍ଲୀ ଶାଖା କେନାଲକୁ ବନ୍ଦ କରିବା।

# ଆବୁଧାବିରେ ରୁଷ-ୟୁକ୍ରେନ ଶାନ୍ତି ଆଲୋଚନା

**ଆବୁଧାବି:** ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସର ରାଜଧାନୀ ଆବୁଧାବିରେ ଏକ ମହାମନ୍ଥନ ଚାଲିଛି। ଏହି ତ୍ରିପାକ୍ଷିକ ବୈଠକରେ ଆମେରିକୀୟ ମଧ୍ୟସ୍ଥି ଭାବେ ଅଂଶଗ୍ରହଣ କରିଛନ୍ତି। ଏହାକୁ ରୁଷ-ୟୁକ୍ରେନ ଯୁଦ୍ଧରେ ଶାନ୍ତି ପାଇଁ ଏକ ପ୍ରମୁଖ ପଦକ୍ଷେପ ଭାବରେ ବିବେଚନା କରାଯାଉଛି। ଚାରି ବର୍ଷ ଧରି ଚାଲିଥିବା ଏହି ଭୟଙ୍କର ଯୁଦ୍ଧକୁ ବନ୍ଦ କରିବାରେ ଆଞ୍ଚଳିକ ବିବାଦ ଏବେ ବି ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି। ବର୍ତ୍ତମାନ ସୁଦ୍ଧା ଆଲୋଚନାକାରୀଙ୍କ ମଧ୍ୟରେ କୌଣସି ଠୋସ୍ ଚୁକ୍ତିର ସ୍ପଷ୍ଟ ସଙ୍କେତ ମିଳୁନାହିଁ। ଫଳରେ ବିଶ୍ୱରେ ଏନେଇ ଚିନ୍ତା ବୃଦ୍ଧି ପାଉଛି। ଆବୁଧାବିରେ ଆରମ୍ଭ ହୋଇଥିବା ଏହି ବୈଠକ ଶନିବାର ସକାଳ ପର୍ଯ୍ୟନ୍ତ ଜାରି ରହିଥିଲା। ଆଲୋଚନାରେ ଆଞ୍ଚଳିକ ପ୍ରସଙ୍ଗଗୁଡ଼ିକୁ ପ୍ରାଥମିକତା ଦିଆଯାଇଛି। ୟୁକ୍ରେନ୍ ଓ ରୁଷର ଆଲୋଚନାକାରୀମାନେ ଶତ୍ରୁତାକୁ ରୋକିବା ପାଇଁ ଦୀର୍ଘ ଆଲୋଚନା କରିଥିଲେ, କିନ୍ତୁ ପ୍ରାରମ୍ଭିକ ଫଳାଫଳ କମ୍ ଉତ୍ସାହଜନକ ରହିଥିଲା। ଉଭୟ ପକ୍ଷ ସେମାନଙ୍କ ସ୍ଥିତିରେ ଅଟଳ ରହିଥିବାରୁ ଦୁଇ ଦେଶ ମଧ୍ୟରେ କୌଣସି ବଡ଼ ଚୁକ୍ତି ହୋଇ ପାରିନାହିଁ।

ଶକ୍ତି ସଙ୍କଟ ଚାପ

ୟୁକ୍ରେନ ପ୍ରବଳ ଥଣ୍ଡା ଓ ଗମ୍ଭୀର ଶକ୍ତି ସଙ୍କଟର ସମ୍ମୁଖୀନ ହେଉଥିବା ସମୟରେ ରୁଷ-




ୟୁକ୍ରେନ ଶାନ୍ତି ଆଲୋଚନା ହେଉଛି, ଯାହା ସାଧାରଣ ଜୀବନଯାତ୍ରାକୁ ବ୍ୟାହତ କରୁଛି। ଶକ୍ତି ବ୍ୟବସ୍ଥା ଉପରେ ରୁଷର ଆକ୍ରମଣ ଯୋଗୁ କିଭ୍ ଭଳି ପ୍ରମୁଖ ସହରରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି। ତାପମାତ୍ରା ଶୂନ୍ ତଳକୁ ଖସିଯାଇଥିବାବେଳେ ଯୁଦ୍ଧ ବନ୍ଦ କରିବା ଓ ଶାନ୍ତି ଫେରାଇ ଆଣିବା ପାଇଁ ଆମେରିକା ମଧ୍ୟ ୟୁକ୍ରେନ ଉପରେ ଚାପ ବୃଦ୍ଧି କରୁଛି।

ଆଞ୍ଚଳିକ ବିବାଦ ପ୍ରସଙ୍ଗ

ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନକୁ ଡୋନେଟସ୍କ ଅଞ୍ଚଳର ଡୋନବାସର ୨୦ ପ୍ରତିଶତ ହସ୍ତାନ୍ତର କରିବାକୁ ଦାବି କରୁଛନ୍ତି ଯାହାକୁ ବର୍ତ୍ତମାନ ସେ ନିଜ ଦଖଲକୁ ନେଇଛନ୍ତି। ଏହି ବିବାଦୀୟ ଅଞ୍ଚଳର କ୍ଷେତ୍ରଫଳ ପ୍ରାୟ ୫,୦୦୦ ବର୍ଗ କିଲୋମିଟର। ପୁଟିନ ଯୁଦ୍ଧ ବନ୍ଦ କରିବା ପାଇଁ ଯେକୌଣସି ମୂଲ୍ୟରେ ଏହାକୁ ହାସଲ କରିବାକୁ ଚାହୁଁଛନ୍ତି। ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନସ୍କି ସ୍ପଷ୍ଟ କରିଛନ୍ତି ଯେ, ସେ ସେହି ଅଞ୍ଚଳଗୁଡ଼ିକୁ ଛାଡିବେ ନାହିଁ ଯାହାକୁ ରୁଷ ଚାରି ବର୍ଷ ମଧ୍ୟରେ ଜିତିପାରିନାହିଁ।

ତ୍ରିପାକ୍ଷିକ ଆଲୋଚନାର ଗୁରୁତ୍ୱ

ରାଷ୍ଟ୍ରପତି ଜେଲେନସ୍କି ଡାଭୋସରେ କହିଥିଲେ ଯେ, ଯୁଦ୍ଧ ଆରମ୍ଭ ହେବା ପରେ ଆବୁଧାବି ବୈଠକ ହେଉଛି ପ୍ରଥମ ତ୍ରିପାକ୍ଷିକ ବୈଠକ। ସମାଧାନ ଖୋଜିବା ପାଇଁ ଆମେରିକୀୟ ମଧ୍ୟସ୍ଥତାରେ ୟୁକ୍ରେନ୍ ଓ ରୁଷର ପ୍ରତିନିଧିମାନେ ସାମିଲ ହୋଇଛନ୍ତି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ପୂର୍ବ ବୈଠକ ୨୦୨୨ରେ ଇସ୍ତାନବୁଲରେ ହୋଇଥିଲା। ବିଶେଷଜ୍ଞଙ୍କ ଅନୁସାରେ ଯଦି ବିବାଦୀୟ ଅଞ୍ଚଳ ଉପରେ ଦୁଇ ଦେଶ ମଧ୍ୟରେ କୌଣସି ଚୁକ୍ତି ନହୁଏ, ତେବେ ଯୁଦ୍ଧ ଅଧିକ ଲମ୍ବା ହେବାର ସମ୍ଭାବନା ରହିଛି।

# ଯିଏ ଗ୍ରୀନଲାଣ୍ଡକୁ ଶାସନ କରିବ, ସେ ମହାକାଶର ରାଜା ହେବ !




**ୱାଶିଂଟନ:** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରତିଦିନ ଗ୍ରିନ୍ଲାଣ୍ଡ ଉପରେ ତାଙ୍କର ମତ ବଦଳାଉଛନ୍ତି। କେତେବେଳେ ସେ ଧମକ ଦେଉଛନ୍ତି ତ ଅନ୍ୟ କେତେବେଳେ ସେ ଆମେରିକାର ଅନୁଗ୍ରହ ମନେ ପକାଇ ଦେଉଛନ୍ତି। ଆଉ କେତେବେଳେ ସେ ସାମରିକ ଶକ୍ତି ବ୍ୟବହାର ନକରିବାକୁ ପ୍ରତିଜ୍ଞା କରୁଛନ୍ତି। ଏସବୁ ମଧ୍ୟରେ, ଗୋଟିଏ କଥା ସ୍ଥିର ରହିଛି। ସେ ନିରନ୍ତର ଜୋର ଦେଉଛନ୍ତି ଯେ, ଆର୍କଟିକ ଦ୍ୱୀପ ଆମେରିକା ପାଇଁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ। ଟ୍ରମ୍ପ ଏହା କରୁଛନ୍ତି କାରଣ ସାମରିକ ବ୍ୟବହାର ପାଇଁ ବାହ୍ୟ ମହାକାଶରେ ନିୟୋଜିତ ଉପଗ୍ରହ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଭବିଷ୍ୟତରେ ଗ୍ରିନ୍ଲାଣ୍ଡ ବାହ୍ୟ ମହାକାଶ ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକ ଶକ୍ତିଶାଳୀ ଆଧାର ହେବାକୁ ଯାଉଛି।

ସାରା ବିଶ୍ୱରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ, ଏହି ଦ୍ୱୀପ ଭୂରାଜନୈତିକ ଚାପର କେନ୍ଦ୍ରବିନ୍ଦୁ ପାଲଟିଛି। ଏହ ଦର୍ଶାଉଛି ଯେ, ପୁରୁଣା ଅନ୍ତର୍ଜାତୀୟ ଆଇନଗତ ବ୍ୟବସ୍ଥା ଦୁର୍ବଳ ହେବାକୁ ଆରମ୍ଭ କରିଛି। ଏହି ସମସ୍ତର କେନ୍ଦ୍ରରେ ପିଟୁଇଫିକ୍ ସ୍ପେସ୍ ବେସ୍ ଅଛି। ଯାହା ପୂର୍ବରୁ ଥୁଲେ ଏୟାର ବେସ୍ ଭାବରେ ଜଣାଶୁଣା ଥିଲା। ଏହା ଶୀତଳ ଯୁଦ୍ଧ ସମୟର ଏକ ପ୍ରମୁଖ ପୋଷ୍ଟ। ଏହା ବର୍ତ୍ତମାନ ଆମେରିକୀୟ ସେନାର ସ୍ପେସ୍ ଫୋର୍ସ ହବ୍ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଯାହା କ୍ଷେପଣାସ୍ତ୍ର ଚିହ୍ନଟ ଠାରୁ ଆରମ୍ଭ କରି ପାଣିପାଗ ନିରୀକ୍ଷଣ ପର୍ଯ୍ୟନ୍ତ ସବୁକିଛି ପାଇଁ ଅତ୍ୟାବଶ୍ୟକ। ଆଜିର ବିଶ୍ୱରେ, କକ୍ଷପଥ ଏକ ନୂତନ ରଣନୈତିକ ସମ୍ପତ୍ତି। ତେଣୁ, ଏହାକୁ ନିରୀକ୍ଷଣ କରିବାର କ୍ଷମତା ଯେକୌଣସି ଦେଶକୁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ସୁବିଧା ପ୍ରଦାନ କରିଥାଏ। ଗ୍ରିନ୍ଲାଣ୍ଡ ହେଉଛି ମହାକାଶ ନିୟନ୍ତ୍ରଣ ପାଇଁ ଏକ ଶକ୍ତିଶାଳୀ ଶକ୍ତି।

ଟ୍ରମ୍ପ ମହାକାଶ ନିୟନ୍ତ୍ରଣରେ ଗ୍ରିନ୍ଲଣ୍ଡର ଭୂମିକାକୁ ବୁଝିଛନ୍ତି। ସେଥିପାଇଁ ସେ ବାରମ୍ବାର ଥୁଲେକୁ ପ୍ରଶଂସା କରିଛନ୍ତି। ଏହାକୁ ପୃଥିବୀ ଉପରେ ଘଟୁଥିବା ଘଟଣାଗୁଡ଼ିକର ନିରୀକ୍ଷଣ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ମଧ୍ୟରୁ ଗୋଟିଏ ବୋଲି କହିଛନ୍ତି। ସେ ସେଠାରେ ଆମେରିକାର ଉପସ୍ଥିତି ବିସ୍ତାର କରିବା ପାଇଁ ସମସ୍ତ ବିକଳ୍ପ ବିଚାର କରିବାକୁ କହିଛନ୍ତି। ଘରୋଇ କ୍ଷେତ୍ରର କମ୍ପାନିଗୁଡ଼ିକ ବହୁ ସଂଖ୍ୟକ ରକେଟ୍ ଉତ୍କ୍ଷେପଣ କରୁଥିବାରୁ, ଗ୍ରିନ୍ଲାଣ୍ଡର ଭୌଗୋଳିକ ସ୍ଥିତି କିଛି ଅନନ୍ୟ ସୁବିଧା ପ୍ରଦାନ କରୁଛି। ରକେଟ୍ ଉତ୍କ୍ଷେପଣରେ ଉଚ୍ଚ-ଅକ୍ଷାଂଶ ସ୍ଥାନଗୁଡ଼ିକ ଧ୍ରୁବୀୟ ଓ ସୂର୍ଯ୍ୟ-ସମକାଳୀନ କକ୍ଷପଥରେ ପେଲୋଡ୍ ପାଇଁ ଉପଯୁକ୍ତ। ସୂର୍ଯ୍ୟ-ସମକାଳୀନ କକ୍ଷପଥ ଏକ ବିଶେଷ ପ୍ରକାରର ଧ୍ରୁବୀୟ କକ୍ଷପଥ ଯେଉଁଥିରେ ଉପଗ୍ରହଗୁଡ଼ିକ ସୂର୍ଯ୍ୟ ଚାରିପାଖରେ ପୃଥିବୀର ଘୂର୍ଣ୍ଣନ ହାର ସହିତ ସମାନ ହାରରେ ପୃଥିବୀକୁ ପରିକ୍ରମା କରିଥାନ୍ତି। ଗ୍ରିନ୍ଲାଣ୍ଡର ବିସ୍ତୃତ ବିସ୍ତାର ପ୍ରାନ୍ତର, ଖୋଲା ସମୁଦ୍ର ଏହାକୁ ଏକ ସମ୍ଭାବ୍ୟ ଆର୍କଟିକ୍ ଲଞ୍ଚ ହବ୍ କରିଛି।

# ଟ୍ରେନ ଉଡ଼ାଇବାକୁ ଆରଡିଏକ୍ସର ବ୍ୟବହାର

**ନୂଆଦିଲ୍ଲୀ:** ପଞ୍ଜାବର ଫତେଗଡ଼ ସାହିବ ଜିଲ୍ଲାର ସରହିନ୍ଦରେ ବଡ଼ ବିସ୍ଫୋରଣ। ଶୁକ୍ରବାର ମଧ୍ୟରାତ୍ରରେ ହୋଇଥିବା ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ରେଳ ଧାରଣା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ବାସ୍ତବରେ ଯାତ୍ରୀବାହୀ ଟ୍ରେନକୁ ଉଡ଼ାଇବାକୁ ଆରଡିଏକ୍ସର ବ୍ୟବହାର ହୋଇଥିଲା। କିନ୍ତୁ ସୌଭାଗ୍ୟବଶତଃ ବିଶେଷ କ୍ଷୟକ୍ଷତି ହୋଇନାହିଁ। ବିସ୍ଫୋରଣରେ କେବଳ ଗୋଟିଏ ମାଲବୋଝେଇ ଟ୍ରେନର ଇଞ୍ଜିନ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଟ୍ରେନର ଲୋକପାଇଲଟ ଆହତ ହୋଇଛନ୍ତି। ରେଳ ଅଧିକାରୀଙ୍କ କହିବା କଥା ଯେ ଟ୍ରେନର ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଟ୍ରେନଟି ମଧ୍ୟ ଅଧିକ କ୍ଷତିଗ୍ରସ୍ତ ହୋଇନାହିଁ। ରେଳ ଧାରଣା କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାର ମରାମତି କାମ ଶେଷ ହୋଇଛି। ଉକ୍ତ ଟ୍ରାକରେ ରେଳ ଚଳାଚଳ ମଧ୍ୟ ସ୍ୱାଭାବିକ ହୋଇଛି। ବିଳମ୍ବିତ ରାତିରେ ଫତେଗଡ଼ ସାହିବର ସରହିନ୍ଦ ରେଳ ଟ୍ରାକରେ ବିସ୍ଫୋରଣ ହୋଇଥିବା ଖବର ମିଳିଥିଲା। ବିସ୍ଫୋରଣ ବେଳେ ଗୋଟିଏ ମାଲବୋଝେଇ ଟ୍ରେନ ସେହି ଟ୍ରାକରେ ଯାଉଥିବାରୁ ଏହା କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ପଞ୍ଜାବ(Punjab) ମନ୍ତ୍ରୀ ସଞ୍ଜୀବ ଅରୋରା କହିଛନ୍ତି, "ଆତଙ୍କିତ ହେବାର କୌଣସି କାରଣ ନାହିଁ। ପଞ୍ଜାବ ପୁଲିସ୍ ସବୁ ସ୍ଥିତିର ମୁକାବିଲା କରିବାକୁ ସକ୍ଷମ। ଯଦି କେହି କୌଣସି ଭୁଲ କରିଛନ୍ତି, ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।" ପଞ୍ଜାବ କଂଗ୍ରେସ ନେତା ଅମରିନ୍ଦର ସିଂହ ରାଜା ୱାର୍ଣ୍ଣିଂ ଗୋଟିଏ ପୋଷ୍ଟରେ କହିଛନ୍ତି ଯେ "ରେଳ ଟ୍ରାକ ନିକଟରୁ ଆରଡିଏକ୍ସ ମିଳିଛି। ସାଧାରଣ ସ୍ଥାନରେ ବିସ୍ଫୋରଣ ହେଉଛି। ଏହା ସାଧାରଣ ଅପରାଧ ନୁହେଁ। ପଞ୍ଜାବକୁ ଅସ୍ଥିର କରିବା ଓ ଭୟ ସୃଷ୍ଟି କରିବା ପାଇଁ ଏସବୁ କରାଯାଉଛି।"ସ୍ପେଶାଲ ଡିଜିପି ଏସଏସ ଶ୍ରୀବାସ୍ତବଙ୍କ କହିବା କଥା ଯେ ଜାନୁଆରୀ ୨୬ ପାଇଁ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରତିବର୍ଷ ଭଳି ଏଥର ମଧ୍ୟ ସୁବ ବନ୍ଦୋବସ୍ତ ହୋଇଛି। ପୁଲିସ୍ ସମେତ ସବୁ ସୁରକ୍ଷାକର୍ମୀ ବିଭିନ୍ନ ସ୍ଥାନରେ ରହିଛନ୍ତି। ବିଭିନ୍ନ ସ୍ଥାନରେ ଚେକିଂ ବ୍ଲକିଂ ଚାଲିଛି। ଗୁଇନ୍ଦା ସୂଚନା ଆଧାରରେ ସବୁ କିଛି କରାଯାଉଥିବା ସେ କହିଛନ୍ତି।

# ସରକାର, ସିବିଆଇ ସହ ଆରବିଆଇକୁ ସୁପ୍ରିମକୋର୍ଟଙ୍କ ନୋଟିସ୍



**ନୂଆଦିଲ୍ଲୀ:** ପୁଣି ଏକ ବଡ଼ ସାଇବର୍ ଠକେଇର ମାମଲା ସାମ୍ନାକୁ ଆସିଛି। ଜେଣେ ବ୍ୟକ୍ତିଙ୍କଠୁ ୧ଲକ୍ଷ କି ୧କୋଟି ଟଙ୍କା ନୁହେଁ ପୂରା ୨୩ କୋଟି ଟଙ୍କା ଲୁଟିନେଇଛି ସାଇବର ଠକ। ସାଇବର ଠକଙ୍କ ଜାଲରେ ନପଡ଼ିବା ପାଇଁ ପ୍ରତିଦିନ ସଚେତନ କରାଯାଉଛି। ସରକାରଙ୍କ ତରଫରୁ ହେଉ, ପୁଲିସ ତରଫରୁ ହେଉ କି ଗଣମାଧ୍ୟମ ଦ୍ୱାରା ହେଉ ସୁବୁ କ୍ଷେତ୍ରରେ ଲୋକଙ୍କୁ ସାଇବର ଫ୍ରଡରୁ ବଞ୍ଚିବା ପାଇଁ ସଚେତନ କରାଯାଉଛି। ତଥାପି ଲୋକେ ସାଇବର ଠକଙ୍କ ଶିକାର ହେଉଛନ୍ତି। ବର୍ତ୍ତମାନ ସାଇବର ଠକ ଲୋକଙ୍କୁ ଡିଜିଟାଲ୍ ଆରେଷ୍ଟ କରି ଟଙ୍କା ଲୁଟି ନେଉଛନ୍ତି। ଏହିଭଳି ଅନେକ ଖବର ଟିଭି କିମ୍ବା ପେପରରେ ପଢ଼ିଥିବେ। ଠିକ୍ ସେହିଭଳି ଆଜି ଆଉ ଏକ ଖବର ସାମ୍ନାକୁ ଆସିଛି, ଯାହାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ସିବିଆଇ ଏବଂ ଆରବିଆଇକୁ ନୋଟିସ୍ ଜାରି କରିଛନ୍ତି। ସୂଚନା ଆଧାରରେ ନରେଶ ମଲହୋତ୍ରା ନାମକ ଜଣେ ୭୮ ବର୍ଷିୟ ବୃଦ୍ଧଙ୍କୁ ଟାର୍ଗେଟ୍ କରିଥିଲା ସାଇବର ଠକ। ସାଇବର୍ ଅପରାଧୀମାନେ ନିଜକୁ ଇଡି ଏବଂ ସିବିଆଇ ଅଧିକାରୀର ପରିଚୟ ଦେଇ ଅବସରପ୍ରାପ୍ତ ବ୍ୟାଙ୍କର ନରେଶ ମଲହୋତ୍ରାଙ୍କୁ ପ୍ରାୟ ୧ମାସ ଧରି ଡିଜିଟାଲ୍ ଆରେଷ୍ଟ କରି ରଖିଥିଲା ଏବଂ ପରେ ତାଙ୍କଠୁ ୨୩ କୋଟି ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି। ନରେଶଙ୍କ ଅଭିଯୋଗ ଆଧାରରେ ତାଙ୍କ ଆଧାର କାର୍ଡ, ଡ୍ରଗ୍ସ ଚାଲାଣ, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା ଏବଂ ପୁଲବାମା ଆତଙ୍କୀ ଆକ୍ରମଣ ସହ ଜଡ଼ିତ ବୋଲି ସାଇବର ଠକ କହିଥିଲା। ତାପରେ ତଦନ୍ତ ବାହାନାରେ ନରେଶଙ୍କୁ ୧ମାସ ଧରି ଡିଜିଟାଲ୍ ଆରେଷ୍ଟ କରି ରଖିଥିଲା। ତାଙ୍କଠୁ ୨୨.୯୨ କୋଟି ଟଙ୍କା ଲୁଟିନେଇଥିଲା। ଯାହାକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାର, ସିବିଆଇ ଏବଂ ଆରବିଆକୁ ନୋଟିସ୍ ଜାରି କରିଛନ୍ତି। ପୁଲିସର କହିବା ଅନୁସାରେ ତାଙ୍କୁ ଘରୁ ନବାହାରିବାକୁ ଠକମାନେ ନିର୍ଦ୍ଦେଶ ଦେଇଥିଲେ ଏବଂ ଗୋଟିଏ ମାସ ମଧ୍ୟରେ ତାଙ୍କର ସଞ୍ଚୟ ଧନକୁ ଭିନ୍ନ ଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ବାଧ କରିଥିଲେ। ପରେ ଠକାମୀର ଶିକାର ହୋଇଥିବା ଜାଣି ନରେଶ ସାଇବର ଥାନାରେ ଅଭିଯୋଗ କରିଥିଲେ, ଆଉ ଅଭିଯୋଗ ପରେ ଘଟଣାଟି ସାମ୍ନାକୁ ଆସିଛି।

# ଖାଲି ପଡ଼ିଛି ଦେଶରେ ୧୮,୦୦୦ରୁ ଅଧିକ ପିଜି ମେଡିକାଲ ସିଟ୍

ନୂଆଦିଲ୍ଲୀ: ଡାକ୍ତରଙ୍କ ସ୍ନାତକୋତ୍ତର ପ୍ରବେଶ ପାଇଁ ଏନ୍ଇଇଟି ପିଜି ପରୀକ୍ଷାକୁ ନେଇ ବିବାଦ ଦେଖାଯାଇଛି। ଚଳିତ ବର୍ଷ ଦ୍ୱିତୀୟ ରାଉଣ୍ଡ କାଉନସେଲିଂ ପରେ ସାରା ଦେଶର ମେଡିକାଲ କଲେଜରେ ୧୮,୦୦୦ ପିଜି ସିଟ୍ ଖାଲି ପଡ଼ିଛି। ଏହାପରେ ଏସ୍ସି/ଏସ୍ଟି/ଓବିସି ପରି ସଂରକ୍ଷିତ ବର୍ଗର ଛାତ୍ରଙ୍କ ନିଟ୍ ପିଜି -୨୦୨୫ ପରୀକ୍ଷା କଟ୍-ଅଫ୍ ଜିରୋ ପର୍ସେଣ୍ଟାଇଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ନେଗେଟିଭ ୪୦ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ଆଡମିସନ ମିଳିପାରିବ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଅନ୍ତର୍ଗତ ରାଷ୍ଟ୍ରୀୟ ପରୀକ୍ଷା ବୋର୍ଡ଼ (ଏନ୍ବିଇ) ୧୩ ଜାନୁଆରିରେ ଏକ ନୋଟିଫିକେସନ ଜାରି କରିଥିଲା, ଯେଉଁଥିରେ ପିଜି (ଏମ୍ଡି/ଏମ୍ଏସ୍) ରେ ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଖାଲି ଆସନରେ ପ୍ରବେଶ ପାଇଁ ଯୋଗ୍ୟତାକୁ ସହଜ କରାଯାଇଛି। ନୂଆ କଟ୍-ଅଫ୍ ଅପଡେଟ୍ରେ ସାଧାରଣ ଓ ଆର୍ଥିକ ଦୁର୍ବଳ ବର୍ଗ ପାଇଁ ଯୋଗ୍ୟତା ୭ ପର୍ସେଣ୍ଟାଇଲ ପର୍ଯ୍ୟନ୍ତ କରିଦିଆଯାଇଛି। ଦିବ୍ୟାଙ୍ଗ ବର୍ଗ (ପିଡବ୍ଲ୍ୟୁଡି) ୫ ପର୍ସେଣ୍ଟାଇଲ ଓ ଏସ୍ସି/ଏସ୍ଟି/ଓବିସି ପରି ସଂରକ୍ଷିତ ବର୍ଗର ଛାତ୍ରଙ୍କ କଟ୍-ଅଫ୍ ଜିରୋ ପର୍ସେଣ୍ଟାଇଲ ପର୍ଯ୍ୟନ୍ତ କରିଦିଆଯାଇଛି। ଏହାପୂର୍ବରୁ ସାଧାରଣବର୍ଗ ପାଇଁ ପାଇଁ କଟ୍ଅଫ୍- ୫୦ ପର୍ସେଣ୍ଟାଇଲ, ପିଡବ୍ଲ୍ୟୁଡି ବର୍ଗ ପାଇଁ ୪୫ ପର୍ସେଣ୍ଟାଇଲ ଓ ସଂରକ୍ଷିତ ବର୍ଗ ପାଇଁ ୪୦ ପର୍ସେଣ୍ଟାଇଲ ରହିଥିଲା। ଏହାଦ୍ୱାରା ଦେଶରେ ସରକାରୀ ତଥା ଘରୋଇ ମେଡିକାଲ କଲେଜରେ ୧୮,୦୦୦ ଅଧିକ ସିଟ୍ ଖାଲି ପଡ଼ିଛି। ଏତେ ସିଟ୍ ଖାଲି ଛାଡ଼ିବା ଦ୍ୱାରା ଦେଶରେ ସଂଶାଧନ ନଷ୍ଟ ହେବା ସହିତ ଡାକ୍ତରଙ୍କ ଅଭାବ ଦେଖାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

# 'ଫିସ୍କାଲ ଡେଫିସିଟ'ର ଅର୍ଥ କ'ଣ?

**ନୂଆଦିଲ୍ଲୀ:** ଆଗାମୀ ୧ ଫେବୃଆରୀ ୨୦୨୬ ଐତିହାସିକ ହୋଇପାରେ। ଭାରତ ଇତିହାସରେ ପ୍ରଥମ ଥର କେନ୍ଦ୍ର ବଜେଟ୍ ରବିବାର ସଂସଦରେ ଉପସ୍ଥାପନ ହେବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଯେତେବେଳେ ସଂସଦରେ ବଜେଟ୍ ଅଭିଭାଷଣ ପାଠ କରୁଥିବେ ସାରା ଦେଶର ନଜର ତାଙ୍କ ଉପରେ ଥିବ। ଖାସ କରି ସେତେବେଳେ ଯେତେବେଳେ ଭାରତୀୟ ରପ୍ତାନୀ ଉପରେ ଆମେରିକା ସର୍ବାଧିକ ୫୦%ର ଟାରିଫ ଲଗେଇ ରଖିଛି। ହେଲେ କେନ୍ଦ୍ର ବଜେଟ୍ ଭାଷଣରେ ଏପରି ଅନେକ ଶବ୍ଦ ବ୍ୟବହାର ହୁଏ ଯାହା ସାଧାରଣ ଲୋକଙ୍କ ବୋଧର ବାହାରେ। ବଜେଟ୍ କୁ ଡିକୋଡ କରିବା ପାଇଁ ଆମେ ଏଠାରେ ସେହି ଶବ୍ଦଗୁଡିକୁ ସହଜ ଓ ସରଳ ଭାଷାରେ ଗୋଟିଏ ଧାଡିରେ ବୁଝେଇ ଦେଉଛୁ।

ମୁଦ୍ରାସ୍ଫୀତି

ମୁଦ୍ରାସ୍ଫୀତିକୁ ସରଳ ଭାଷାରେ ବୁଝିବାକୁ ହେଲେ ଆପଣଙ୍କ ପକେଟରେ ଥିବା ପଇସାର ମୂଲ୍ୟ ଯେତେବେଳେ କମିଯାଏ ଓ ଆପଣ କିଣୁଥିବା ସାମଗ୍ରୀ ମହଙ୍ଗା ହୋଇଯାଏ, ଅର୍ଥାତ ଆପଣ ସମାନ ପଇସାରେ ପୂର୍ବାପେକ୍ଷା କମ୍ ସାମଗ୍ରୀ କିଣିବା ହିଁ ମୁଦ୍ରାସ୍ଫୀତି। ଦେଶରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ଥିଲେ ବଜାରରେ ସାମଗ୍ରୀ ଦର ନିୟନ୍ତ୍ରଣରେ ଥାଏ ଓ ଲୋକେ ସ୍ୱଳ୍ପ ବ୍ୟୟରେ ଅଧିକ ସାମଗ୍ରୀ କିଣି ପାରିଥାନ୍ତି। ମୁଦ୍ରାସ୍ଫୀତି ଅନିୟନ୍ତ୍ରୀତ ହେଲେ ବଜାରରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଦର ମହଙ୍ଗା ହୋଇଯାଏ। ଓ ଲୋକଙ୍କ କ୍ରୟକ୍ଷମତା କମିଯାଏ।

ଜିଡିପି

କୌଣସି ଦେଶର ସୀମା ମଧ୍ୟରେ ଏକ ନିଶ୍ଚିତ ଅବଧି (ସାଧାରଣତଃ ୧ ବର୍ଷ) ରେ ଉତ୍ପାଦିତ ହୋଇଥିବା ସମସ୍ତ ବସ୍ତୁ ଓ ସେବାର ମୋଟ ମୌଦ୍ରିକ ଅଥବା ବଜାର ମୂଲ୍ୟ କୁ ଗ୍ରସ ଡୋମେଷ୍ଟିକ ପ୍ରଡକ୍ଟ ବା ଜିଡିପି କୁହାଯାଏ।




ଏଥିରୁ ଦେଶର ଅର୍ଥବ୍ୟବସ୍ଥାର ଆକାର ସ୍ପଷ୍ଟ ହୋଇଥାଏ। ବଜେଟ୍ ଅଭିଭାଷଣରେ ଜିଡିପି ଶବ୍ଦର ଗୁରୁତ୍ୱପୂର୍ଣ୍ଣ ଅର୍ଥ ରହିଛି। ଏହା ଦେଶର ମୋଟ ଆର୍ଥିକ ପରିସ୍ଥିତିକୁ ଦର୍ଶାଇଥାଏ। ଏହା ଦେଶ ଆର୍ଥିକ ମୋର୍ଚ୍ଚାରେ ଆଗକୁ ଯାଉଛି କି ପଛଉଛି ତାହା ଜଣାପଡେ।

ଫିସ୍କାଲ ଡେଫିସିଟ୍ ବା ଆର୍ଥିକ ନିଅଣ୍ଟ

ଫିସ୍କାଲ ଡେଫିସିଟ (ଆର୍ଥିକ ନିଅଣ୍ଟ) ହେଉଛି ସରକାରଙ୍କ ଖର୍ଚ୍ଚ ତୁଳନାରେ ଆୟ ହ୍ରାସ ହେବା। ଆର୍ଥିକ ନିଅଣ୍ଟର ହିସାବ ମୋଟ ଜିଡିପି ପ୍ରତିଶତରୁ ଅଧିକ ଖର୍ଚ୍ଚ ହେବା। କୌଣସି ପରିସ୍ଥିତିରେ ଆୟର ତଥ୍ୟରେ କେବଳ କର ଓ ଅନ୍ୟ ରାଜସ୍ୱ ହିସାବ ସାମିଲ ହୋଇଥାଏ ଓ ଏହି ଅଭାବ ପୂରଣ କରିବାକୁ ସରକାର ଋଣ କରିଥାନ୍ତି। ହେଲେ ହିସାବରେ ଋଣ ବାବଦ ଆହରଣ ହିସାବ ହୁଏ ନାହିଁ। ରାଜସ୍ୱ ନିଅଣ୍ଟ ରାଜସ୍ୱ ଋଣ ଠାରୁ ଭିନ୍ନ ହୋଇଥାଏ। ରାଜସ୍ୱ ଋଣ ରାଜସ୍ୱ ବ୍ୟୟ ବର୍ଷ କାଳରେ ମିଳିଥିବା ମୋଟ ଋଣକୁ ବୁଝା ଯାଏ।

କ୍ୟାପିଟାଲ ଏକ୍ସପେଣ୍ଡିଚର

ଏହାକୁ ଭଲ ଖର୍ଚ୍ଚ ଭାବେ ବୁଝା ଯାଏ। ଯେତେବେଳେ ସରକାର ସଡ଼କ, ପୋଲ, ମେସିନାରୀ ଅଥବା ସ୍କୁଲ, ହସ୍ପିଟାଲ ନିର୍ମାଣରେ ଅର୍ଥ ବ୍ୟୟ କରନ୍ତି ତାକୁ କ୍ୟାପିଟାଲ ଏକ୍ସପେଣ୍ଡିଚର ବୋଲି କହନ୍ତି। ଏହା ଭବିଷ୍ୟତରେ ଦେଶର ସମ୍ପତ୍ତି ହୋଇଥାଏ। ଏହି ସମ୍ପତ୍ତି ଆଧାରରେ ଦେଶର ସ୍ୱଚ୍ଛଳତା ଜଣା ପଡିଥାଏ।

ରେଭିନ୍ୟୁ ଏକ୍ସପେଣ୍ଡିଚର

ଏହା ସରକାରଙ୍କ ଦୈନନ୍ଦିନ ଖର୍ଚ୍ଚ। ଏଥିରେ ସରକାର କର୍ମଚାରୀଙ୍କ ବେତନ, ପେନସନ, ସବସିଡି ଆଦିରେ ବ୍ୟୟ କରନ୍ତି। ଏହି ବ୍ୟୟରୁ ଦେଶର କୌଣସି ସମ୍ପତ୍ତି ତିଆରି ହୋଇ ନଥାଏ। କେବଳ ସରକାରଙ୍କ ସିଷ୍ଟମ ଚାଲି ରହେ। ଏହାକୁ ରେଭିନ୍ୟୁ ଏକ୍ସପେଣ୍ଡିଚର ବା ରାଜସ୍ୱ ବ୍ୟୟ କୁହାଯାଏ।

ଡାଇରେକ୍ଟ ଟ୍ୟାକ୍ସ

ଏହା ସେହି କର ଯାହା ନାଗରିକ ସିଧାସଳଖ ସରକାରଙ୍କୁ ଦେଇଥାନ୍ତି। ଯେପରି ଆୟକର (ଇନକମ ଟ୍ୟାକ୍ସ ) ଓ କର୍ପୋରେଟ ଟ୍ୟାକ୍ସ। ଏହାର ବୋଝ ଆପଣ ଆଉ କାହା ଉପରେ ଲଦି ପାରିବେନି। ସିଧାସଳଖ ସରକାରଙ୍କୁ ଦେଇଥାନ୍ତି।

ଇନଡାଇରେକ୍ଟ ଟ୍ୟାକ୍ସ

ଯେଉଁ କର ଆପଣ ଅପ୍ରତ୍ୟକ୍ଷରେ ସରକାରଙ୍କୁ ଦେଇଥାନ୍ତି। ଯେପରିକି ଦୋକାନରୁ ସଉଦା କିଣିବା ବେଳେ ଏଥିରେ ଦିଆଯାଉଥିବା ଶୁଳ୍କ। ଏହି ଶୁଳ୍କ ଦୋକାନୀ ଅଥବା କମ୍ପାନୀ ସରକାରଙ୍କୁ ପୈଠ କରିଥାନ୍ତି। ଯେପରିକି ଜିଏସଟି ଓ ଏକ୍ସାଇଜ୍ ଡ୍ୟୁଟି। ଏହା ଅପ୍ରତ୍ୟକ୍ଷ କର ଶ୍ରେଣୀରେ ଆସୁଛି।

କଷ୍ଟମ ଡ୍ୟୁଟି

ଯେତେବେଳେ କୌଣସି ଜିନିଷ ବିଦେଶରୁ ଭାରତକୁ ଆସେ (ଆମଦାନୀ) ଅଥବା ଭାରତରୁ ବିଦେଶକୁ ପଠାଯାଏ (ରପ୍ତାନୀ) ସେତେବେଳେ ସାମଗ୍ରୀ ଉପରେ ଲାଗୁ ହେଉଥିବା ଶୁଳ୍କକୁ କଷ୍ଟମ ଡ୍ୟୁଟି କୁହାଯାଏ।

ଫିସ୍କାଲ ପଲିସି

ଏହା ସରକାରଙ୍କ ସେହି ନୀତି ଯେଉଁଥିରେ ସେ ଟ୍ୟାକ୍ସ ଓ ବ୍ୟୟ ମାଧ୍ୟମରେ ଦେଶର ଅର୍ଥନୀତିକୁ ନିୟନ୍ତ୍ରିତ କରନ୍ତି। ଏହା ବଜେଟର ଅଂଶବିଶେଷ। ଏହାକୁ ରାଜସ୍ୱନୀତି କୁହାଯାଏ।

ଡିସଇନଭେଷ୍ଟମେଣ୍ଟ

ଯେତେବେଳେ ସରକାର କରିଥିବା ନିବେଶକୁ କାଢି ନିଅନ୍ତି ତାକୁ ଡିସଇନଭେଷ୍ଟମେଣ୍ଟ ବା ବିନିବେଶ କହନ୍ତି। ସରକାର ଦେଶର ବିକାଶରେ ଅନେକ ନିବେଶ କରିଥାନ୍ତି। ଏଥିରେ ବ୍ୟାଙ୍କ ଓ ସାର୍ବଜନିକ ଉପକ୍ରମ ସବୁ ଗଢା ହୋଇଥାଏ। ଏଥିରେ ସରକାରଙ୍କ ସିଂହଭାଗ ନିବେଶ ଥାଏ। ଯେତେବେଳେ ସରକାର ତାଙ୍କ ନିବେଶ କାଢିବାକୁ ନିଷ୍ପତ୍ତି ନିଅନ୍ତି ଓ ନିଜର ସେୟାର ବିକ୍ରି କରନ୍ତି ତାକୁ ଡିସଇନଭେଷ୍ଟମେଣ୍ଟ କୁହାଯାଏ।

# ଧନୀ କରିଦେବ ଅଷ୍ଟମ ବେତନ କମିଶନ !

**ନୂଆଦିଲ୍ଲୀ:** ଅଷ୍ଟମ ବେତନ କମିଶନକୁ ନେଇ ଚାଲିଛି ଆଲୋଚନା ଓ ବୈଠକ। କେବଳ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା। ପୂର୍ବରୁ ମିଳିଲାଣି ଗ୍ରୀନ ସିଗନାଲ। ବିଶେଷଜ୍ଞଙ୍କ ମତାମତ ଓ ଅତୀତର ଧାରା ଆଧାରରେ ଆଇଏଏସ୍ ଅଧିକାରୀଙ୍କ ଦରମା ବୃଦ୍ଧିର ଏକ ଆନୁମାନିକ ରୂପରେଖା ପ୍ରସ୍ତୁତ କରାଯାଇପାରିବ। ପ୍ରତି ୧୦ ବର୍ଷରେ ଏକ ନୂଆ ବେତନ କମିଶନ ଲାଗୁ କରାଯାଏ। ୨୦୧୬ରେ ୭ମ ବେତନ କମିଶନ ଲାଗୁ ହୋଇଥିଲା। ଏହି ଆଧାରରେ ୨୦୨୬ ରେ ୮ମ ବେତନ କମିଶନ କାର୍ଯ୍ୟକାରୀ ହେବାର ଆଶା କରାଯାଉଛି। ଆସନ୍ତୁ ଜାଣିବା କାହାର କେତେ ଟଙ୍କା ବୃଦ୍ଧି ପାଇ?

ଫିଟମେଣ୍ଟ ଫ୍ୟାକ୍ଟର କେଉଁ କାରଣଗୁଡ଼ିକ ଉପରେ ନିର୍ଭର କରେ?

ମୁଦ୍ରାସ୍ଫୀତି ଏବଂ ଜୀବନଯାପନ ଖର୍ଚ୍ଚ
ସିପିଆଇ ଏବଂ ସିପିଆଇ-ଆଇଡବ୍ଲୁ ପରିସଂଖ୍ୟାନ
ସରକାରୀ ଆର୍ଥିକ ଏବଂ ବଜେଟ୍
ମୋଟ ଦରମା ଖର୍ଚ୍ଚ ସୀମା
ବେସରକାରୀ କ୍ଷେତ୍ର ସହିତ ଦରମା ତୁଳନା

ଡକ୍ଟର ମନଜିତ ପଟେଲ ବ୍ୟାଖ୍ୟା କରନ୍ତି ଯେ ଫିଟମେଣ୍ଟ ଫ୍ୟାକ୍ଟର ହେଉଛି ଏକ ଗୁଣକ ଯାହା ନୂଆ ମୌଳିକ ଦରମା ନିର୍ଣ୍ଣୟ କରିବା ପାଇଁ ବର୍ତ୍ତମାନର ମୌଳିକ ଦରମାକୁ ଗୁଣନ କରିବାକୁ ବ୍ୟବହୃତ ହୁଏ। ଫିଟମେଣ୍ଟ ଫ୍ୟାକ୍ଟର ଯେତେ ଅଧିକ ହେବ, ଦରମା ଓ ପେନସନ ସେତେ ଅଧିକ ହେବ।

ଫିଟମେଣ୍ଟ ଫ୍ୟାକ୍ଟର କିପରି କାମ କରେ: ଏହାକୁ ଗଣନା ମାଧ୍ୟମରେ ବୁଝନ୍ତୁ। ଯଦି ଜଣେ କର୍ମଚାରୀଙ୍କ ବର୍ତ୍ତମାନର ମୂଳ ଦରମା ୧୮,୦୦୦ ଟଙ୍କା ଏବଂ ଫିଟମେଣ୍ଟ ଫ୍ୟାକ୍ଟର ୨.୬୪ ସ୍ଥିର ହୋଇଛି, ତେବେ: □୩୪,୫୦୦ × ୨.୬୪ = □୯୩,୪୫୬

ଏହାର ଅର୍ଥ ହେଉଛି ମୂଳ ଦରମା ସିଧାସଳଖ ୯୩,୪୫୬କୁ ବୃଦ୍ଧି ପାଇବ। ଡକ୍ଟର ମନଜିତ ପଟେଲଙ୍କ ଅନୁସାରେ, ଏଥର ତିନୋଟି ଫିଟମେଣ୍ଟ ଫ୍ୟାକ୍ଟର ମଧ୍ୟରୁ ଗୋଟିଏ ପ୍ରୟୋଗ ହୋଇପାରେ: ୨.୧୩, ୨.୬୪, ଏବଂ ୨.୮୦। ୨.୧୩ ଫିଟମେଣ୍ଟ ଫ୍ୟାକ୍ଟର ଅର୍ଥ 'ନା ଲାଭ, ନା କ୍ଷତି' ପରିସ୍ଥିତି। ୨.୬୪ କୁ ସର୍ବନିମ୍ନ ଫେୟାର ଫିଟମେଣ୍ଟ ଫ୍ୟାକ୍ଟର ଭାବରେ ବିବେଚନା କରାଯାଏ।

## ▶▶ ଜୁନିୟର ବିଶ୍ୱକପ

# ନ୍ୟୁଜିଲାଣ୍ଡକୁ ଧରାଶାୟୀ କଲା ଭାରତ



ବୁଲାୱାଓ,୨୪।୧(ଏଜେନ୍ସି): ୧୯ ବର୍ଷରୁ କମ୍ ଆଇସିସି ପୁରୁଷ ବିଶ୍ୱକପରେ ଭାରତର ଜମାଣିଆ ପ୍ରଦର୍ଶନ ଜାରି ରହିଛି । ଡକୱଥ ଲୁଇସ ନିୟମ ଅନୁଯାୟୀ ଭାରତ ୭ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାଜିତ କରିଛି । ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ୩୬.୨ ଓଭରରେ ୧୩୫ ରନ କରିଥିଲା । ଜବାବରେ ଭାରତ ୧୩.୩ ଓଭରରେ ୧୩୦/୩ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

ନ୍ୟୁଜିଲାଣ୍ଡ ପକ୍ଷରୁ ସ୍ନେହଥ ରେଡ୍ଡୀ ୧୦, ଜାକବ କଟର ୨୩, ଜସ୍କରନ ସାନ୍ଧୁ ୧୮, କଲମ ସାନସନ ଅପରାଜିତ ୩୭ ଓ ସେଲୱିନ ସଞ୍ଜୟ ୨୮ ରନ୍ କରିଥିଲେ । ଭାରତର ଆରଏସ ଆମ୍ବ୍ରିସ ୪ଟି, ହେନିଲ ପଟେଲ ୩ଟି, ଖିଲାନ ପଟେଲ, ଅହମ୍ମଦ ଇନାନ ଏବଂ କନିସ୍କ ଚୌହାନ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ । ୩୭ ଓଭରରେ ଭାରତ ପାଇଁ ୧୩୦ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଆରୋନ ଜର୍ଜ ୭, ବୈଭଭ ସୂର୍ଯ୍ୟବଂଶୀ ୪୦, ଆୟୁଷ ମହାତ୍ରେ ୫୩, ଭିହାନ ମଲହୋତ୍ରା ୧୭ ଓ ବେଦାନ୍ତ ତ୍ରିବେଦୀ ୧୩ ରନ୍ କରିଥିଲେ । ତେଣୁ ଭାରତ ୧୩.୩ ଓଭରରେ ୧୩୦/୩ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା ।

## ରଣଜୀ ଟ୍ରଫି

# ପରାଜୟ ଏଡାଇବାକୁ ଓଡ଼ିଶାର ସଂଘର୍ଷ



ଭୁବନେଶ୍ୱର,୨୪।୧(ସବ୍ୟୁ): ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍ ଏ'ର ଷଷ୍ଠ ପର୍ଯ୍ୟାୟ ମୁକାବିଲାରେ ତାମିଲନାଡୁ ଜମାଣିଆ ପ୍ରଦର୍ଶନ ଦେଖାଇଛି । ଭ୍ରମଣକାରୀ ଦଳ ଓଡ଼ିଶା ବିପକ୍ଷରେ ୪୫୫ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ କରିଛି । ତୃତୀୟ ଦିବସ ଷ୍ଟମ୍ପଅପସାରଣ ସୁଧା ଓଡ଼ିଶା ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ୧୫.୩ ଓଭରରେ ୨ ୱିକେଟ୍ ହରାଇ ୪୭ ରନ୍ କରିଛି । ମ୍ୟାଚ ଜିତିବା ପାଇଁ ଓଡ଼ିଶାକୁ ଆଉ ୪୦୮ ରନର ଆବଶ୍ୟକତା ଥିବା ବେଳେ ହାତରେ ଆଉ ୮ ୱିକେଟ୍ ରହିଛି । ପୁଣିଥରେ ସ୍ୱସ୍ତିକ ସାମଲ ଓ ସାନ୍ତନୁ ମିଶ୍ର ବିଫଳ ହୋଇ ଦଳକୁ ଜମାଣିଆ ଆରମ୍ଭ ଦେଇପାରିନାହାନ୍ତି । ଅଧିନାୟକ ଶୁଭ୍ରାଂଶୁ ସେନାପତି ୩୬ ରନ କରି ଅପରାଜିତ ଅଛନ୍ତି । ମ୍ୟାଚର ଶେଷ ଦିନ ଓଡ଼ିଶାକୁ ମ୍ୟାଚ ବଞ୍ଚାଇବା ପାଇଁ କଡା ସଂଘର୍ଷ କରିବାକୁ ପଡିବ । ପୂର୍ବରୁ ତାମିଲନାଡୁ ପ୍ରଥମ ଇନିଂସରେ ୨୮୬ ରନ୍ ଓ ଦ୍ୱିତୀୟ ଇନିଂସରେ ୩୧୬ ରନ କରିଥିଲା । ଓଡ଼ିଶା ପ୍ରଥମ ଇନିଂସରେ ୧୪୮ ରନ୍ କରି ଇନିଂସ ପଛୁଆ ରହିଥିଲା ।

ଅସମାପ୍ତ ପ୍ରଥମ ଇନିଂସ ୨୬/୧ରୁ ତାମିଲନାଡୁ ବ୍ୟାଟିଂ ଆରମ୍ଭ କରିଥିଲା । ପାଖା ପାଖି ଅଢ଼େଇଟି ଅଧିବେଶନ ବ୍ୟାଟିଂ କରି ତାମିଲନାଡୁ ଖେଳାଳି ଦଳୀୟ ସ୍କୋରକୁ ୮୮.୨ ଓଭରରେ ୩୧୬ ରନରେ ପହଞ୍ଚାଇ ଦେଇଥିଲେ । ଓପନର ଅତୀସ ୮୮, ପ୍ରଦୋଷ ରଞ୍ଜନ ପାଲ ୨୨, ଗୁରୁସ୍ୱାମୀ ଅଜିତେଶ ୪୯ ରନ, ସୋନୁ ଯାଦବ ୭୪, ଅଧିନାୟକ ସାଇ କିଶୋର ୪୦ ରନ କରିଥିଲେ । ଓଡ଼ିଶାର ବାଦଲ ବିଶ୍ୱାଳ ୩ଟି, ବିପ୍ଳବ ସାମନ୍ତରାୟ ଓ ସମ୍ବିତ ବରାଳ ଦୁଇଟି ଲେଖାଏଁ, ଦେବବ୍ରତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର ଓ ସାନ୍ତନୁ ମିଶ୍ର ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ ।

୪୫୫ ରନର ବିଜୟଲକ୍ଷ୍ୟକୁ ଓଡ଼ିଶା ପିଛା କରିଥିଲା । ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଓଡ଼ିଶା ଦଳ ମଧ ଦ୍ୱିତୀୟ ଇନିଂସରେ ୨ ପ୍ରାରମ୍ଭିକ ବ୍ୟାଟରଙ୍କୁ ହରାଇ ସାରିଛି । ସାନ୍ତନୁ ମିଶ୍ର ୧୧ଟି ବଲର ସମ୍ମୁଖୀନ ହୋଇ ରନ ଖାତା ଖୋଲିପାରିନଥିଲେ । ସ୍ୱସ୍ତିକ ସାମଲ ୪୮ଟି ବଲ ଖେଳି ୧୦ ରନ୍ କରିଛନ୍ତି । ତେବେ ଅଧିନାୟକ ଶୁଭ୍ରାଂଶୁ ସେନାପତି ଅପରାଜିତ ୩୬ ରନ୍ କରି ଦଳର ବ୍ୟାଟିଂ ମଙ୍ଗ ଧରିଛନ୍ତି । ତାମିଲନାଡୁର ସୋନୁ ଯାଦବ ଓ ସାଇ କିଶୋରଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଛି ।

# ରଘୁନାଥପୁର ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫି ସେମିରେ ରାମେଶ୍ୱର ସ୍ପୋର୍ଟିଂ, ଡିଆରକେ

ଭଣ୍ଡାରିପୋଖରୀ,୨୪।୧(ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ରଘୁନାଥପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଅଦୈତ ନାୟକ ମେମୋରିଆଲ ୧୯ତମ ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫିର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ଭଦ୍ରକ ୟୁନିକ୍ ୧୧ ଓ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଏକାଦଶ ମଧ୍ୟରେ ଶନିବାର ପ୍ରଥମାର୍ଦ୍ଧରେ ଅନୁଷ୍ଠିତ ହୋଇଥିଲା । ରାମେଶ୍ୱର ସ୍ପୋର୍ଟିଂ ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତିନେଇଥିଲେ । ଏହି ଦଳ ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ ହରାଇ ୧୯୦ରନ ସ୍କୋର କରିଥିଲା । ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ସ୍ୱାନ୍ସ କୁମାର ଧୂଆଁଧାର ୬୫ ରନ, ସ୍ୱଙ୍ଗ ପଣ୍ଡା ୫୬ ଓ ଏମ.ଜି. ଗୋପାଇ ୫୦ ରନ ହାସଲ କରିଥିଲେ । ପ୍ରତିପକ୍ଷ ବୋଲର ଗୌରବ ସିଂ ଓ ଆଲୋକ ବାରିକ ପ୍ରତ୍ୟେକ ୨ ଉଇକେଟ ହାସଲ କରିଥିଲେ । ଜବାବରେ ଭଦ୍ରକ ୟୁନିକ୍ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ ହାସଲ କରି ପରାଜିତ ହୋଇଥିଲା । ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ବିଶ୍ୱ ମୁଦୁଲି ୪୮ ରନହାସଲ କରିଥିଲେ । ପ୍ରତିପକ୍ଷ ବୋଲର ବାବୁସାନ ମାଝୀ ୪ ଉଇକେଟ ଓ ବିଶ୍ୱଜିତ ୩ ଉଇକେଟ ହାସଲ କରିଥିଲେ । ସାଂଗସ କୁମାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିପରି ଦିବସର ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ଶେଷ କ୍ୱାଟର ଫାଇନାଲ ମ୍ୟାଚ ଗଜପତି ଆଜାଦ କ୍ରିକେଟ କ୍ଲବ ଏକାଦଶ ଓ ବାରିପଦା ଡିଆରକେ କ୍ରିକେଟ କ୍ଲବ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଜାଦ ଦଳ ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୯ ରନ ସ୍କୋର କରିଥିଲା । ଦଳର ବ୍ୟାଟ୍ସମ୍ୟାନ ହିମାଂଶୁ ସାହୁ ୨୮ ରନ ଓ ଆଲୋକ ପ୍ରଧାନ ୧୬ ରନ ହାସଲ କରିଥିଲେ । ବିପକ୍ଷ ବୋଲର ପ୍ରୀତିପାଲ ସିଂ ଓ ଲୋକନାଥ ପ୍ରତ୍ୟେକ ୩ ଉଇକେଟ ଓ ମନୁ ରାମ ୨ ଉଇକେଟ ହାସଲ କରିଥିଲେ । ଜବାବରେ ବାରିପଦା ଏକାଦଶ ୧୬.୪ ଓଭରରେ ୬ ଉଇକେଟ ହରାଇ ୧୦୦ ରନ ସ୍କୋର କରି ବିଜୟୀ ହୋଇଥିଲା । ଦଳର ବ୍ୟାଟ୍ସମ୍ୟାନ ବିଶ୍ୱଜିତ ଜେନା ୩୩ ସ୍କୋର କରିଥିଲେ । ବିପକ୍ଷ ଦଳ ବୋଲରବିକାଶ ପରିଡା ଓ ତାପସ ଲେଙ୍କା ପ୍ରତ୍ୟେକ ୨ ଉଇକେଟ ହାସଲ କରିଥିଲେ । ପ୍ରୀତିପାଲ ସିଂ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅମ୍ପାୟର ରଞ୍ଜନ ମହାନ୍ତି, ଆଶୁତୋଷ ପାଣି, ଲଲାଟ କେଶରୀ ନନ୍ଦ, ସ୍କୋରର ଭାବେ ରାକେଶ ରଞ୍ଜନ ବୋଇତାଇ, ଜୟନ୍ତ ନାୟକ, ଆଶୁତୋଷ ସାହୁ, ପାର୍ଥ ମାଝୀ ଓ ବୀରକିଶୋର ମାଝୀ ମ୍ୟାଚ ପରିଚାଳନା କରିଥିଲେ ।

## ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ

# ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଉଗ୍ରତାରା ବିଜୟୀ

ସାକ୍ଷୀଗୋପାଳ,୨୪।୧(ସବ୍ୟୁ): ସାକ୍ଷୀଗୋପାଳ ତା ପଞ୍ଚସଖା ମେମୋରିଆଲ କ୍ଲବ, ସାକ୍ଷୀଗୋପାଳ ଦ୍ୱାରା ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ବିରାମ ଦିବସରେ ପଞ୍ଚସଖା ମେମୋରିଆଲ କ୍ଲବ ଓ ମା ଉଗ୍ରତାରା କ୍ରିକେଟ ଏକାଡେମୀ, ତୁଳସିଚଉରା ଚନ୍ଦନପୁର ର ଉଣେଇଶ ବର୍ଷରୁ କମ ଖେଳାଳୀ ମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସାକ୍ଷୀଗୋପାଳ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚରେ ପଞ୍ଚସଖା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ଦୁର୍ଗାପ୍ରସାଦ ଦାସଙ୍କର ୧୦୧ ରନ ସହାୟତାରେ ୨୩୯ ରନ ସଂଗ୍ରହ କରିଥିଲେ ଜବାବରେ ତୁଳସୀ ଚଉରା,ଚନ୍ଦନପୁର ଦଳ ୨୪୦ ରନ କରି ବିଜୟ ହାସଲ କରିଥିଲେ । ଆଜିର ମ୍ୟାଚ କୁ ପ୍ରଶାନ୍ତ ଶତପଥୀ ଓ ଚନ୍ଦ୍ରମାଧବ ଦାଶ ପରିଚାଳନା କରିଥିଲେ । ଖେଳ ଶେଷରେ ଚନ୍ଦନପୁର ଏକାଦଶର ଶକ୍ତିଜିତ ଶତପଥିଙ୍କୁ ତାଙ୍କର ଆକର୍ଷଣୀୟ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ପୁରସ୍କାର ଓସ୍କାର କ୍ଲବ ଭୁବନେଶ୍ୱର ପୂର୍ବତନ ଖେଳାଳୀ ଓ କୋଚ ମନୋଜ କୁମାର ମହାରଣା ପ୍ରଦାନ କରିଥିଲେ । ଆଜିର ମ୍ୟାଚରେ ଭାଷ୍ୟକାର ରାଧାକ୍ରିଷ୍ଣ ମୁନା ସିଂ ସମ୍ପୂର୍ଣ୍ଣ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ । ଆସନ୍ତାକାଲି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ପୁରୀ ପାୟୋନିୟର୍ସ ଓ ଜଟଣୀ କ୍ରିକେଟ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ପଞ୍ଚସଖାର ସମ୍ପାଦକ ଉମାଶଙ୍କର ମହାପାତ୍ର ଜଣାଇଛନ୍ତି ।

# ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା ଉଦଘାଟିତ



ଭୁବନେଶ୍ୱର,୨୪।୧(ସବ୍ୟୁ): ଓଡିଶା ଉଷୁ ଆସୋସିଏସନ ସହଭାଗିତାରେ ଖୋର୍ଦ୍ଧା ଉଷୁ ଆସୋସିଏସନ ପକ୍ଷରୁ ଦୁଇଦିନିଆ ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତା ଭୁବନେଶ୍ୱର ରୟାଲ କଲେଜ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପରିସରରେ ଶନିବାର ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ୨୧ଟି ଜିଲାରୁ ୩୫୦ରୁ ଅଧିକ ପୁରୁଷ ଓ ମହିଳା ପ୍ରତିଯୋଗୀ ଓ ୫୦ଜଣ କର୍ମକର୍ତ୍ତା ଅଂଶଗ୍ରହଣ କରିଛନ୍ତି । ଉଦଘାଟନୀ ଉତ୍ସବରେ ଓଡିଶା ଅଲମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ଅଧକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ଉଷୁ ଆସୋସିଏସନ ପ୍ରତିଷ୍ଠାତା ତଥା ଅଧକ୍ଷ ଇଂ. ଏସ.ଏସ. ହରିଚନ୍ଦନ, ସଭାପତି ଇଂ. ବିଷ୍ଣୁମୋହନ ମହାନ୍ତି, ସାଧାରଣ ସମ୍ପାଦକ ଯୁବରାଜ ହରିଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ । ରବିବାର ଏହି ପ୍ରତିଯୋଗିତା ଉଦଯାପିତ ହେବ ।

## ▶▶ ଭାମଣ୍ଡା କପ କ୍ରିକେଟ

# ଫାଇନାଲରେ ଆୟୋଜକ ଭାମଣ୍ଡା

ରାଜକନିକା,୨୪।୧(ସବ୍ୟୁ):ରାଜକନିକା ବ୍ଲକ ଭାମଣ୍ଡା ନୃସିଂହ ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମୁକେଶ ପଟ୍ଟନାୟକ ଙ୍କ ପ୍ରାୟୋଜିତ ଜିଲ୍ଲା ସ୍ତରୀୟ ଭାମଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଦ୍ୱିତୀୟ ସେମି ଫାଇନାଲ ଖେଳ ରେ ଆୟୋଜକ ଏନ ଏନ ୱାଇ କ୍ଲବ ଭାମଣ୍ଡା, ଦେବଗଡ଼ କୁ ଭେଟିଥିଲା ଏଥିରେ ଭାମଣ୍ଡା ୮୦ ରନ ରେ ବିଜୟ ଲାଭ କରି ଦ୍ୱିତୀୟ ଦଳ ଭାବେ ଫାଇନାଲ ରେ ପ୍ରବେଶ କରିଛି । ଭାମଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୮୪ ରନ କରିଥିବାବେଳେ ଦେବଗଡ଼ ୧୭.୫ ଓଭର ରେ ସମସ୍ତ ୱିକେଟ ହରାଇ ୧୦୪ ରନ କରି ପରାଜୟ ବରଣ କରିଛି ରଂଜନ ମହାପାତ୍ର ଓ ବିଶ୍ୱଜିତ ଅଧିକାରୀ ଖେଳ ପରିଚାଳନା କରିଥିଲେ । ଏହି ଖେଳ ରେ ଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ ନାୟକ ଏବଂ ମାନସ ପଟ୍ଟନାୟକ ଯୋଗ ଦେଇ ବିଜେତା ଦଳ ର ୩୪ ରନ କରି ୪ ୱିକେଟ ନେଇଥିବା ନିଲୁ ପ୍ରଧାନ ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲ ।

# ସର୍ବଭାରତୀୟ ଭଗବତୀ ଫୁଟବଲ :ଫାଇନାଲରେ ଏଫଏଫ ଏ ମଣିପୁର



ନିରାକାରପୁର,୨୪।୧(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା ଭଗବତୀ ଫୁଟବଲ ଆସୋସିଏସନ ଆନୁକୁଲ୍ୟରେ ଚାଲିଥିବା ୧୩ ତମ ସର୍ବ ଭାରତୀୟ ଭଗବତୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଦ୍ୱିତୀୟ ଲିଗ ମ୍ୟାଚରେ ମା କାମାକ୍ଷା ସ୍ପୋର୍ଟ୍ସ କ୍ଲବ ,ବକ୍ସର, ବିହାର ଓ ଏଫ ଏଫ ଏ ମଣିପୁର, ଇମ୍ଫାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ଶେଷ ବେଳକୁ ଏଫ ଏଫ ଏ ମଣିପୁର,ଇମ୍ଫାଲ ୨-୦ ଗୋଲରେ ଅଗ୍ରଣୀ ରହି ମା କାମାକ୍ଷା ସ୍ପୋର୍ଟସ କ୍ଲବ ,ବକ୍ସର, ବିହାର କୁ ପରାସ୍ତ କରି ଫାଇନାଲ ମ୍ୟାଚ କୁ ପ୍ରବେଶ କରିଛି । ଆଜିର ଖେଳକୁ ଆଲୋକ ଦେହୁରୀ, ଏମ ଏସ ବେଗ ,ଶିବ ସାମନ୍ତରାୟ ଓ ଶରତ କୁମାର ଛୋଟରାୟ ପ୍ରମୁଖ ପରିଚାଳନା କରିଥିଲେ । ଆଜିର ଅତିଥିଭାବେ ବିଶିଷ୍ଟ ସମାଜସେବୀ ଦେବରାଜ ବରିସଲ , ବିଭବ ରୀୟଲଷ୍ଟେଟ ଏମ ଡି ବିନୟକୃଷ୍ଣ ଦାସ ଓ ଯୁବ ସମାଜସେବୀ ଦୁର୍ଗା ମାଧବ ରାୟ , ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ କୁମାର ମହାପାତ୍ର ,ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର , କୋଷାଧକ୍ଷ ଶେଖ ଇସ୍ରାଏଲ ଓ ବୀରେନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତାକାଲି ଫାଇନାଲ ମ୍ୟାଚ ଏଫ ଏଫ ଏ ମଣିପୁର ବନାମ ଏ୯ ଏକାଡେମୀ , କଲିକତା ମଧ୍ୟରେ ଅନୁଷ୍ଠିତ ହେବ ।

# ଇଟିପୁର ପ୍ରିମିୟର ଲିଗ୍ ଉଦଘାଟିତ



ଭୁବନେଶ୍ୱର,୨୪।୧(ସବ୍ୟୁ): ଇଟିପୁର ପ୍ରିମିୟର ଲିଗର ଷଷ୍ଠ ସଂସ୍କରଣ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ୬ଟି ଦଳ ଯଥା ଜୟପୁର ସୁପରକିଙ୍ଗ୍ସ, ବଜରଙ୍ଗୀ ଫାଇଟର, ପଶ୍ଚିମେଶ୍ୱର ବୁଲ୍ସ, ବୁଢ଼ୀ ମଙ୍ଗଳା ଟାଇଗର, ମା ଜାଗେଶ୍ୱରୀ ଏବଂ ମା ନାରାୟଣୀ ଲାୟନ୍ସ ଅଂଶଗ୍ରହଣ କରିଛନ୍ତି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ନିରୁପମା ସାହୁ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ସାହୁ, ପୂର୍ବତନ ସରପଞ୍ଚ ଆଲୋକ ରଞ୍ଜନ ସାହୁ ତଥା ଆୟୋଜନ କମିଟି ସମ୍ପାଦକ ଆଶିଷ ବେହେରା ଉପସ୍ଥିତ ଥିଲେ ।






## ଓଡ଼ିଶା ଓପନ ଇଣ୍ଟରନ୍ୟାସନାଲ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ

# ଅଭିଜିତ ଗୁପ୍ତା ଚାମ୍ପିଅନ



ଭୁବନେଶ୍ୱର,୨୪।୧(ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ୧୬ତମ ଓଡ଼ିଶା ଓପନ ଇଣ୍ଟରନ୍ୟାସନାଲ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୫ଥର କମନୱେଲଥ ଚାମ୍ପିଅନ ଗ୍ରାଣ୍ଡମାଷ୍ଟର୍ସ ଅଭିଜିତ ଗୁପ୍ତା ଚାମ୍ପିଅନ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ମୋଟ୍ ୧୩୭୬ ଜଣ ୪ଟି ଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ । ଏମାନଙ୍କୁ ମୋଟ୍ ୪୫ ଲକ୍ଷ୍ୟ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଏ' ବର୍ଗରେ ଗ୍ରାଣ୍ଡମାଷ୍ଟର୍ସ ଅଭିଜିତ ଗୁପ୍ତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଭିଏତନାମ ଗ୍ରାଣ୍ଡମାଷ୍ଟର୍ସ ଗୁଏନ ଡୁକ ହୋଆ ଏବଂ ଗୁଏନଭାନ ହୁୟେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ରୁଷିଆର ଗ୍ରାଣ୍ଡମାଷ୍ଟର୍ସ ବୋରିସ ଶ୍ଚବଚେଙ୍କୋ ଏବଂ ଡେଭିଡ ଗୁଚାସଭିଲି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ୫ଜଣ ଖେଳାଳି ୧୦ ରାଉଣ୍ଡରୁ ୮ ପଏଣ୍ଟ ଲେଖାଏଁ ହାସଲ କରି ସମାନ ସ୍ଥିତିରେ ରହିଥିଲେ । ତେଣୁ ଫାଇନାଲ ଷ୍ଟାଣ୍ଡିଂ ପାଇଁ ଟାଇବ୍ରେକରର ସହାୟତା ନିଆଯାଇଥିଲା । କାଟାଗୋରି ଏ'ର ଚାମ୍ପିଅନଙ୍କୁ ୫.୫ ଲକ୍ଷ ଟଙ୍କା, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ୩.୫ ଲକ୍ଷ ଓ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଓଡ଼ିଶାର ଆଶୀର୍ବାଦ ସ୍ୱାଇଁ ୭ ପଏଣ୍ଟ ହାସଲ କରି ପ୍ରତିଯୋଗିତାରେ ୧୬ତମ ସ୍ଥାନରେ ରହିଛନ୍ତି । ସି' ବର୍ଗରେ ଝାଡ଼ଖଣ୍ଡର ବୈଭବ ଶ' ଚାମ୍ପିଅନ ହୋଇଛନ୍ତି । ତାଙ୍କୁ ୧ ଲକ୍ଷ ଟଙ୍କା ସହ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିଲା । ସି' ବର୍ଗରେ ମୋଟ୍ ୪୪୫ ଜଣ ଖେଳାଳି ଭାଗ ନେଇଥିଲେ । ସମସ୍ତ ପୁରସ୍କାର ବିଜେତାଙ୍କୁ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଦେବବ୍ରତ ଭଟ୍ଟ ଅଭିନନ୍ଦନ ଜଣାଇଛନ୍ତି । ପୁରସ୍କାର ବିତରଣ ଉତ୍ସବର ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ରଞ୍ଜୀବ ସାହୁ, କାଳନ୍ଦୀ ସାମଲ, ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଟ୍ଟ, ଅଭିଶେକ ମିତ୍ର, ସୁଜିତ କୁମାର ରାଉତ, ନୀଳାଦ୍ରି, ରାକେଶ ଦଳେଇ, ଗୋପ କୁମାର, ପଲ ଆରୋକିଆ ରାଜ, ମୁଖ୍ୟ ଅର୍ବିଟର କରୁଣାକର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ ।

# ପୁଣି କ୍ରିକେଟ୍ ପଡିଆକୁ ଫେରିଲେ ଧୋନି

ରାଞ୍ଚି,୨୪।୧(ଏଜେନ୍ସି): ମହେନ୍ଦ୍ର ସିଂ ଧୋନି ପୁଣି କ୍ରିକେଟ୍ ପଡିଆକୁ ଫେରିଛନ୍ତି । ଆଇପିଏଲର ନୂଆ ଋତୁ ଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ନେଟ ଅଭ୍ୟାସ ପାଇଁ ପ୍ୟାଡ ପିନ୍ଧୁ ଥିବାର ଭିଡ଼ିଓ ନିଜ ଇନଷ୍ଟାଗ୍ରାମ ପୃଷ୍ଠାରେ ପ୍ରକାଶ କରି ଝାଡ଼ଖଣ୍ଡ କ୍ରିକେଟ୍ ସଂଘ ସୂଚନା ଦେଇଛନ୍ତି । ଗତ ଜୁଲାଇ ମାସରେ ଧୋନି ୪୫ ବର୍ଷ ବୟସରେ ପାଦ ଥାପି ଥିଲେ । ମାର୍ଚ୍ଚରେ ନିଜ ଖେଳ ଜୀବନର ୧୯ତମ ଆଇପିଏଲ ଖେଳିବେ । ତାଙ୍କ ଦଳ ଚେନ୍ନାଇ ସୁପରକିଙ୍ଗ୍ସ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ରହିଥିଲା । ୧୪ ମ୍ୟାଚରୁ କେବଳ ୪ଟି ଜିତିଥିଲା । ଆହତ ହୋଇଥିଲେ ଯୁବ ବ୍ୟାଟର ଋତୁରାଜ । ତେଣୁ କିଛି ମ୍ୟାଚରେ ଧୋନି ଦଳର ନେତୃତ୍ୱ ନେଇଥିଲେ । ଧୋନି ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇଛନ୍ତି । ଆଇପିଏଲ ଖେଳିବା ଜାରି ରଖିଛନ୍ତି ଧୋନି । ଏପର୍ଯ୍ୟନ୍ତ ସେ ୨୭୮ଟି ମ୍ୟାଚ ଖେଳି ୨୪ଟି ଅର୍ଦ୍ଧଶତକ ସହ ୫,୪୩୯ ରନ୍ କରିଛନ୍ତି ।








Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି